ମୋର ବୁଢ଼ାଦାଦା ମଧୁସୂଦନ ଦାସ

Digitized by srujanika@gmail.com

ମୋର ବୁଢ଼ାଦାଦା ମଧୁସୂଦନ ଦାସ

ବୁଢ଼ାଦାଦା,

ଆପଣ ଆଜି ନାହାନ୍ତି; କିନ୍ତୁ ଆପଣ ତ ଇତିହାସ, ଜାତିର ପରମ୍ପରା । ଆପଣଙ୍କର ସ୍ମୃତି ଆମର ସଂଖାଳି; ସ୍ମୃତିକଥା । ତେଣୁ ଆପଣଙ୍କର ସ୍ମୃତିରେହିଁ ମୁଁ ଏ ବହି ଅର୍ପଣ କରୁଛି ।

ଅନୀତା ଘୋଷ (ନାତୁଣୀ)

Digitized by srujanika@gmail.com

First Edition : 1999 (1000 copies)

Published by :

Mrs. ANITA GHOSH
Birat Bazar, Charbatia
Cuttack - 754028 (Orissa)

Printed at :

Pooja Process
Reba Colony, Kafla
Cuttack.

D.T.P. by :

Prasant Kumar Jena
Multi-Tek Computer Graphics
High Court Square, Cuttack - 2
Ph. : (0671) 630827

© Reserved with Author
Mrs. **Anita Ghosh**
Birat Bazar, Charbatia
Cuttack - 754028 (Orissa)

Price : Rs. 36/-

Attention Please : While every effort has been taken to ensure editing, printing and publishing without mistake or omission, The book "Mora Budhadada Madhusudan Das" is circulated and sold on the condition and understanding that the printers, publishers, editors would not be liable in any manner to any person for any mistake or omission in the book.

Digitized by srujanika@gmail.com

କୃତଜ୍ଞତା

''ମୋର ବୁଢ଼ାଦାଦା'' ମଧୁସୂଦନ ଦାସଙ୍କ ଉପରେ ସଙ୍କଳିତ ଏହି କ୍ଷୁଦ୍ର ପୁସ୍ତକଟି ଶେଷକରି ଏହାର ପ୍ରକାଶନ ଦେଖିବାପାଇଁ ମୋର ପ୍ରବଳ ଇଚ୍ଛା ଥିଲା ।

ଯେଉଁମାନେ ତାଙ୍କୁ ପ୍ରେମ ଓ ଭକ୍ତି କରନ୍ତି ସେମାନଙ୍କ ହାତରେ ଏହି କ୍ଷୁଦ୍ର ପୁସ୍ତକଟିକୁ ପହଞ୍ଚାଇବାପାଇଁ ମୋତେ ଦୀର୍ଘ ଦୁଇବର୍ଷ ପରିଶ୍ରମ କରିବାକୁ ପଡିଛି ।

ବୁଢ଼ାଦାଦା ଯେ'କି ଆମ ପରିବାରରେ ବିଶେଷ ଭାବରେ ଭକ୍ତି ଓ ସମ୍ମାନ ପାଉଥିଲେ ତାଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭୂତି ଓ ଘଟଣାବଳୀ ପ୍ରକାଶନର ଏହା ଏକ ବିନମ୍ର ପ୍ରଚେଷ୍ଟା । ଏହାଦ୍ୱାରା ଓଡିଶାର ଯେଉଁ ଲୋକମାନଙ୍କୁ ସେ ଏତେ ଆନ୍ତରିକ ଭାବେ ଭଲ ପାଉଥିଲେ ଓ ଯେଉଁମାନଙ୍କର ଉନ୍ନତିପାଇଁ ଏତେ ଚେଷ୍ଟା କରୁଥିଲେ, ସେମାନେ ତାଙ୍କ ଜୀବନକୁ ଗଭୀର ଭାବେ ଅନୁଧ୍ୟାନ କରି ଉତ୍ସାହିତ ହେବେ ବୋଲି ମୁଁ ଆଶା କରେ ।

ସାହିତ୍ୟିକ ଡଃ ରତ୍ନାକର ଚଇନି ଏହି ପୁସ୍ତକର ମୁଖବନ୍ଧ ଲେଖିଥିବାରୁ ଏବଂ ପୁସ୍ତକର ସଫଳତାରେ ଉତ୍ସାହ ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ ଚିର ଋଣୀ । ବହିର ସଫଳ ରୂପାୟନପାଇଁ ଶ୍ରୀ ସୁଶୀଲ କୁମାର ବେହେରାଙ୍କ ଉତ୍ସାହ ଓ ସାହାଯ୍ୟପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ । ବାବୁ ଗିରିଜାଭୂଷଣ ପଟ୍ଟନାୟକ ମହାଶୟ ଏହି ପୁସ୍ତକ ଲେଖିବା ଓ ପ୍ରକାଶ କରିବାପାଇଁ ମୋତେ ବିଶେଷ ଉତ୍ସାହ ଓ ପ୍ରେରଣା ଦେଇଥିବାରୁ ମୁଁ ତାଙ୍କ ନିକଟରେ ଋଣୀ ।

ଏହାର ପାଣ୍ଡୁଲିପି ସଂଶୋଧନରେ ସାହାଯ୍ୟ କରିଥିବାରୁ ପ୍ରଦୀପ ଓ ମୀତାଙ୍କ ନିକଟରେ ମୁଁ କୃତଜ୍ଞ । ମୋହନ, ସବିତା ଓ କବିତାଙ୍କ ନିକଟରେ ମଧ ମୁଁ ଋଣୀ । ଯେତେବେଳେ ଯାହା ସାହାଯ୍ୟ ଚାହିଁଛି ତାହା ମୋର ପରିବାର ଓ ବନ୍ଧୁବାନ୍ଧବଙ୍କ ନିକଟରୁ ଅକୁଣ୍ଠ ଚିତ୍ତରେ ପାଇଥିବାରୁ ମୁଁ ସେମାନଙ୍କ ନିକଟରେ ମଧ କୃତଜ୍ଞ ।

ମୋର ପୁଅ, ବୋହୂ ଓ ଭାଇ ନିରଞ୍ଜନ ଏହି ପାଣ୍ଡୁଲିପି ଲେଖିବାରେ ଓ ସଜାଡିବାରେ ମୋତେ ସାହାଯ୍ୟ କରିଥିବାରୁ ସେମାନଙ୍କ ନିକଟରେ ମୁଁ ଋଣୀ । ମଲ୍ଟିଟେକ୍ କମ୍ପ୍ୟୁଟର ସେଣ୍ଟରର ପ୍ରଶାନ୍ତ ଓ ସାଥିମାନେ ଏହି ପୁସ୍ତକ ପ୍ରକାଶନରେ ମୋତେ ସାହାଯ୍ୟ କରିଥିବାରୁ ସେମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି ।

ଶେଷରେ ଅନ୍ୟ ଯେଉଁମାନେ ଏହି ପୁସ୍ତକ ପ୍ରକାଶନରେ ପ୍ରେରଣା, ଉତ୍ସାହ ଓ ସାହାଯ୍ୟ ଦେଇଛନ୍ତି ସେହି ସମସ୍ତଙ୍କ ନିକଟରେ ମୁଁ ଋଣୀ ।

ଅନୀତା ଘୋଷ

Digitized by srujanika@gmail.com

ନ କହିଥିଲେ ଚଳନ୍ତା

'ମୋର ବୁଢ଼ାଦାଦା' ବହିଟିର ପାଣ୍ଡୁଲିପି ପଢ଼ିଲାବେଳେ ମନେ ହେଲା, ମୁଁ ଯେମିତି ସ୍ମୃତିସିକ୍ତ ସକାଳର ସଜଳ ଗଙ୍ଗଶିଉଳି ମେଞ୍ଚାଏ ଧରିଛି; ସୁନ୍ଦର ମହକ । ପଢ଼ିବା ଆରମ୍ଭ କଲେ ଶେଷ ନକରି ଉଠିହେଉନି । ମତେ ଏତେ ଭଲ ଲାଗିବାର କାରଣ, ବୋଧହୁଏ, ମୁଁ ମଧୁବାବୁଙ୍କୁ ମୋ ଅପହୃତ ଗୌରବମୟ ସାମ୍ରାଜ୍ୟର ସମ୍ରାଟ ଆସନରେ ବସାଇଛି ବୋଲି ।

ମଧୁବାବୁଙ୍କ ଜୀବନୀକୁ କେନ୍ଦ୍ରକରି ଓଡ଼ିଆରେ କେତେ ଖଣ୍ଡ ଭଲ ବହି ଲେଖା ଯାଇଛି । ବିଶେଷ କରି ସୁରେନ୍ଦ୍ର ମହାନ୍ତିଙ୍କ ଲେଖାମାନ ଏ ଦିଗରେ ଅତ୍ୟନ୍ତ ଉଲ୍ଲେଖନୀୟ । ତେବେ ତାହା ଜଣେ ମହାନ୍ ସ୍ରଷ୍ଟାର ସୃଜନାତ୍ମକ ଅବଦାନ । ମାତ୍ର ଅନୁଭବ ଓ ଉନ୍ମାଦନାକୁ ପାଥେୟ କରି ମଧୁବାବୁଙ୍କୁ ନିବିଡ ଭାବେ ଉପଲବ୍ଧି କରିଥିବା ଏହି ଲେଖିକା ଅନୀତା ଘୋଷଙ୍କ ରଚନା କେବଳ ସୁଖପାଠ୍ୟ ବା ସ୍ୱାଦିଷ୍ଟ ନୁହେଁ - ଏହା ଚଳମାନ ସମୟ ସହିତ ଏକ ଅନ୍ତରଙ୍ଗ ଆଳାପ ।

ସେ କହିଛନ୍ତି ନିଜ ବିଷୟରେ । ସେତକ କହି ନଥିଲେ ଏ ଲେଖା ଏତେ ବିଶ୍ୱସ୍ତ ହୋଇ ନଥାନ୍ତା । ପାଠକ ପ୍ରାଣରେ ଏତେ ନିବିଡ ପ୍ରଭାବ ପକାଇ ପାରନ୍ତା ନାହିଁ । ଏହି ବହିଟି ପଢ଼ିଲାବେଳେ, ମନେହେଲା, ଜଣେ ଲୋକ ହଜିଲା ଦିନର ଅକୁହା କାହାଣୀ ଗୁଡିକ ଲିଭିଯିବା ପୂର୍ବରୁ ସାଉଁଟି ଆଣି ସ୍ମୃତିର ପେଡିରେ ସାଇତି ଦେଇ ଯାଉଛନ୍ତି ।

ଅନୀତା ଘୋଷ ମଧୁବାବୁଙ୍କ ବନ୍ଧୁ ଅମ୍ବିକାଚରଣଙ୍କ ସାନପୁଅ ଜିତେନ୍ଦ୍ରକୁମାର ହାଜରାଙ୍କ କନ୍ୟା; ଅର୍ଥାତ୍ ଶୈଳବାଳାଙ୍କ ଭାଇଙ୍କର ଝିଅ । ପାରିବାରିକ ବୃତ୍ତରେ ମଧୁବାବୁଙ୍କ ସକଳ ସ୍ମୃତି ଏବେ ବି ତାଙ୍କ ହୃଦୟରେ ଜୀବନ୍ତ । ସେଇ ସ୍ମୃତିସିକ୍ତ ମୁହୂର୍ତ୍ତର କେତେକ ଘଟଣାକୁ ଏଥିରେ ସେ ଲିପିବଦ୍ଧ କରିଛନ୍ତି । ତାଙ୍କର କହିବାର ଢ଼ଙ୍ଗ ବେଶ୍ ଆକର୍ଷଣୀୟ । ସଂଯୋଜନା ଓ ମୁଦ୍ରଣ ତ୍ରୁଟିକୁ ଆଖି ଆଗରୁ ଦୂରେଇ ନେଲେ 'ମୋର ବୁଢ଼ାଦାଦା' ବହିଟି ମଧୁବାବୁଙ୍କ ଅମର ସ୍ମୃତି ପ୍ରତି ଏକ ମନୋଜ୍ଞ ଉପହାର ।

Digitized by srujanika@gmail.com

ଅଧିକାଂଶ ଲେଖକ ମଧୁବାବୁଙ୍କୁ ଦୂରରୁ ଦେଖିଛନ୍ତି । ଏ ଜାତିର ପିତାମହ ଭୀଷ୍ମ ଭଳି ଦୂରରୁ ତାଙ୍କୁ ଭକ୍ତିପୂତ ପ୍ରଣାମ କରିଛନ୍ତି । ତାଙ୍କର ମହନୀୟ ଅବଦାନକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ନିର୍ମମ କାଳ ପ୍ରତି ଉପହାସ କରିଛନ୍ତି । ବାରମ୍ବାର କହିବାକୁ ଚାହିଁଛନ୍ତି - 'ହେ ପିତାମହ ! ତୁମର କୀର୍ତ୍ତିଠାରୁ ତୁମେ ଆହୁରି ମହତ' । ତା' ସତ୍ତ୍ୱେ କୋଉଠି କେମିତି କିଛି ଅଭାବ ରହି ଯାଉଥିଲା ଭଳି ଲାଗୁଥିଲା । ଆଜି ତାହା ପୂରଣ ହୋଇଗଲା - ଅନୀତା ଘୋଷଙ୍କ 'ମୋର ବୁଢ଼ାଦାଦା' ଉପସ୍ଥିତିରେ । ଏଥିରେ ମଧୁବାବୁଙ୍କ ଯେଉଁ ଦୁର୍ଲଭ ଚିଠି କେତେ ଖଣ୍ଡ ସ୍ଥାନିତ ହୋଇଛି ତାହା ନିଶ୍ଚିତ ଭାବେ ମହାର୍ଘ ।

'ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର' - ତାହା କରିପାରୁଥିଲେ ମଣିଷ ସମ୍ଭବତଃ ନିସ୍ତାର ପାଇ ପାରନ୍ତା । ଲେଖିକାଙ୍କ ସ୍ମୃତି ଓ ଅନୁଭୂତି ଏଭଳି ସୁନ୍ଦର ଗ୍ରନ୍ଥଟିଏ ଲେଖିବାକୁ ପ୍ରେରଣା ଦେଇଛି । ଏହା ଓଡ଼ିଆ ଭାଷା-ସାହିତ୍ୟରେ ଏକ ଅମୂଲ୍ୟ ସମ୍ପଦ ହୋଇ ରହିବ , ଏଥିରେ ଦ୍ୱିମତ ନାହିଁ ।

ରତ୍ନାକର ଚଇନି

ତା . ୨୮.୪.୧୯୯୯ ରିଖ

●●●

Digitized by srujanika@gmail.com

ସୂଚିପତ୍ର

ବିଷୟ	ପୃଷ୍ଠା
ସୂଚନା	୧
ପାଠ୍ୟାବସ୍ଥା ଓ ଧର୍ମାନ୍ତର	୨
ମୋର ପିତାମହ	୩
ଶୈଳବାଳାଙ୍କ ବାଲ୍ୟକାଳ	୪
ଘରର ଇତିହାସ	୬
ଘଟଣାବଳୀ	୯
କାବ୍ୟପ୍ରୀତି	୨୦
ଦେଶ ସ୍ୱାସ୍ଥ୍ୟ ବିଭାଗ	୨୩
ବୁଢ଼ାଦାଦାଙ୍କ ରସିକତା	୨୪
ଆତିଥ୍ୟ	୨୫
ମଧୁବାବୁଙ୍କ ବଙ୍ଗପ୍ରୀତି	୨୬
ଦେଶପ୍ରୀତି	୨୭
ମଧୁବାବୁଙ୍କ ସ୍ୱପ୍ନ	୨୯
ମନ୍ତ୍ରୀତ୍ୱ ତ୍ୟାଗ	୩୦
ନାରୀଶିକ୍ଷା	୩୦
ଦେଶର ଶିଳ୍ପ ଉନ୍ନୟନ	୩୨
ଶିଶୁ କଲ୍ୟାଣ	୩୩
ଖଣ୍ଡିତ ଓଡ଼ିଶା	୩୩
ଓଡ଼ିଶାର ସ୍ୱତନ୍ତ୍ରତା	୩୫
ତାଙ୍କର କାର୍ଯ୍ୟ ଓ ଚେଷ୍ଟା	୩୭
ମନ୍ତ୍ରୀତ୍ୱ ଗ୍ରହଣ	୩୯
ଦେବାଳିଆ	୪୦
ଖ୍ରୀଷ୍ଟିୟାନ୍ ସମ୍ମିଳନୀ	୪୧
ତିରୋଧାନ	୪୪
ଝିଅମାନଙ୍କୁ ଦେଇଥିବା ଚିଠି	୪୭

●●●

Digitized by srujanika@gmail.com

— ସୂଚନା —

ମୋର ବୁଢ଼ାବାପା ମଧୁସୂଦନ ଦାସଙ୍କର ମଧୁମୟ ଜୀବନରୁ କିଛି ମଧୁ ସଂଗ୍ରହ କରି ତାକୁ ବାଣ୍ଟିଦେବାରେ ଚେଷ୍ଟା କରୁଛି । ବିଚାରର ମାପକାଠିରେ ମାପିବାକୁ ଗଲେ ମୁଁ ବିଚାରରେ ପଡ଼ିଯିବି; କିନ୍ତୁ ଅନ୍ତରର ନିବିଡ଼ତମ ସ୍ପର୍ଶରେ ଲେଖିଲେ ତାକୁ ଠିକ୍ ଭାବେ ଅଭିବ୍ୟକ୍ତ କରିପାରିବି । ମନୁଷ୍ୟକୁ ବିଚାର କରିବା ସହଜ; କିନ୍ତୁ ତାକୁ ବୁଝିବା ସହଜ ନୁହେଁ । ସେଥିପାଇଁ ଆବଶ୍ୟକ ପ୍ରେମର ସ୍ପର୍ଶ । ପ୍ରତ୍ୟେକ ଜୀବନ ପଛରେ ଈଶ୍ୱରଙ୍କର ଗୋଟିଏ ମହତ୍ ଉଦ୍ଦେଶ୍ୟ ଅଛି । ସେହି ଉଦ୍ଦେଶ୍ୟ ସିଦ୍ଧି ହେଲେ କାର୍ଯ୍ୟ ସମାପ୍ତ ହୁଏ । ସେତେବେଳେ ସେପାରିରୁ ଡାକରା ଆସିଲେ ଏ ଜଗତ ଛାଡ଼ି ଚାଲିଯିବାକୁ ପଡ଼େ । ଉଦ୍ଦେଶ୍ୟ- ବିହୀନ ଜୀବନ ଦୁର୍ବହ, କ୍ଳାନ୍ତିକର, ଶାନ୍ତିହୀନ । ବିଳାସର ଜୀବନ ମନୁଷ୍ୟକୁ ଧ୍ୱଂସ ପଥରେ ଟାଣିନିଏ, କିନ୍ତୁ କୃତିତ୍ୱର ଜୀବନ ଦିଏ ସଫଳତା । ତାହା ମନୁଷ୍ୟମାନଙ୍କ ପାଇଁ କଲ୍ୟାଣକର ଏବଂ ମଙ୍ଗଳଜନକ । ସେହି ସାର୍ଥକ ଜୀବନ ପାଇବାକୁ ହେଲେ ଈଶ୍ୱରଙ୍କ ହସ୍ତରେ ନିଜକୁ ସମର୍ପଣ କରିବାକୁ ହୁଏ । ସେତେବେଳେ ସେ ବୁଝିପାରେ ନିଜ ଜୀବନର ଉଦ୍ଦେଶ୍ୟ । ସେହି ସାର୍ଥକତାର ଜୀବନ ପାଇବାକୁ ହେଲେ ସତ୍ୟକୁ ଜାଣିବାକୁ ପଡ଼େ । ସେହି ସତ୍ୟ ଲାଭ କରିବାକୁ ହେଲେ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବେ ଜାଣିବା ପ୍ରୟୋଜନ । ତାଙ୍କୁ ଜାଣିଲେ ଜୀବନର ପ୍ରୟୋଜନତାର ଶେଷ ହୁଏ । ତାଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା ଆସେ । ସେହି ନିର୍ଭରଶୀଳ ଈଶ୍ୱରବିଶ୍ୱାସ ଜୀବନ, ଈଶ୍ୱରଙ୍କ ପ୍ରତି ପ୍ରେମ ଜାଗରିତ କରେ । ସେହି ଜୀବନ ମୋର ବୁଢ଼ାବାପା ପାଇଥିଲେ । ତାଙ୍କର ଜୀବନ ଥିଲା ଏକ ନିଃସଙ୍ଗ ଜୀବନ । ତଥାପି ତାରି ଉପରେ ସାହସର ସହ ଶେଷ ପର୍ଯ୍ୟନ୍ତ ଛିଡ଼ା ହୋଇପାରିଥିଲେ ଏବଂ ଜୀବନ-ଯୁଦ୍ଧରେ ଜୟୀ ହୋଇଥିଲେ । ତାଙ୍କୁ ବୁଝିବାକୁ ହେଲେ ଜାଣିବାକୁ ପଡ଼ିବ, କାହିଁକି ସେ ଧର୍ମାନ୍ତର ଗ୍ରହଣ କଲେ, କାହିଁକି ସେ ଓଡ଼ିଶାବାସୀ ହୋଇ ବଙ୍ଗଳାଦେଶ ଯାଇ ଶିକ୍ଷାପ୍ରାପ୍ତ ହେଲେ,

Digitized by srujanika@gmail.com

ପୁଣି ଫେରିଆସି ଜୀବନର ଶେଷପର୍ଯ୍ୟନ୍ତ କାହିଁକି ଓଡ଼ିଶାରେ ସେବାରେ ରତ ହେଲେ । କେଉଁଥିପାଇଁ ସେ ଦେବାଳିଆ ହୋଇ ନିଜର ସ୍ୱାର୍ଥ ଏବଂ ଅର୍ଥ ବିସର୍ଜନ କରି ଦେଶପ୍ରୀତିରେ ମାତି ଉଠିଥିଲେ ? କିଏ ତାଙ୍କୁ ଉତ୍ସାହ ଯୋଗାଇଥିଲା ?

ତାଙ୍କ ପିତାମହୀ ସତୀଦାହ ବରଣ କରି ଯେଉଁ ସତ୍ୟଭାମାପୁର ଗ୍ରାମକୁ ପ୍ରସିଦ୍ଧ କରିଥିଲେ, ସେହି ଗ୍ରାମରେ ୨୮ ଏପ୍ରିଲ୍ ୧୮୪୮ ଖ୍ରୀଷ୍ଟାବ୍ଦରେ ମଧୁବାବୁଙ୍କର ଜନ୍ମ । ଆବାରତୋକ ଦଳର ମଲ୍ଲ (ଯୋଦ୍ଧା)ମାନଙ୍କର ରକ୍ତ ତାଙ୍କ ଧମନୀରେ ପ୍ରବାହିତ ହେଉଥିଲା । କାରଣ ସେ ସେହି ଯୋଦ୍ଧା ପରିବାରଭୁକ୍ତ ଥିଲେ । ତାଙ୍କ ପରିବାର ଅନ୍ୟ ଏକ ସ୍ଥାନରୁ ଆସି ସତ୍ୟଭାମାପୁର ଗ୍ରାମରେ ବସତି ସ୍ଥାପନ କରିଥିଲେ । କଟକର ସ୍କୁଲପାଠ ଶେଷ କରି ଉଚ୍ଚଶିକ୍ଷା ଲାଭପାଇଁ ମଧୁବାବୁଙ୍କୁ ବଙ୍ଗଦେଶର କଲିକତା ସହରକୁ ଯିବାକୁ ହେଲା । ସେ ସମୟରେ ମୋ ନିଜର ପିତାମହ ଅମ୍ବିକାଚରଣ ହାଜରା ମଧ ମେଦିନାପୁର ଜିଲ୍ଲା ତ୍ୟାଗକରି ଉଚ୍ଚ ଶିକ୍ଷା ଆଶାରେ କଲିକତା ଆସିଥିଲେ । ମଧୁବାବୁ ଓ ଅମ୍ବିକା ଉଭୟ ବାଲ୍ୟ ବିବାହିତ ଓ ହିନ୍ଦୁ ପରିବାରଭୁକ୍ତ ଥିଲେ । ସେମାନେ ଦୁହେଁ ଭବାନିପୁର ଲଣ୍ଡନ ସୋସାଇଟି କଲେଜରେ ଭର୍ତ୍ତିହୋଇ ପାଠ ପଢୁଥିଲେ । ଫଳରେ ସେମାନେ ଘନିଷ୍ଠ ବନ୍ଧୁ ହୋଇଉଠିଲେ । ଆହୁରି ଘନିଷ୍ଠତର ହେଲେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ପରେ । ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ସେ ଖ୍ରୀଷ୍ଟଙ୍କଠାରେ ଅନୁରକ୍ତ ଥିଲେ । ଜଣେ ଅର୍ଥଲୋଭ ଦ୍ୱାରା ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିଥିଲେ ତାହାର ମଧୁବାବୁଙ୍କ ଭଳି ଏପରି ଦୃଢ଼ବିଶ୍ୱାସ ଆସି ନ ଥାଆନ୍ତା । ସେହି ସମୟରେ ଇଂରେଜ ସରକାର ସବୁ ଗରିବ ଛାତ୍ରମାନଙ୍କୁ ଧର୍ମନିରପେକ୍ଷ ଭାବରେ ପଢ଼ିବା ପାଇଁ ଅର୍ଥ ସାହାଯ୍ୟ କରୁଥିଲେ । ସୁତରାଂ ମଧୁବାବୁ ମଧ ଏହି ସାହାଯ୍ୟ ପାଇଥିଲେ । କାରଣ ସେଇ ଇଂରେଜ ସରକାର ସମୟରୁ ଦରିଦ୍ର ଛାତ୍ରମାନଙ୍କୁ ସ୍କୁଲ କଲେଜରେ ସାହାଯ୍ୟ କରିବା ରୀତି ରହିଆସିଛି ।

୧. ପାଠ୍ୟାବସ୍ଥା ଓ ଧର୍ମାନ୍ତର :

ଇଂରେଜ ରାଜତ୍ୱ ସମୟରେ କଲେଜରେ ଏକ scripture ପିରିୟଡ୍ ଥିଲା ଓ ବାଇବେଲ ଅଧ୍ୟୟନ କରାଯାଉଥିଲା । ସେମାନେ ବାଇବେଲ ପାଠରୁ ସତ୍ୟ ଜାଣିପାରି ଧର୍ମାନ୍ତର ଗ୍ରହଣ, ଯୀଶୁଙ୍କୁ ବିଶ୍ୱାସ ଓ ତାହାପରେ ସେମାନେ କଲିକତାର ଡଫ୍ ଚର୍ଚ୍ଚରେ

Digitized by srujanika@gmail.com

ଙ୍କ ଦୀକ୍ଷା ନେଲେ । ସେମାନେ ଏକ ସଙ୍ଗରେ ଏକ ଗୀର୍ଜାରେ ଏକ ପୁରୋହିତଙ୍କ ଦ୍ୱାରା ନିଜ ଇଚ୍ଛାରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ଦାରିଦ୍ର୍ୟର କଷାଘାତ ସହ୍ୟକରି ନପାରି ଅର୍ଥଲୋଭରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ ବୋଲି ଅନେକଙ୍କର ଏ ସମ୍ବନ୍ଧରେ ଧାରଣା ଅଛି । ଯେଉଁମାନେ ଏପରି ଭ୍ରାନ୍ତ ବିଶ୍ୱାସ କରନ୍ତି, ସେମାନେ ଅଜ୍ଞତା ବା ଈର୍ଷାପରାୟଣତା ଯୋଗୁଁ ଏପରି କହିଥାନ୍ତି । ପ୍ରକୃତରେ ଏପରି ଚିନ୍ତାଧାରା ପୋଷଣ କରିବା ଭୁଲ । କାରଣ ମଧୁବାବୁଙ୍କ ଭଳି ଜଣେ ସଚ୍ଚୋଟ ବ୍ୟକ୍ତି ଏପରି କାର୍ଯ୍ୟ କରିପାରନ୍ତି ନାହିଁ ।

୨. ମୋର ପିତାମହ :

ମୋର ପିତାମହ ଉଚ୍ଚଶିକ୍ଷା ପ୍ରାପ୍ତ ଅମ୍ବିକା ଚରଣ ହାଜରା, ପିତାମହୀ ପ୍ରସନ୍ନମୟୀ ହାଜରାଙ୍କୁ ନିଜର ଜନ୍ମସ୍ଥଳ ମେଦିନୀପୁରରୁ କଲିକତାକୁ ଆଣିଥିଲେ । ଅମ୍ବିକାଚରଣ ଜ୍ୟେଷ୍ଠପୁତ୍ର ଥିଲେ । ହିନ୍ଦୁ ଧର୍ମ ତ୍ୟାଗ କରିବାରୁ ତାଙ୍କ ସମ୍ପତ୍ତିରୁ ସେ ବଞ୍ଚିତ ହୋଇଥିଲେ। ମଧ୍ୟ କଲିକତାରେ ମଧୁବାବୁଙ୍କ ସହ ସେ ଭଡ଼ାଘରେ ରହିଲେ । ସେ ବଙ୍ଗାଳି ଖ୍ରୀଷ୍ଟିୟାନ ମହିଳାଙ୍କୁ ବିବାହ କରିଥିଲେ । ମଧୁବାବୁ ଧର୍ମାନ୍ତର ଗ୍ରହଣ କରିବାରୁ ତାଙ୍କର ପରିଜନମାନେ, ଏପରିକି ତାଙ୍କ ସ୍ତ୍ରୀ ମଧୁବାବୁଙ୍କ ସହିତ ସମସ୍ତ ସମ୍ପର୍କ କଟାଇଦେଇଥିଲେ । ତେଣୁ ଅମ୍ବିକା ଚରଣ ସସ୍ତ୍ରୀକ ବନ୍ଧୁ ଗୃହରେ ଥିବା ସମୟରେ ତାଙ୍କର କନ୍ୟା ଶୈଳବାଳା ୧୮୭୮ରେ ଜନ୍ମ ଗ୍ରହଣ କରିଥିଲେ । ମଧୁବାବୁ, ଅମ୍ବିକା ହାଜରାଙ୍କଠାରୁ ଶୈଳବାଳାଙ୍କୁ ଦତ୍ତପୁତ୍ରୀ ଭାବେ ଗ୍ରହଣ କରିବାକୁ ଚାହିଁଲେ । ମାତ୍ର ଅମ୍ବିକା ହାଜରା ଏଥିରେ ରାଜି ହେଲେ ନାହିଁ । ଜ୍ୟେଷ୍ଠାକନ୍ୟା ଶୈଳବାଳାଙ୍କ ଜନ୍ମ ପରେ ଅମ୍ବିକା ହାଜରାଙ୍କ ପୁତ୍ର ନଗେନ୍ଦ୍ର କୁମାର ହାଜରା ଜନ୍ମ ନେଲେ । ତାଙ୍କପରେ କନ୍ୟା ସୁଧାଂଶୁବାଳା ହାଜରା ଓ ଚନ୍ଦ୍ର କୁମାର ହାଜରା ଜନ୍ମ ହେଲେ । ସର୍ବକନିଷ୍ଠ ପୁତ୍ର ଜିତେନ୍ଦ୍ର କୁମାର ହାଜରା, ଲେଖିକାଙ୍କର ପିତା ।

ମଧୁସୂଦନ ଦାସଙ୍କୁ ଯେତେବେଳେ ୨୯ ବର୍ଷ, ସେତେବେଳେ ତାଙ୍କ ପତ୍ନୀ ସୌଦାମିନୀଙ୍କର ନିଃସନ୍ତାନ ଅବସ୍ଥାରେ ବିୟୋଗ ହେଲା । ସେ ଜଣେ ଦୀନଦୁଃଖୀ ଦରିଦ୍ରମାନଙ୍କର ସେବାକାରିଣୀ ଧର୍ମପ୍ରାଣା ମହିଳା ଥିଲେ । ପତ୍ନୀ ବିୟୋଗ ପରେ ମଧୁବାବୁଙ୍କ ବିବାହପାଇଁ ବହୁତ ଉଚ୍ଚ ସମ୍ଭ୍ରାନ୍ତ ବନ୍ଧୁ ଓ ଖ୍ରୀଷ୍ଟିୟାନ ପରିବାରରୁ ପ୍ରସ୍ତାବ ଆସିଥିଲା । ଏପରିକି ପଚାଶ ହଜାର ଟଙ୍କା ଯୌତୁକ ଦେଇ ବିବାହ ପ୍ରସ୍ତାବ ମଧ୍ୟ ଆସିଥିଲା । ଏହିପରି ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କୁ କିଏ କନ୍ୟାଦାନ କରିବାକୁ ନ ଚାହିଁବ ? କିନ୍ତୁ ମଧୁବାବୁ

Digitized by srujanika@gmail.com

ଏସବୁ ପ୍ରତ୍ୟାଖ୍ୟାନକରି ତାଙ୍କର ଦୁଃଖିନୀ ଉତ୍କଳ-ମାତାଙ୍କ ସେବାପାଇଁ ନିଜକୁ ଉତ୍ସର୍ଗକରି ଏହାକୁ ଉନ୍ନତ ସମୃଦ୍ଧିଶାଳୀ କରିବାପାଇଁ ଓଡ଼ିଶାକୁ ଫେରିଆସିଲେ ।

୩. ଶୈଳବାଳାଙ୍କ ବାଲ୍ୟକାଳ ଓ ଶିକ୍ଷା :

ମୋର ପିତାମହ, ଭାରତ ସରକାରଙ୍କ ଅଧୀନରେ ଅର୍ଥସଚିବ ବିଭାଗରେ ଉଚ୍ଚ କର୍ମଚାରୀ ଥିଲେ । ସେ ସ୍ତ୍ରୀକ ପାଞ୍ଚ ସନ୍ତାନଙ୍କୁ ନେଇ ସିମଳାକୁ ଆସିଥିଲେ । କିନ୍ତୁ ୧୮୮୮ ଶତାବ୍ଦୀରେ ସ୍ତ୍ରୀଙ୍କ ଅସୁସ୍ଥତା ଯୋଗୁଁ ସେ ସ୍ତ୍ରୀ ଓ ପିଲାମାନଙ୍କୁ ଧରି କଲିକତା ଫେରିଗଲେ କାର୍ଯ୍ୟ କରିବାପାଇଁ । କଲିକତାରେ ବନ୍ଧୁ ଅମ୍ବିକା ହାଜରାଙ୍କ ପତ୍ନୀର ଏପରି ଭଗ୍ନ ସ୍ୱାସ୍ଥ୍ୟ ଦେଖି ମଧୁବାବୁ ଅନୁରୋଧ କଲେ, ଯେପରି ସେ ଦୁଇମାସ ଛୁଟି ନେଇ ସସ୍ତ୍ରୀକ ପିଲାମାନଙ୍କୁ ଧରି କଟକରେ ତାଙ୍କ ପାଖରେ ରହିବେ । ବନ୍ଧୁଙ୍କ ଅନୁରୋଧ କ୍ରମେ ଅମ୍ବିକା ହାଜରା ତାଙ୍କ ପରିବାର ସହ କଟକ ଆସି ତାଙ୍କ ପାଖରେ ରହିଲେ । ସେଠାରେ ପୁନରାୟ ମଧୁବାବୁ ଅମ୍ବିକା ଚରଣଙ୍କୁ, ଶୈଳବାଳାଙ୍କୁ ଦତ୍ତପୁତ୍ରୀ କରିଦେବାକୁ ଅନୁରୋଧ କଲେ । କିନ୍ତୁ ସେମାନେ ରାଜି ହେଲେ ନାହିଁ । ମଧୁବାବୁ ସେମାନଙ୍କ ଅନୁମତିକ୍ରମେ ଶୈଳବାଳାଙ୍କୁ କଲିକତା ବେଥୁନ୍ ସ୍କୁଲରେ ଶିକ୍ଷାଦାନ ପାଇଁ ଭର୍ତ୍ତି କଲେ । ୧୮୯୨ ଖ୍ରୀଷ୍ଟାବ୍ଦରେ ପିତାମହୀ ପ୍ରସନ୍ନମୟୀ ହାଜରାଙ୍କ ମୃତ୍ୟୁ ହେଲା । ପିତାମହ ପୁନରାୟ ବିବାହକରି ସିମଳାକୁ ତାଙ୍କ କାର୍ଯ୍ୟସ୍ଥଳୀକୁ ଫେରିଗଲେ । ସେହି ସମୟରୁ ମଧୁବାବୁ ଶୈଳବାଳା ଓ ତାଙ୍କ ଚାରି ଭାଇ ଭଉଣୀଙ୍କୁ ସନ୍ତାନ-ସନ୍ତତି ଭାବେ ଗ୍ରହଣ କଲେ; କାରଣ ସେ ନିଃସନ୍ତାନ ଥିଲେ । ସେହି ସମୟରେ ଶୈଳବାଳା ଆଇ.ଏ. ପାସ୍ କଲେ । ୧୮୯୨ ଖ୍ରୀଷ୍ଟାବ୍ଦରେ ମଧୁବାବୁ ଶୈଳବାଳାଙ୍କୁ ଦତ୍ତ ପୁତ୍ରୀଭାବେ ଗ୍ରହଣକରି ସର୍ବ ସାକ୍ଷାତରେ କନ୍ୟାଭାବେ ପରିଚିତ କରାଇଥିଲେ । ଓଡ଼ିଆ କନ୍ୟା ଗ୍ରହଣ ନକରି ବଙ୍ଗାଳି କନ୍ୟାକୁ ଧର୍ମପୁତ୍ରୀ ଭାବେ ଗ୍ରହଣ କରିବାରୁ ମଧୁବାବୁଙ୍କର ଆତ୍ମୀୟ ସ୍ୱଜନମାନେ ତାଙ୍କ ଉପରେ ଖୁବ୍ ଅସନ୍ତୁଷ୍ଟ ହେଲେ । କାହିଁକି ସେ ଶୈଳବାଳାଙ୍କୁ କନ୍ୟାଭାବେ ଗ୍ରହଣ କଲେ, ତାହା ଶୈଳବାଳାଙ୍କ ଜୀବନର ନିମ୍ନଲିଖିତ ସଂକ୍ଷିପ୍ତ ଘଟଣାରୁ ଜଣାପଡ଼ିବ ।

ମୋର ପିଉସୀ'ମା ଶୈଳବାଳା ଖୁବ୍ ଦୁଃସାହସୀ ଥିଲେ । ତାଙ୍କର ବନ୍ଧୁମାନଙ୍କ ଭିତରେ ଝିଅ ସାଥି ଅପେକ୍ଷା ପୁଅ ବେଶି ଥିଲେ । ସେଥିପାଇଁ ଗୁଡ଼ି ଉଡ଼ାଇବା, ପହଁରିବା, ଗଛରେ ଚଢ଼ି ଫୁଲ ତୋଳିବା, ବାହିର ଲୋକମାନଙ୍କୁ ବ୍ୟତିବ୍ୟସ୍ତ କରିବା, ତାଙ୍କର ଦୈନିକ କାର୍ଯ୍ୟ ଥିଲା । ସେଥିପାଇଁ ପିତାମହୀ ତାଙ୍କୁ ବିରକ୍ତହୋଇ ଖୁବ୍ ଗାଳି ଦେଉଥିଲେ । ସେ

Digitized by srujanika@gmail.com

ଚିରରୁଗ୍ଣା ହୋଇ ଶଯ୍ୟାଶାୟୀ ଥିଲା । ସେଥିପାଇଁ ପିଉସୀ'ମା (ଶୈଳବାଳା)ଙ୍କୁ ଶୈଶବ କାଳରୁ ଘରକାର୍ଯ୍ୟ ସମ୍ଭାଳିବାକୁ ପଡୁଥିଲା । ସେ ପିଲାବେଳରୁ ଯେସବୁ କାର୍ଯ୍ୟରେ ସିଦ୍ଧହସ୍ତ ହୋଇଥିଲେ । ଥରେ ରାନ୍ଧୁଣିଆ ଆସି ନଥିଲା । ପିଉସୀ'ମାକୁ ୯ଟା ଭିତରେ ବାପାଙ୍କୁ ଭାତ ଓ ୩ ପ୍ରକାର ତରକାରି ରାନ୍ଧି ଖୁଆଇବାକୁ ପଡ଼ିଥିଲା । ଛୋଟ ୯ ବର୍ଷର କନ୍ୟାର ରୋଷେଇ ପିତା ଅମ୍ବିକା ଚରଣ ପ୍ରଶଂସା କରୁ କରୁ ଖାଉଥିଲେ । ସେ ବାପାଙ୍କ ପ୍ରଶଂସାରେ ବହୁତ ଗର୍ବ ଅନୁଭବ କରିଥିଲେ । କିନ୍ତୁ ଭାଇଭଉଣୀମାନେ ସେହି ଖାଦ୍ୟକୁ ଅଖାଦ୍ୟ ବୋଲି ଭୋଜନ କରିପାରିଲେ ନାହିଁ । ତାହାପରେ ପିଉସୀମା କିଛି ଖାଇ ଦେଖିଲେ । ସତରେ ତାହା ଅଖାଦ୍ୟ । ପିତା ଯେତେବେଳେ ଘରକୁ ଫେରିଲେ, ସେତେବେଳେ ସେ ତାଙ୍କୁ ପଚାରିଲେ । ତାଙ୍କ ପ୍ରଶଂସା କରୁକରୁ ସେ କିପରି ଏତେ ଅଖାଦ୍ୟ ଖାଇପାରିଲେ ? ପିତା କହିଲେ, ମୋ ଛୋଟ ଝିଅ ଏତେ ଯତ୍ନ ସହକାରେ ଭଲପାଇ ମୋ ପାଇଁ ଯେଉଁ ଖାଦ୍ୟ ରାନ୍ଧିଥିଲା, ତାହା ମୋ ପାଖରେ ଅମୃତ ସମାନ ଥିଲା । ମୁଁ ତୋତେ ଆଶୀର୍ବାଦ କରୁଛି । ଭବିଷ୍ୟତରେ ତୁ ଜଣେ ପ୍ରସିଦ୍ଧ ରାନ୍ଧୁଣୀ ହୋଇପାରିବୁ । ତାହାହିଁ ପ୍ରକୃତରେ ହୋଇଥିଲା । ଆମେମାନେ ପଛରେ ପିଉସୀ'ମାଙ୍କର ରୋଷେଇ ଖାଇ ଖୁବ୍ ଆନନ୍ଦିତ ହୋଇଛୁ ଜୀବନସାରା ।

ପିଉସୀ'ମା ସଂସାର ଖର୍ଚ୍ଚରୁ କାଟି ସଞ୍ଚୟ କରିବାକୁ ଶିଖିଥିଲେ । ଏହା ଭବିଷ୍ୟତରେ ଅତି ବଡ଼ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରିଥିଲା । ସେହି ସମୟରୁ ସେ ଡାକଘର ସେଭିଙ୍ଗସ୍ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ । ଏହି ସଞ୍ଚିତ ଅର୍ଥ ପରେ ମଧୁସ୍ମୃତି ଗୃହକୁ ପୁନରୁଦ୍ଧାର କରିବାକୁ ସାହାଯ୍ୟ କରିଥିଲେ ।

ବେଥୁନ୍ କଲେଜରେ ପଢ଼ିଲାବେଳେ ଦିନେ ଶୈଳବାଳା ତାଙ୍କ ସହପାଠୀମାନଙ୍କୁ କହିଲେ, ଦେଖ ଗୋଟିଏ ମଜା କରୁଛି । ଏହା କହି ସେ ଗୋଟିଏ ଲେସ୍‌ବାଲା କଣାକଣା ମଉଜା କିଣି ଆଣିଲେ; ଆଉ ମିସ୍ ବିଶ୍ୱାସଙ୍କୁ ଇନ୍ସପେକ୍ସନ୍ ସମୟରେ ଦେଖାଇଲେ । ସେ କେବେ ସେମିତି ଲେସ୍‌ବାଲା ମଉଜା ଦେଖି ନଥିଲେ । ସେ ସେତେବେଳେ ମିସ୍ ଦାସଙ୍କୁ ମଉଜାର କଣା ସିଲାଇକରି ବନ୍ଦ କରିବାକୁ ଆଦେଶ ଦେଲେ । ମିସ୍ ଦାସ ରାଜି ହେଲେ ନାହିଁ । ଝିଅମାନେ ସବୁ ହସିବାକୁ ଆରମ୍ଭ କଲେ । ମିସ୍ ବିଶ୍ୱାସ ରାଗିଯାଇ ପ୍ରିନ୍‌ସିପାଲଙ୍କ ପାଖରେ ଯାଇ ନାଲିସ୍ କଲେ । ପ୍ରିନ୍‌ସପାଲ୍ ମିସ୍ ଦାସର ଦୁଷ୍ଟାମି ବୁଝିପାରି ହସିଦେଲେ ଓ କ୍ଲାସ ବାତିଲ କଲେ । ମିସ୍ ଦାସ ବେଥୁନ୍ କଲେଜରେ ପଢ଼ିଲାବେଳେ ଉକ୍ତ କଲେଜର

Digitized by srujanika@gmail.com

ପ୍ରିନ୍‌ସିପାଲ୍ ଖ୍ରୀଷ୍ଟିୟାନ ଥିଲେ । ମିସ୍ ଦାସ ମଧ୍ୟ ଖ୍ରୀଷ୍ଟିୟାନ ଥିବାହେତୁ ସେ ରବିବାର ଦିନ ତାଙ୍କୁ ବ୍ରାହ୍ମଣ ଝିଅମାନଙ୍କ ସହିତ ଅନ୍ୟ ସମାଜକୁ ଯିବାକୁ ମନା କରିଥିଲେ । କିନ୍ତୁ ଶୈଳବାଳା ଏହାକୁ ନମାନି ଜଣାଇଦେଇଥିଲେ ଯେ, ସେମାନଙ୍କ ସାଙ୍ଗରେ ଗଲେ ବହୁତ କିଛି ଶିଖାଯାଇପାରିବ । ସେଥିପାଇଁ ସେ ପ୍ରିନ୍‌ସିପାଲଙ୍କ ଆଦେଶକୁ ମାନିବାକୁ ରାଜି ହେଲେ ନାହିଁ । ମିସ୍ ଦାସ ଏକଦା ଅସୁସ୍ଥ ହୋଇ କଟକକୁ ଫେରିଗଲେ । ସୁସ୍ଥ ହୋଇଗଲା ପରେ ସେ ଆଉ ବେଥୁନ୍ କଲେଜକୁ ନଯାଇ କଲିକତାର ଡି.ଭି.ଟନ୍. କଲେଜରେ ନାମ ଲେଖାଇଲେ ଏବଂ ଆଇ.ଏ. ପାସ୍ କଲେ । ମଧୁବାବୁ ଅସୁସ୍ଥ ହୋଇ ଡାକ୍ତରଙ୍କ ପରାମର୍ଶରେ ଉନ୍ନତ ଚିକିତ୍ସାପାଇଁ ଇଂଲଣ୍ଡ ଯାତ୍ରା କଲେ । ଶୈଳବାଳା ଦାସ ସେତେବେଳେ କଟକର ମଧୁସ୍ମୃତି ଗୃହରେ ଅନାମ ଦାସ ଆଉ ତାଙ୍କ ପରିବାରର ତତ୍ତ୍ୱାବଧାନରେ ରହିଲେ । ମିସ୍ ଦାସ ସେତେବେଳେ ରେଭେନ୍ସା କଲେଜରେ ବି.ଏ. ପଢ଼ିବାପାଇଁ ନାମ ଲେଖାଇବାକୁ ଗଲେ । ସେତେବେଳେ କୌଣସି Collegeରେ Co-education ନଥିଲା । କିନ୍ତୁ ଶୈଳବାଳା D.P.I. of Bengal ଙ୍କ ପାଖରୁ ଆଦେଶ ନେଇ ରେଭେନ୍ସା କଲେଜରେ ଭର୍ତ୍ତି ହେଲେ । ସେ ସମୟରେ ଓଡ଼ିଶା ବଙ୍ଗଳା ବଡ଼ଲାଟ ଅଧିନରେ ଥିଲା । ସେଥିପାଇଁ ଓଡ଼ିଶାର ସମସ୍ତ କାର୍ଯ୍ୟ କଲିକତା ଯାଇ କରିବାକୁ ପଡୁଥିଲା । ତା'ପରେ ସେ କଲେଜରେ ନାମ ଲେଖାଇଲେ । ହେଲେ କଲେଜରେ ଗୋଟିଏ ବୋଲି ଝିଅ ନଥିବାରୁ ଅସୁବିଧା ଭାବି ଇନ୍ଦାବୋଲା ସାମଲଙ୍କୁ ସଙ୍ଗୀ ହିସାବରେ ନେଲେ ଏବଂ ତାଙ୍କ ପଢ଼ାର ସବୁ ଖର୍ଚ୍ଚ ଦେଇ ତାଙ୍କୁ ନିଜ ଘରେ ରଖିଥିଲେ । ଇନ୍ଦାବୋଲାଙ୍କୁ ମଧୁବାବୁ ବେଥୁନ୍ କଲେଜରେ ଆଇ.ଏ. ପଢ଼ିବାକୁ ସାହାଯ୍ୟ କରିଥିଲେ । ଇଂଲଣ୍ଡରୁ ଫେରି ମଧୁବାବୁ ଦୁଇଜଣଙ୍କୁ ବି.ଏ. ପଢୁଥିବା ଦେଖି ଆଶ୍ଚର୍ଯ୍ୟ ଏବଂ ଆନନ୍ଦିତ ହୋଇଥିଲେ ।

୪. ଘରର ଇତିହାସ (History of Building) :

ମିସ୍ ଦାସଙ୍କର ସ୍ୱାସ୍ଥ୍ୟ ହାନି ଯୋଗୁଁ ସେ ବି.ଏ. ପାସ୍ କରିପାରିଲେ ନାହିଁ । ତାଙ୍କର ପାଠପଢ଼ା ସେଇଠି ସରିଲା । ପିଉସୀ'ମା ତାଙ୍କର ଭାଇଭଉଣୀମାନଙ୍କ ସାଙ୍ଗରେ କଟକ ଆସିଲେ । ତାହାପରେ ୧୮୯୨ ସାଲରେ ମଧୁବାବୁ ସେହି ଗୃହରେ ବସବାସ କରିବାକୁ ଆରମ୍ଭ କଲେ । ଶେଷରେ ଶୈଳବାଳା ହାଜରା ତାଙ୍କର ଭାଇ, ଭଉଣୀ ସାଙ୍ଗରେ ୧୮୯୬ ସାଲରେ ସ୍ଥାୟୀଭାବେ ମଧୁସ୍ମୃତିରେ ବସବାସ କଲେ । ମଧୁବାବୁ ଶୈଳବାଳା ଏବଂ ତାଙ୍କରି ଭାଇଭଉଣୀମାନଙ୍କ ସାଙ୍ଗରେ ବେଡ୍ ରୁମ୍ ଅବା ଅଫିସ୍ ବାରଣ୍ଡାରେ ବୁଲିଲା ସମୟରେ

Digitized by srujanika@gmail.com

ସେମାନଙ୍କୁ ନାନା ଉପଦେଶ ଶିକ୍ଷା ଦେଉଥିଲେ । ସେ ସେମାନଙ୍କୁ ନିଃସ୍ୱାର୍ଥପର ଭାବେ ଦେଶପ୍ରେମ, ଦେଶର ଉନ୍ନତି ଏବଂ ଜାତିର କଲ୍ୟାଣ କରିବାପାଇଁ ବିଭିନ୍ନ କଥା ଛଳରେ ଉପଦେଶ ଦେଉଥିଲେ । ମୋ ବାପା ଜିତେନ୍ଦ୍ର କୁମାର ହାଜରା ସର୍ବକନିଷ୍ଠ ସନ୍ତାନ ଥିଲେ ; କିନ୍ତୁ ସେ ପ୍ରଥମେ ବିବାହ କରିଥିଲେ । ମୋର ମା ବହୁତ ଅଳ୍ପ ବୟସ୍କା ଓ ଖୁବ୍ ସୁନ୍ଦରୀ ଥିଲେ । ମଧୁବାବୁ ମୋ ମା'ଙ୍କୁ ବହୁରୂପୀ ବୋଲି ଡାକୁଥିଲେ । ଆମେ ଆମ ପିତାମହ ଅମ୍ବିକା ଚରଣ ହାଜରାଙ୍କୁ ଦେଖିବାର ସୁଯୋଗ ପାଇନାହୁଁ, କିନ୍ତୁ ପାଇଛୁ ମଧୁବାବୁଙ୍କୁ ବୁଢ଼ାଦାଦା ହିସାବରେ । ଲୋକେ ମଧୁବାବୁଙ୍କୁ ନାନା ନାମରେ ଡାକୁଥାନ୍ତି । କେହି ମଧୁବାବୁ, କେହି ମଧୁସୂଦନ ଦାସ, କେହି ମଧୁ ବାରିଷ୍ଟର ନାମରେ .. ଡାକିଥାନ୍ତି । କେହି ପୁଣି 'ଗ୍ରାଣ୍ଡ ମ୍ୟାନ୍ ଅଫ୍ ଓଡ଼ିଶା', କେହି କେହି ପୁଣି ଫାଦର ଅଫ୍ ନିଉ ଓଡ଼ିଶା ବୋଲି ଡାକିଥାନ୍ତି । ବଙ୍ଗଳାରେ ମଧୁ ଓଡ଼ିୟା ବୋଲି ତାଙ୍କର ବନ୍ଧୁମାନେ ଡାକିଥାନ୍ତି । କେବଳ ଆମ ହାଜରା ବଂଶର ନାତିନାତୁଣୀମାନଙ୍କର ପାଖରେ ସେ ବୁଢ଼ାଦାଦା ନାମରେ ପରିଚିତ । ସେ ବିହାର, ଓଡ଼ିଶାର ପ୍ରଥମ ମନ୍ତ୍ରୀ ଓ ସି.ଆଇ.ଇ. ଉପାଧିଧାରୀ ।

୧୯୩୩ ମସିହା ମାର୍ଚ୍ଚ ମାସରେ ଆମ ବୁଢ଼ାଦାଦା କଲିକତା ଯିବା ସମୟରେ ଆମ ଘରକୁ ଆସିଥିଲେ । ଆମେ ଭାଇଭଉଣୀମାନେ ତାଙ୍କ ଆସିବା ସମ୍ବାଦ ପାଇ ମା ପାଖକୁ ଯାଇ ବ୍ୟସ୍ତକରି ପଚାରିଥିଲୁ ଯେ, ବୁଢ଼ାଦାଦାଙ୍କର ଏତେ ଡେରି କାହିଁକି ? ସେ କାହିଁକି ଶୀଘ୍ର ଆସୁନାହାଁନ୍ତି ? ସେଦିନ ଥିଲା ଦୋଳପୂର୍ଣ୍ଣିମା । ଆମେ ରଙ୍ଗ ଖେଳି ଘରକୁ ଫେରିଆସି ଦେଖିଲୁ ଜଣେ ଜୀର୍ଣ୍ଣକାୟ ବୃଦ୍ଧ ମାଆଙ୍କ ସାଙ୍ଗରେ କଥା ହେଉଛନ୍ତି । ଆମମାନଙ୍କର ଭୂତ ଭଳିଆ ଚେହେରା ଦେଖି ସେ ପଚାରିଲେ, ବହୁରୂପୀ, ଏମାନେ କିଏ ? ମା କହିଲେ, ଏମାନଙ୍କୁ ଚିହ୍ନିପାରୁ ନାହାଁନ୍ତି ? ଏମାନେ ଯେ ଆପଣଙ୍କର ନାତିନାତୁଣୀ । ସେ କହିଲେ, ଏ କି ରୂପ ! ମା କହିଲେ ଆଜି ହୋଲି ଦିନ । ସେଥିପାଇଁ ସେମାନେ ରଙ୍ଗ ଖେଳିବାକୁ ସାହିକୁ ଯାଇଥିଲେ । ମଧୁବାବୁ କହିଲେ, ନା, ବହୁରୂପୀ ! ଏ ବେଶ ଠିକ୍ ନୁହେଁ । ଯାହାର ଯାହା ଧର୍ମ, ତାକୁ ତାହା କରିବାକୁ ଦିଅ । ମୁଁ ମାଆଙ୍କଠାରୁ ଶୁଣୁଥିଲି, ବୁଢ଼ାଦାଦା କଚେରୀରୁ ଫେରି ପକେଟରୁ ଗୋଛା ଗୋଛା ଟଙ୍କା କାଢ଼ି ଖଟ ଉପରେ ପକାଇଦେଉଥିଲେ । ତାଙ୍କର ଜଣେ ବିଶ୍ୱସ୍ତ ବେହେରା ଥିଲେ ହାଡ଼ିଆ ନାମରେ । ସେ ସବୁ ଟଙ୍କା ପଇସା ସଂଗ୍ରହକରି ଆଲମାରୀରେ ସାଇତି ରଖୁଥିଲେ । ବୁଢ଼ାଦାଦା ତାଙ୍କୁ ଏତେ ବିଶ୍ୱାସ କରୁଥିଲେ ଯେ, ସେସବୁ ଟଙ୍କା ଆଲମାରୀରେ ରଖୁଥିଲେ ନା ସେଥିରୁ କିଛି ଏପଟସେପଟ କରୁଥିଲେ ତାହା ବିଚାର କରୁ ନ ଥିଲେ ।

Digitized by srujanika@gmail.com

ମଧୁସ୍ମୃତିର ପ୍ରବେଶପଥର ଡାହାଣପଟେ ଗୋଟିଏ ଜାଲିଘର ଥିଲା । ସେହି ଜାଲି ଘରଟି ନାନା ପ୍ରକାର ଲତା ଗୁଳ୍ମ, ଫାର୍ଣ୍ଣ ଗଛରେ ଓ ଅଜଣା ଅଚିହ୍ନା ଗଛରେ ଭରି ରହିଥିଲା । ଜାଲି ଘର ମଝିରେ ଗୋଟିଏ ଖୁଣ୍ଟ ଉପରେ ପାଣି ଟାଙ୍କି ଥିଲା । ସେଇଥିରୁ ପାଇପ ଦ୍ୱାରା ପାଣି ଆସି ବଗିଚା ମଝିରେ ଥିବା ଫୁଆରାକୁ ପାଣି ଯୋଗାଉଥିଲା । ଯେଉଁଠି ଆଜିକାଲି ମଧୁବାବୁଙ୍କର ପ୍ରତିମୂର୍ତ୍ତି ଅଛି ସେଇଠି ଫୁଆରାଟି ଥିଲା ।

ଆମ ବଡ଼ ପୋଖରୀରେ ଦୁଇଟି ବଡ଼ବଡ଼ ମାଛ ମଧୁବାବୁ ପୋଷିଥିଲେ । ତାଙ୍କର ନାକରେ ସୁନାର ନୋଥ ପିନ୍ଧାଇ ଛାଡ଼ିଥିଲେ । ତାଙ୍କର ନାମ ଦେଇଥିଲେ ରାଜା ଓ ରାଣୀ । ସେ ମାଛ ନ ଧରିବାକୁ ତାଙ୍କର ନିର୍ଦ୍ଦେଶ ଥିଲା । ମଧୁବାବୁଙ୍କର ଆଉ ଦୁଇଟି ପୋଷା ଜନ୍ତୁ ଥିଲେ । ଗୋଟିଏ ନେଉଳ, ଆଉ ଗୋଟିଏ ବଡ଼ କୁକୁର । ମଧୁବାବୁ ତାହାକୁ ମାଛ, ମାଂସ ଖୁଆଉଥିଲେ । ବୁଢ଼ାଦାଦାଙ୍କର ବଛାବଛା ତେଜିୟାନ୍ ଘୋଡ଼ା ଥିଲେ । ସେତେବେଳେ ଆମ ଘରେ ଘୋଡ଼ାଗାଡ଼ି ଥିଲା । ସେଇ ଘୋଡ଼ାଗାଡ଼ିକୁ ଯୋଡ଼ିଗାଡ଼ି କୁହାଯାଏ ।

ବୁଢ଼ାଦାଦାଙ୍କର ଘୋଡ଼ାଶାଳରେ ଗୋଟିଏ ତେଜିୟାନ୍ ଘୋଡ଼ା ଥିଲା । ସେଇ ତେଜିୟାନ୍ ଘୋଡ଼ାଟି ମାଡ୍ରାସ୍ ରେଜିମେଣ୍ଟରେ Falstaffin Conel ଥିଲା । ସେତେବେଳେ ସେ କଟକ କାଣ୍ଟନମେଣ୍ଟରେ ଥିଲେ । ସେଇ ତେଜି ଘୋଡ଼ାଟିକୁ କେହି ବଶୀଭୂତ କରିପାରି ନଥିଲେ । କିନ୍ତୁ ବୁଢ଼ାଦାଦା ତାକୁ ଆଖୁ ଖୁଆଇ ତା' ପିଠିରେ ସବାରି ହୁଅନ୍ତି । ଦିନେ ତାଙ୍କର ଜଣେ ସାଙ୍ଗ ବିହାର ଓଡ଼ିଶା, ଅଫିସିଏଟିଙ୍ଗ୍ ଗଭର୍ଣ୍ଣର୍ ସାର୍ ହକ୍ ମାକ୍‌ପର୍ସନ (Sir Hugh Macperson) ସେହି ତେଜୀୟାନ୍ ଘୋଡ଼ା ପିଠିରେ ସବାରି ହେବାକୁ ଇଚ୍ଛା କଲେ । ସେ ବୁଢ଼ାଦାଦାଙ୍କର ପଦ୍ଧତି ଅନୁସାରେ ଆଖୁ ଖୁଆଇ ସବାରି ହେଲେ । କିନ୍ତୁ ତା'ପରେ ଆଉ କୌଣସି କଥା ସ୍ମରଣ ନାହିଁ । ଜ୍ଞାନ ହେଲା ଉତାରେ ସେ ଦେଖିଲେ ସିଭିଲ୍ ସର୍ଜନ୍ ତାଙ୍କର ଶଯ୍ୟା ପାଖରେ ଛିଡ଼ା ହୋଇଛନ୍ତି । ଆଖୁ ପଦ୍ଧତିକୁ ଏଡ଼ିଦେଇ ସେହି ଘୋଡ଼ାଟି ତେଙ୍ଗିଁକ ଗୋଟିଏ ଶଗଡ଼ ଗାଡ଼ି ସାଙ୍ଗର ଧକ୍କା ଖାଇ କାଠଯୋଡ଼ି ବନ୍ଧ ପାଖରେ ଛିଟିକି ପଡ଼ି ମରିଗଲା; ଆଉ ଗଭର୍ଣ୍ଣର ସାହେବ ରାସ୍ତାରେ ପଡ଼ି ଅଜ୍ଞାନ ହୋଇଗଲେ । ମୁଣ୍ଡରେ ଟୋପି ଥିଲା ବୋଲି ମୁଣ୍ଡ ଫାଟିଲା ନାହିଁ । ଦାମୀ ଘୋଡ଼ାଟିର ମୃତ୍ୟୁର କ୍ଷତି ମଧୁବାବୁ ଅନାୟାସରେ ସହିଗଲେ । କିନ୍ତୁ ତାଙ୍କ ବନ୍ଧୁର ଆଘାତ ସହ୍ୟକରି ନପାରି ଡାକ୍ତରଖାନାକୁ ଦେଖିବାକୁ ଯାଇଥିଲେ ।

Digitized by srujanika@gmail.com

୨. ଆମ ଗୃହ ମଧୁସ୍ମୃତିରେ ଆମେ ଯେତେବେଳେ ସମସ୍ତେ ଛୁଟିରେ ଏକତ୍ରିତ ହେଉଥିଲୁ, ସେତେବେଳେ ସମସ୍ତେ ମିଶି ବହୁତ ମଜା କରୁଥିଲୁ । ଲାଇବ୍ରେରୀ ପଟ ପଶ୍ଚିମ ଘର ତିନିଟାରେ ଆମେ ବାପା ସାଙ୍ଗରେ ରହୁଥିଲୁ । ଲାଇବ୍ରେରୀ ଉତ୍ତର, ଦକ୍ଷିଣ ରୁମଗୁଡ଼ିକରେ ବଡ ଓ ଜ୍ୟେଷ୍ଠ ପିତା ରହୁଥିଲେ । ପଶ୍ଚିମ ଘରେ ସାନ ପିସି ସୁଧାଂଶୁବାଳା ରହୁଥିଲେ । ଉପର ପଶ୍ଚିମ ଘରେ ବୁଢ଼ାବାବା, ଯେଉଁଠି ଏବେ ମିଉଜିୟମ୍ ହେଉଛି, ସେଇ ଘରେ ରହୁଥିଲେ । ତାଙ୍କର ଯୋତା, ହୁକା ସବୁ ସେ ଘରେ ଯେଉଁଠି ଯେଉଁ ସ୍ଥାନରେ ରହିବା କଥା ସେଠି ରହୁଥିଲା । ଆଉ କାଠ ଆଲମାରିରେ ଧୂନା, ରୂପା ତାରକସି ଅଳଙ୍କାର କିଛି ସେ ଆଲମାରୀରେ ମିଉଜିୟମ୍ ପାଇଁ ରଖା ହେଉଥିଲା । ଦକ୍ଷିଣ ଘରଗୁଡ଼ିକରେ ବଡ଼ ପିସିମା ଶୈଳବାଳା ଦାସ ରହୁଥିଲେ । ଘୋଡ଼ାଶାଳ ସାମନା ଦେଇ ଯେଉଁ ରାସ୍ତା ଯାଇଛି ତା'ର ବିପରୀତ ଦିଗରେ ଟେନିସ୍ କୋର୍ଟ ଥିଲା । ଚାରିଆଡ଼େ ଅପର୍ଯ୍ୟାପ୍ତ ଆତଗଛ ଥିଲା । ଟେନିସ୍ କୋର୍ଟରେ ବେଳେବେଳେ ସାହେବମାନେ ଆସି ଖେଳୁଥିଲେ, ଆଉ ମଝିରେ ମଝିରେ ବଗିଚା ଭିତରେ ଟି' ପାର୍ଟି ହେଉଥିଲା । ଟେନିସ୍ କୋର୍ଟର ବିପରୀତରେ ଯେଉଁ ଦୁଇଟି ରୁମ୍ ଥିଲା, ତାହା ମଧୁସ୍ମୃତି ପାଇଁ । ଦକ୍ଷିଣ ବାରଟା ହଲ୍ ଘର ଏବଂ ପଶ୍ଚିମଟା ଥିଲା ଖାଇବାଘର ସହିତ ଦୁଇଟା ଘର; ସେଇ ଛାତରେ ଖରା ମାସରେ ଆମେ ଶୋଉଥିଲୁ ।

୫. ଘଟଣାବଳୀ :

(୧) ବେଙ୍ଗଲ ନାଗପୁର ରେଳବାଇ ୧୮୯୮ ବେଳକୁ ଆରମ୍ଭ ହୋଇଥିଲା ସେହି ସମୟରେ ମିସ୍ ଦାସ କଟକରୁ କଲିକତା ଯାତାୟାତ କରୁଥିଲେ । ପ୍ରଥମେ କଲିକତା ଚାନ୍ଦବାଲି ଘାଟରୁ ଷ୍ଟିମରରେ କୋଲାଘାଟ ଯାଉଥିଲେ । ସେଠୁ ପୁଣି ଟ୍ରେନ୍‌ରେ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ଯିବାକୁ ପଡୁଥିଲା । ଥରେ ମେ ମାସର ଗ୍ରୀଷ୍ମ କାଳରେ ଆୟା, ଆଉ ଖାନସାମାକୁ ନେଇ ମିସ୍ ଦାସ ଷ୍ଟିମରରେ କୋଲାଘାଟ ଗଲାବେଳେ ଷ୍ଟିମରରେ ଖାନସାମା ମିସ୍ ଦାସଙ୍କୁ ଆସି ପଚାରିଲେ, ଚାରିଜଣ ସାହେବ ଓ ଦୁଇଜଣ ମେମ୍ ସାହେବ ଷ୍ଟିମରରେ ଯାତ୍ରୀ ଅଛନ୍ତି । ସେମାନଙ୍କର ଖାଇବା ଆଗରୁ ନା ପରେ ଖାଇବେ ? ସେହି ସାହେବମାନେ ଭାରତୀୟ ନେଟିଭମାନଙ୍କ ସାଙ୍ଗରେ ଲଞ୍ଚ ଖାଇବାକୁ ପସନ୍ଦ କରୁ ନାହାଁନ୍ତି । ପିଇସୀମା ସେଠୁ ହସିକରି କହିଲେ, ମୁଁ ଲଞ୍ଚ ଖାଇ ସାରିଛି । ସେ ବୁଝିପାରିଲେ ଯେ, ଟ୍ରେନ୍‌ରେ ପ୍ରଥମ ଶ୍ରେଣୀ ସ୍ଥାନ ପାଇବାକୁ ଅସୁବିଧା ଅଛି । ସେଥିପାଇଁ ସେ ତାଙ୍କର ଆୟା ଆଉ ଖାନସାମାକୁ ଟ୍ରେନ୍‌ର ରିଜର୍ଭ (ସଂରକ୍ଷିତ) କମ୍ପାର୍ଟମେଣ୍ଟରେ ଦାଖଲ କରିବାକୁ ଆଗରୁ ପଠାଇଦେଲେ ।

Digitized by srujanika@gmail.com

ସାହେବ, ମେମ୍‌ସାହେବମାନେ ଆସି ସେହି କମ୍ପାର୍ଟମେଣ୍ଟରେ ମିସ୍ ଦାସ୍ ସାଙ୍ଗରେ ଏକାଠି ଯିବାକୁ ରାଜି ହେଲେନି; କାରଣ ପିଉସୀମା ଇଣ୍ଡିୟାନ୍ ନେଟିଭ୍ ଥିଲେ ।

ପିଉସୀମା ତାଙ୍କର ଏଭଳି ମନୋଭାବ ଦେଖି ଆୟା, ଖାନସାମାର 3rd Class ଟିକେଟ୍ ବଦଳିକରି ପ୍ରଥମ ଶ୍ରେଣୀ ଟିକଟ କଲେ ଏବଂ ସାହେବମାନଙ୍କର ସାଙ୍ଗରେ ଏକା ସିଟ୍‌ରେ ବସିବାକୁ ଆଦେଶ, ଦେଲେ ସାହେବମାନଙ୍କୁ ଶିକ୍ଷା ଦେବାପାଇଁ । ସାହେବ ଓ ମେମ୍‌ସାହେବମାନେ ବହୁତ ରାଗି ଗାର୍ଡ଼ ଆଉ ଷ୍ଟେସନ୍ ମାଷ୍ଟରଙ୍କ ପାଖରେ ନାଲିସ୍ କଲେ । କିନ୍ତୁ ସେମାନେ କିଛି କରିପାରିଲେ ନାହିଁ । କାରଣ ପିଉସୀମା ତାଙ୍କର ଚାକରମାନଙ୍କ ପାଇଁ ପ୍ରଥମ ଶ୍ରେଣୀ ଟିକେଟ୍ କାଟିଥିଲେ । ଯେତେବେଳେ ଗାର୍ଡ଼, ଆଉ ଷ୍ଟେସନ ମାଷ୍ଟର୍ ଟିକଟ ବଦଳାଇବାର କାରଣ ପଚାରିଲେ, ପିସୀମା ସେତେବେଳେ ସେମାନଙ୍କୁ ଗୋରାମାନଙ୍କର ଅଭଦ୍ର ବ୍ୟବହାର କାରଣ ବୋଲି ଜଣାଇଦେଲେ । ସାହେବମାନେ ସେତେବେଳେ ନେଟିଭ୍ ଇଣ୍ଡିୟାନ୍‌ମାନଙ୍କ ସାଙ୍ଗରେ ବସି ଆସିବାକୁ ଅପମାନିତ ମନେ କରୁଥିଲେ । ତେଣୁ ସେମାନଙ୍କ ପାଇଁ ଏହା ଏକ ଶିକ୍ଷା ଥିଲା । ସାହେବମାନେ ଖାନସାମା ପାଖରୁ ଜାଣିଲେ ପିଉସୀମା ହେଉଛନ୍ତି ଓଡ଼ିଶାର ମନ୍ତ୍ରୀ ମଧୁସୂଦନ ଦାସର କନ୍ୟା । ଦିନେ କଟକ କ୍ଲବ୍‌ରେ ଏଇ ଦୁଇ ସାହେବଙ୍କ ସାଥିରେ ଚିହ୍ନା ପରିଚୟ ହୋଇଥିଲା । ସେମାନେ ଜଣେ ହେଉଛନ୍ତି ଜିଲ୍ଲା ଜର୍ଜ ଓ ଆଉ ଜଣେ ଜିଲ୍ଲା ମାଜିଷ୍ଟ୍ରେଟ୍ । ସେମାନେ ମନ୍ତ୍ରୀ କନ୍ୟା ମିସ୍ ଦାସ୍‌ଙ୍କର ପାଖରେ କ୍ଷମା ମାଗିନେଲେ ଏବଂ ବନ୍ଧୁ ହେଲେ । ସେହି ଦିନଠାରୁ ଯେତେବେଳେ ଏହି ଘଟଣା କଥା ମନେପଡ଼େ, ମିସ୍ ଦାସ ଓ ସାହେବମାନଙ୍କ ମଧ୍ୟରେ ହସରୋଳ ଉଠେ ।

(୨) ଥରେ କଟକ ସହରରେ ଘନବସତି ସ୍ଥାନ ବିଶିଷ୍ଟ ଜାଗାରେ ଡକାୟତି ହୋଇଥିଲା । ସୁନା ରୂପା ଅଳଙ୍କାର ଚୋରି ହୋଇଥିଲା । ପୋଲିସର ତଦାରଖରେ ବିନା ପ୍ରମାଣରେ କେତେଗୁଡ଼ିଏ ନିରୀହ ଲୋକଙ୍କୁ ଆସାମୀ ହିସାବରେ ଧରି କଏଦୀ କରାଗଲା । କିନ୍ତୁ ସେମାନଙ୍କ ପାଖରେ ଚୋରା ମାଲ ମିଳିଲା ନାହିଁ । ପୋଲିସ୍‌ର ଗୁପ୍ତ ତଥ୍ୟ ଯେ ମଧୁବାବୁ ତାଙ୍କର ସୁନା ରୂପା ତାରକସି କାରଖାନାରେ ସେସବୁ ତରଳାଇ ଅଳଙ୍କାର ବନାଇଛନ୍ତି । କିଛି ଦିନ ପରେ ବେଙ୍ଗଲ ପୋଲିସ୍ ଗୋଟିଏ ଡକାୟତ କେଶ୍‌ରେ ଉତ୍ତର ପ୍ରଦେଶରେ ଗୋଟିଏ ଦସ୍ୟୁକୁ ଧରିଲେ । ପଛରେ ପ୍ରକାଶିତ ହେଲା ଯେ ଏମାନେ ଉପରୋକ୍ତ ଓଡ଼ିଶା ଅଳଙ୍କାର ଡକାୟତି କେଶ୍‌ରେ ସଂପୃକ୍ତ । ମିଥ୍ୟା କେବେ ଲୁଚି ରହେ ନାହିଁ । ଦିନେ ନା ଦିନେ ସତ୍ୟ ପ୍ରକାଶ ହୁଏ । ମଧୁସୂଦନ ନାମରେ ଯେ ଦୋଷାରୋପ ହୋଇଥିଲା, ତାହା

Digitized by srujanika@gmail.com

ସେ ନିଜେ ଜାଣି ନଥିଲେ । କିନ୍ତୁ ପରେ ଏ ଚୋରି ବିଷୟ ସମସ୍ତେ ଜାଣି ପାରିଲେ । ସାରା ଦେଶର ସମ୍ବାଦପତ୍ରଗୁଡ଼ିକରେ ଲେଖାଲେଖି ଓ ନାନା ଆଲୋଚନା ହୋଇଗଲା । ସରକାର ତରଫରୁ ତଦାରଖ କରିବାର ଜଣେ ଅଫିସର ଆସି ରିପୋର୍ଟ ଦେଲା ଯେ, ମଧୁବାବୁ ନିର୍ଦ୍ଦୋଷ । ସେତେବେଳେ ସରକାର ମଧୁବାବୁଙ୍କୁ ପ୍ରତିଶ୍ରୁତି ଦେଲେ ଯେ, ଭବିଷ୍ୟତରେ ତାଙ୍କ ଉପରେ ସରକାର ଅଟଳ ବିଶ୍ୱାସ ରଖିବ । କିଛି ଦିନ ପରେ ସରକାର ତାଙ୍କୁ ସି.ଆଇ.ଇ. ମେଡ଼ାଲ୍ ଦେଲେ ୧୮୦୪ ସାଲରେ (Companionship of the order of the Emperor).

(Royal Bengal Tiger) ସାର୍ ଆଶୁତୋଷ ମୁଖାର୍ଜୀଙ୍କର ସେ ଗୁରୁ ଥିଲେ । ସେ ମଧୁବାବୁଙ୍କୁ ବହୁତ ଭକ୍ତି କରୁଥିଲେ । ଆହୁରି ଜଣେ ମଧ ମଧୁବାବୁଙ୍କୁ ଗୁରୁବୋଲି ମାନୁଥିଲେ । ସେ ହେଉଛନ୍ତି ଗୋପାଳଚନ୍ଦ୍ର ପ୍ରହରାଜ । କଲିକତା ବିଶ୍ୱବିଦ୍ୟାଳୟର ଭାଇସ୍-ଚାନ୍ସେଲର୍ ଆଶୁତୋଷ ମୁଖାର୍ଜୀ । ତାଙ୍କ ପୁତ୍ର ପ୍ରସ୍ତୁତହୋଇ ପିତା ସାଙ୍ଗରେ ଦେଖା କରିବାକୁ ଆସି ଦେଖିଲେ ଯେ, ସେ ମଧୁବାବୁ ସାଙ୍ଗରେ ଗଭୀର ଆଲୋଚନାରେ ନିମଗ୍ନ ଅଛନ୍ତି । ଯେତେବେଳେ ଶ୍ୟାମପ୍ରସାଦ ଯିବାକୁ ବାହାରିଥିଲେ, ସେତେବେଳେ ସେ ପିତାଙ୍କ ପଦଧୂଳି ନେଇଯିବାକୁ ଆସିଥିଲେ । ଇତି ମଧ୍ୟରେ ମଧୁବାବୁ କହି ଉଠିଲେ ଆଗେ ତୁମେ ଷ୍ଟେସନ୍‌ରେ ଛାଡ଼ିଦେବା ନିତାନ୍ତ ପ୍ରୟୋଜନ । ଆମମାନଙ୍କର ଆଲୋଚନା କାଲି ହେଲେ ବି ଚଳିବ । ମଧୁବାବୁଙ୍କ ଏହି ପ୍ରକାର ସହାନୁଭୂତି ଉକ୍ତି ଶୁଣି ଶ୍ୟାମପ୍ରସାଦ ତାଙ୍କର ବିବେଚନା ଓ ମହାନ୍ ହୃଦୟର ପରିଚୟ ପାଇ ଅତ୍ୟନ୍ତ ଆନନ୍ଦିତ ହେଲେ । ସେ କ'ଣ ଜାଣୁଥିଲେ ଯେ ତାଙ୍କୁ ଚାଲିଯିବାକୁ ପଡ଼ିବ । ଏହି ଦେଖା ଯେ ତାଙ୍କ ପିତା ସାଙ୍ଗରେ ଶେଷ ଦେଖା, ତାହା କିଏ ଜାଣିଥିଲେ । ଟ୍ରେନ୍ ଛାଡ଼ିବା ମୁହୂର୍ତ୍ତରେ ପିତା, ସେଇ ହାତ ହଲାଇ ଶେଷ ମୁହୂର୍ତ୍ତର ବିଦାୟ ଦୃଶ୍ୟ ଶ୍ୟାମପ୍ରସାଦଙ୍କ ମନେ ପଡୁଥିଲା । ତାହାର ସପ୍ତାହ ପରେ ଆଶୁତୋଷ ମୁଖାର୍ଜୀଙ୍କର ମୃତ୍ୟୁ ହେଲା ୧୭ ମଇ ୧୮୯୨ ସାଲରେ ।

(୩) ଥରେ ରଥଯାତ୍ରାର ଦୁଇଦିନ ପୂର୍ବରୁ, ନବକଳେବର ସମୟରେ ମିସ୍ ଦାସ୍ ହିନ୍ଦୁ ବନ୍ଧୁମାନଙ୍କ ସହିତ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବାକୁ ଯାଇଥିଲେ । ପଣ୍ଡାମାନେ ତାଙ୍କୁ ଜଗନ୍ନାଥ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଛାଡ଼ିଲେ ନାହିଁ । ଯେହେତୁ ସେ ଖ୍ରୀଷ୍ଟିୟାନ ଏବଂ ମଧୁବାବୁଙ୍କ କନ୍ୟା, ତାଙ୍କର ମନ୍ଦିରରେ ପ୍ରବେଶ ଅଧିକାର ନାହିଁ । ସେଥିପାଇଁ ସେ ରାଜି ହେଉ ନଥିଲେ । ଯାହାହେଉ ବନ୍ଧୁମାନଙ୍କର ଅନୁରୋଧରେ ଶେଷରେ ଗଲେ ଆଉ

Digitized by srujanika@gmail.com

ଫେରିଆସିଲେ । ପ୍ରଧାନ ମନ୍ଦିର ବେଢ଼ା ଉପରେ ଛିଡ଼ାହୋଇ ସେ ଲୋକମାନଙ୍କର ଚଳାଚଳ ଦେଖୁଥିଲେ । ହଠାତ୍ ଜଣେ ବାବାଜୀ ତାଙ୍କୁ ଦେଖି ଭୟାନକ ଗଣ୍ଡଗୋଳ ଆରମ୍ଭ କରିଦେଲେ । ସେ ପାଟି କଲେ, ସର୍ବନାଶ ହେଉଛି । ମଧୁବାବୁଙ୍କ କନ୍ୟା ମନ୍ଦିରରେ ପ୍ରବେଶ କରି ମନ୍ଦିର ଅଶୁଦ୍ଧ କରିଛି । ଯାତ୍ରୀମାନେ ପଣ୍ଡାମାନଙ୍କୁ ଗାଳି ଦେବାକୁ ଆରମ୍ଭ କଲେ । ପଣ୍ଡାମାନେ ମିସ୍ ଦାସ୍‌ଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ୍ କନ୍ୟା ବୋଲି ମିଥ୍ୟା ପରିଚୟ ଦେବାକୁ ଶିଖାଇଥିଲେ । କିନ୍ତୁ ସେ ତାହା କହିବାକୁ ଅସ୍ୱୀକାର କଲେ । ଇତି ମଧ୍ୟରେ ଏସ୍.ପି. ଜିଲ୍ଲା ମାଜିଷ୍ଟ୍ରେଟ୍ ପୋଲିସ ଫୋର୍ସ ନେଇ ମିସ୍ ଦାସଙ୍କୁ ମନ୍ଦିର ଭିତରୁ ଉଦ୍ଧାର କଲେ । ତା'ର ପରଦିନ ଖବର ପାଇ ମଧୁବାବୁ ଓ କଟକର କମିଶନର ଆସିଲେ । ବେଙ୍ଗଲର ବଡ଼ଲାଟ ଟେଲିଗ୍ରାମ୍ କରି ଜାଣିବାକୁ ଚାହିଁଲେ ଯେ କେତେ ମିଲିଟାରୀ ଫୋର୍ସ ପଠାଇଲେ ଜନତାଙ୍କୁ ଆୟତ୍ତ କରିହେବ । ଏହାପରେ ସରକାର ତଦନ୍ତ ଆରମ୍ଭ କଲେ । ତଦନ୍ତରୁ ଜଣାଗଲା, ପୁରୀ ରାଜା ସ୍ୱୟଂ ମିସ୍ ଦାସଙ୍କୁ ପଣ୍ଡାମାନଙ୍କୁ ଅନୁମତି ଦେଇଥିଲେ । କାରଣ ମଧୁବାବୁ ପୁରୀ ରାଜା ଆଉ ପୁରୀ ମନ୍ଦିରର ମାନ ଇଜ୍ଜତ ରଖା କରିଥିଲେ । ସେଥିପାଇଁ ତାଙ୍କର କନ୍ୟାକୁ କିଏ ମନ୍ଦିରରେ ପ୍ରବେଶ କରିବାକୁ ନ ଦେବ ? ଯାହାହେଉ ଏହାର ଫଳାଫଳ ହେଲା, ପଣ୍ଡାମାନଙ୍କୁ ଜୋରିମାନା ଦେବାକୁ ପଡ଼ିଲା । ମନ୍ଦିର ଓ ଠାକୁରଙ୍କ ଭୋଗ ଶୁଦ୍ଧ କରିବାକୁ ପଡ଼ିଲା । ଜଗନ୍ନାଥଙ୍କୁ ପୁନରାୟ ଗାଧୋଇ ଜ୍ୱର ଭୋଗିବାକୁ ପଡ଼ିଲା । ସେଥିପାଇଁ ମାଉସୀ ମା' ଘରକୁ ଯିବା ଦୁଇ ତିନି ଦିନ ବିଳମ୍ବ ହେଲା ।

(୪) ପୁରାଣପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ଖ୍ୟାତି ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଏହି ଜଗନ୍ନାଥ ମନ୍ଦିରକୁ ତତ୍‌କାଳୀନ ବ୍ରିଟିଶ୍ ସରକାର ନିଜ ହାତକୁ ନେବାକୁ ଉଦ୍ୟମ କରିଥିଲେ । ଫଳରେ ସବୁ ଉତ୍କଳୀୟ ଜଗନ୍ନାଥ-ପ୍ରେମୀମାନଙ୍କ ସହିତ ମଧୁବାବୁ ଚିନ୍ତିତ ହେଲେ । ଉଦ୍ଭାବନର ପନ୍ଥା ବାହାର କରି ସେ ପ୍ରଥମ ପଦକ୍ଷେପରେ ଗଭର୍ଣ୍ଣର ଜେନେରାଲ୍ ସଙ୍ଗେ ଲଢ଼ିବାକୁ ସ୍ଥିର କଲେ । ଯେପରି ରୋମାନ୍ କାଥଲିକ୍ ଖ୍ରୀଷ୍ଟିୟାନମାନଙ୍କର ପୋପ୍ ହେଲେ ସର୍ବେସର୍ବା ସେମିତି ଓଡ଼ିଶାର ହିନ୍ଦୁମାନଙ୍କର ପୁରୀ ରାଜା ହେଲେ ସର୍ବେସର୍ବା । ସେଥିପାଇଁ ଓଡ଼ିଶା ହିନ୍ଦୁମାନଙ୍କର ଜାତକରେ ପୁରୀରାଜାଙ୍କ ନାମ ଆଉ ରାଜତ୍ୱ ବର୍ଷ ଗଣନା କରି ଜାତକ ହୁଏ । ଅତଏବ ରାଜାଙ୍କୁ ସେ ଅଧିକାରରୁ ବିଚ୍ୟୁତ କରିବା ଉଚିତ ନୁହେଁ । ଏହି ପ୍ରକାର ମଧୁବାବୁଙ୍କ ଯୁକ୍ତିପାଇଁ ରାଜ୍ୟରେ ତାଙ୍କ ଖ୍ୟାତି ବଢିଗଲା । ଭାରତରେ ସବୁ ସମ୍ବାଦପତ୍ରଗୁଡ଼ିକ ମଧୁବାବୁଙ୍କର ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ ।

Digitized by srujanika@gmail.com

(୫) ସୋନପୁରର ମେଳା ବିହାରର ଗୋଟିଏ ପ୍ରସିଦ୍ଧ ମେଳା । ପୂର୍ଣ୍ଣିମା ଦିନ ଏହି ବାର୍ଷିକ ମେଳା ବସେ । ଏହି ମେଳା ବହୁ ସାମଗ୍ରୀ ସାଙ୍ଗରେ ପଶୁପକ୍ଷୀ କ୍ରୟ-ବିକ୍ରୟପାଇଁ ସବୁ ପ୍ରାନ୍ତର କେନ୍ଦ୍ରସ୍ଥଳୀ । ପ୍ରାୟ ଭାରତବର୍ଷର ଲୋକେ ଏହି ମେଳାକୁ ଆସନ୍ତି । ମଧୁବାବୁ ମନ୍ତ୍ରୀ ଥିଲାବେଳେ ଶୈଳବାଳା ତାଙ୍କର କନ୍ୟା, ବନ୍ଧୁବାନ୍ଧବ ସାଙ୍ଗରେ ଏହି ମେଳା ପରିଦର୍ଶନ କରିବାକୁ ଯାଇଥିଲେ । ମଧୁବାବୁ ସେମାନଙ୍କ ପାଇଁ ଗୋଟିଏ ରେଳଡବା ରିଜର୍ଭ କରିଥିଲେ, ଆଉ ରିଫ୍ରେସ୍‌ମେଣ୍ଟ ରୁମ୍‌ରେ ଖାଇବାର ବ୍ୟବସ୍ଥା କରିଥିଲେ, ଅଧ ଡର୍ଜନ୍ ଗାଡ଼ି ବ୍ୟବସ୍ଥା କରିଥିଲେ, ସେମାନଙ୍କ ମେଳା ପରିଦର୍ଶନ କରିବାପାଇଁ । ଯାହାହେଉ ସେମାନେ ମେଳା ପରିଦର୍ଶନ କରି ଖୁସିରେ ଘରକୁ ଫେରି ଆସିଲେ ।

(୬) ମଧୁବାବୁ ସେହି ସମୟରେ ସ୍ୱ ଉପାର୍ଜିତ ଅଜସ୍ର ଟଙ୍କା ଦେଇ ଓଡ଼ିଶା ଆର୍ଟ (Art wears)ର ଉନ୍ନତି କରିଥିଲେ । ସେଥିରେ ଦେଢ ଶହ, ଦୁଇ ଶହ ଶ୍ରମିକ ଶିକ୍ଷା ପାଉଥିଲେ । ମଧୁମନ୍ଦିର, ମଧୁସ୍ମୃତି ପରିସର ଭିତରେ ପାହାଚ ନ ଥିବା ଦୋତାଲା ଗୃହ ଥିଲା । କାରିଗରମାନଙ୍କୁ ଦୋତାଲା ଘରକୁ ଯିବାକୁ ହେଲେ ଶିଢ଼ି ଲଗାଇ ଉଠିବାକୁ ହେଉଥିଲା । ଦିନ ଶେଷରେ କାର୍ଯ୍ୟ ଶେଷ ହେଲେ ଦରବାନ୍ କାରିଗରମାନଙ୍କୁ ଚେକ୍ କରି କରି ଶିଢ଼ି ଲଗାଇ ତଳକୁ ନେଉଥିଲେ । ଟାଉକସି କାମ ବନ୍ଦ ହେଲା ପରେ ଗୃହଟି ମୋ ବାପା ପାଉଥିଲେ । ସେ ସେହି ଗୃହଟି ପାହାଚ ପକାଇ ମରାମତି କରି ନେଇଥିଲେ । ସରକାର ମଧୁସ୍ମୃତି ନେବା ସମୟରେ ଏହି ଗୃହଟି କିଣି ନେଇଥିଲେ ।

(୭) ଶେଷ କାଳରେ ବୁଢ଼ାଦାଦା ଭଲ ରୋଜଗାର କରିପାରୁ ନଥିଲେ । ଛୋଟ ପିଉସୀମା ବୁଢ଼ାଦାଦାଙ୍କୁ କହିଲେ, ମାସର ପ୍ରତି ସପ୍ତାହରେ ଦରିଦ୍ରମାନଙ୍କୁ ଦାନ କରିବା ଉଚିତ୍ ନୁହେଁ । କାରଣ ସେ ସମୟରେ ପାରିବାରିକ ସଂସାର ଖର୍ଚ୍ଚ ସୁଧାଂଶୁବାଳାଙ୍କୁ ଚଳାଇବାକୁ ପଡୁଥିଲା । ବୁଢ଼ାଦାଦା ସେତେବେଳେ ମନ ଦୁଃଖରେ କହିଲେ, ମୁଁ ଜଣେ ଦରିଦ୍ର ବ୍ୟକ୍ତି । ତେଣୁ ମୋ' ପାଇଁ ମଧ କିଛି ଟଙ୍କା ଖର୍ଚ୍ଚ କରିବା ପ୍ରୟୋଜନ ନାହିଁ । ଯଦି ମୋତେ ସନ୍ତୁଷ୍ଟ କରିବାକୁ ଚାହୁଁଚ, ତା'ହେଲେ ଦରିଦ୍ରକୁ ଦାନ କରିବାକୁ ବନ୍ଦ କର ନାହିଁ । ବୁଢ଼ାଦାଦା ସାଙ୍ଗରେ ଚନ୍ଦ୍ରକୁମାର ହାଜରା ୧୯୦୫ ସାଲରେ କଲିକତାର ବହୁବଜାର ଦୋକାନମାନଙ୍କରେ ବୁଲୁଥିଲେ । ଗୋଟିଏ ଯନ୍ତ୍ରପାତି ଦୋକାନରେ ଓଡ଼ିଶା ଆର୍ଟ ସ୍କୁଲ ପାଇଁ କିଛି ଯନ୍ତ୍ରପାତି କିଣିବାକୁ ଗଲେ । ଗୋଟିଏ ହାତ ମେସିନ୍ ଦେଖି ସେ ଦୋକାନୀକୁ ତାଙ୍କର ନୂଆ ପଦ୍ଧତିପ୍ରଣାଳୀ ବୁଝାଉଥିଲେ । ଦୋକାନୀ ଆଶ୍ଚର୍ଯ୍ୟ ଭାବରେ ଜାଣିବାକୁ

Digitized by srujanika@gmail.com

ଚାହିଁଲେ ସେ କ'ଣ କରନ୍ତି ? ବୁଢ଼ାଦାଦା ଭାବିଲେ ସେ ତାଙ୍କର ଜାତି ଜାଣିବାକୁ ଚାହୁଁଛି । ସେଠୁ ସେ କହିଲେ, ସେ ଓଡ଼ିଆ । ଦୋକାନୀଟି ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ; ଆଉ ଭାବିଲେ ଏପରି ଭଦ୍ର ବେଶଧାରୀ ଜଣେ ଭଦ୍ରଲୋକ କିପରି ଓଡ଼ିଆ ବୋଲି ନିଜକୁ ପରିଚୟ ଦେଉଛନ୍ତି । ସେଥିପାଇଁ ସେ ପୁନରାୟ ପଚାରିଲେ, ସତ କୁହନ୍ତୁ, ଆପଣ କିଏ ? ସେ ପରିଷ୍କାର ବଙ୍ଗଳାରେ କହିଲେ, ମୁଁ ଜଣେ ଓଡ଼ିଆ । ସେ ସମୟରେ ଭାରତବାସୀମାନେ ବିଶେଷତଃ ବଙ୍ଗାଳିମାନେ ଦେଖୁଥିଲେ ଯେ ଓଡ଼ିଆମାନେ କଲିକତା ଆସି ରାନ୍ଧୁଣିଆ ବ୍ରାହ୍ମଣ କାମ, ପାଣି କଳର ମିସ୍ତ୍ରୀ ଓ ବଗିଚାର ମାଳି କାମ ଛଡ଼ା ଆଉ କିଛି ଉଚ୍ଚ ସ୍ତରର କାମ କରୁ ନଥିଲେ । ସେଥିପାଇଁ ସେମାନେ ଓଡ଼ିଆମାନଙ୍କୁ ହେୟ ଜ୍ଞାନ କରୁଥିଲେ । ମଧୁବାବୁଙ୍କ ଏପରି ସ୍ପଷ୍ଟ ଉତ୍ତରରେ ସେ ଅବାକ୍ ହୋଇଗଲେ ଆଉ କ୍ଷମା ମାଗିଥିଲେ । ମଧୁବାବୁ ତାଙ୍କର ପିଠି ଥାପୁଡ଼ାଇ ଉଚ୍ଚ ସ୍ୱରରେ ହସି ହସି କହିଲେ, ନିଜ ଜାତି ପରିଚୟ ଦେବାକୁ ଲାଜ କାହିଁକି ?

(୮) ମୋର ପିଉସୀମା ଶୈଳବାଳା ଦାସଙ୍କର କଲିକତା ନିବାସୀ ବନ୍ଧୁ ସରଳା ଦେବୀ ଚୌଧୁରାଣୀଙ୍କ ମଧୁବାବୁ ପ୍ରତି ଭିନ୍ନଧାରଣା ଥିଲା । ସେ ଭାବୁଥିଲେ ମଧୁବାବୁ ବଙ୍ଗାଳୀ ବିଦ୍ୱେଷୀ ହୋଇଥିବେ । କିନ୍ତୁ କିପରି ତା' ସମ୍ଭବ ? ତାହାହେଲେ କିପରି ଶୈଳବାଳା ଏବଂ ତାଙ୍କର ଭାଇ ଭଉଣୀମାନଙ୍କୁ ତାଙ୍କର ସନ୍ତାନ ତୁଲ୍ୟ ପ୍ରତିପାଳନ କଲେ ? କଟକରେ ଅଧିକାଂଶ ପ୍ରସିଦ୍ଧ ପ୍ରବାସୀ ବଙ୍ଗାଳୀମାନଙ୍କର ସାଙ୍ଗରେ ତାଙ୍କର ବନ୍ଧୁତ୍ୱ ଥିଲା । ସେ ଯେ ବଙ୍ଗାଳୀ ଆଉ ବଙ୍ଗଦେଶକୁ କମ୍ ଭଲ ପାଉଥିଲେ ତାହା ନୁହେଁ । ସେ ଓଡ଼ିଆ ଓ ଓଡ଼ିଶାବାସୀମାନଙ୍କୁ ବେଶୀ ଭଲ ପାଉଥିଲେ, ଯେପରି କି ତାଙ୍କର ନିଜ ଦେଶ ନିଜ ଜାତି ଅନ୍ୟାନ୍ୟ ଦେଶମାନଙ୍କ ସାଙ୍ଗରେ ସମପର୍ଯ୍ୟାୟଭୁକ୍ତ ହୋଇପାରିବେ ।

(୯) ଥରେ ଗୋଟିଏ ନିର୍ବାଚନରେ ମଧୁବାବୁଙ୍କର ବିରୁଦ୍ଧ ପ୍ରାର୍ଥୀ ଥିଲେ ଜଣେ ଓଡ଼ିଆ ଭଦ୍ରଲୋକ । ଅନ୍ୟାୟ ନୀତି ପ୍ରୟୋଗରେ ଅଧିକ ଭୋଟ ପାଇ ସେ ମଧୁବାବୁଙ୍କୁ ପରାସ୍ତ କରିବାକୁ ଚେଷ୍ଟା କଲେ । କିନ୍ତୁ ପାରିଲେ ନାହିଁ । ମଧୁବାବୁ ଅଧିକ ଭୋଟ ପାଇ ଜିତିଗଲେ । ମଧୁବାବୁ ବିହାର, ଓଡ଼ିଶାର ମନ୍ତ୍ରୀ ଥିଲାବେଳେ ପାଟନାରେ ରହୁଥିଲେ । ସେହି ବ୍ୟକ୍ତି ତାଙ୍କୁ ଚିଠି ଲେଖି ପାଟନା ଗୃହରେ ଅତିଥି ହେବାପାଇଁ ଲେଖିଥିଲେ । ମଧୁବାବୁ କହିଲେ, ତୁମେମାନେ କ'ଣ ଭୁଲିଯାଉଛ, ସେ ବି ଜଣେ ଓଡ଼ିଆ । ମୋର ଯେତେ ବଡ଼ ଶତ୍ରୁ ହେଲେବି ସ୍ନେହ ଓ ଶ୍ରଦ୍ଧାରେ ସେ ମୋର ଅତିଥି ହେବେ ।

Digitized by srujanika@gmail.com

୧୯୦୦ ଶତାବ୍ଦୀରେ ବର୍ତ୍ତମାନ ଓଡ଼ିଶା ପରି ସେଦିନର ଓଡ଼ିଶା ନଥିଲା । ଜଣେ ଲେଫ୍ଟନେଣ୍ଟ୍ ଗଭର୍ଣ୍ଣର ରାଜ୍ୟ ଶାସନ କରୁଥିଲେ । ତାଙ୍କ ଅଧୀନରେ ବଙ୍ଗ, ବିହାର ଓ ଓଡ଼ିଶା ଥିଲା । ସେ କଲିକତା ସହରଠାରୁ ବହୁ ଦୂରରେ ରହୁଥିଲେ । ଉତ୍କଳବାସୀମାନଙ୍କ ବିଷୟରେ ତାଙ୍କର ଅଦ୍ଭୁତ ଧାରଣା ଥିଲା । ସେମାନେ ପ୍ରାଦେଶିକ ସରକାରୀ କାର୍ଯ୍ୟରେ ଉପଯୁକ୍ତ ନୁହନ୍ତି । ମଧୁବାବୁ ବହୁ ତଦାରଖ କରି ପ୍ରଥମେ ଗୋଟିଏ ଓଡ଼ିଆ ଗ୍ରାଜୁଏଟ୍ ଯୁବକ ଦଳଙ୍କ ସାହାଯ୍ୟକରି ଯେଉଁ କାର୍ଯ୍ୟଗୁଡ଼ିକ ବଙ୍ଗାଳୀ ଯୁବକମାନଙ୍କ ପାଇଁ ସଂରକ୍ଷିତ ଥିଲା, ସେହି କାର୍ଯ୍ୟଗଡ଼ିକ ଦଖଲ କରି ନେବାପାଇଁ ସାହାଯ୍ୟ କଲେ । ଏପରିକି ମଧୁବାବୁ ଇଂଲଣ୍ଡ ଯାଇ ସେହି ଯୁବକମାନଙ୍କ ପାଇଁ ଲଢ଼ିଥିଲେ । ସେହି ସମୟରେ ଗୋପାଳଚନ୍ଦ୍ର ପ୍ରହରାଜ ଏବଂ ଅଭିରାମ ଭଞ୍ଜ ଦୁଇଜଣ ଏମ୍.ଏ., ବି.ଏ. ପାସ୍ କରିଥିଲେ । ମଧୁବାବୁ ସେମାନଙ୍କୁ ବହୁ ଚେଷ୍ଟାରେ ପ୍ରାଦେଶିକ ଏକ୍‌ଜିକ୍ୟୁଟିଭ୍ ସର୍ଭିସ୍‌ରେ ଭର୍ତ୍ତି କଲେ । ମଧୁବାବୁଙ୍କ କିଛି ବିପକ୍ଷ ଶତ୍ରୁ ମଧ ଥିଲେ, ଯେଉଁମାନେ ତାଙ୍କୁ ବିଦେଶୀ ଆଖିରେ ଦେଖୁଥିଲେ । ହୁଏତ ତାଙ୍କ ଦେଶପ୍ରୀତି ପାଇଁ ଅଜସ୍ର ଅର୍ଥ ବ୍ୟୟ ଦେଖି ଅବା ବଙ୍ଗାଳୀ କନ୍ୟାକୁ ଗ୍ରହଣ କରିବା ଓ ବଙ୍ଗାଳୀ ପ୍ରୀତି ଦେଖି ସେମାନେ ତାଙ୍କୁ ସନ୍ଦେହ ଆଖିରେ ଦେଖୁଥିଲେ ।

(୧୦) ଯେତେବେଳେ ଓଡ଼ିଶାର ଶିଳ୍ପ କାର୍ଯ୍ୟ, ସୁନା ରୁପା ଓ ଚମଡ଼ାର କାରଖାନା ଯୋଗୁଁ ମଧୁବାବୁ ଦେବାଳିଆ ହୋଇ Insolvency Caseରେ ପଡ଼ିଲେ, ସେତେବେଳେ ଜଣେ ଧନୀ ଲୋକ ନିଃସହାୟ ଅବସ୍ଥାରେ ତାଙ୍କର ସାହାଯ୍ୟ ଆଶାରେ ଦ୍ୱାରସ୍ଥ ହେଲେ । ମଧୁବାବୁ ନିଜର ବାକ୍ସ ଏବଂ ପକେଟ୍ ଦରାଣ୍ଡି ମାତ୍ର ଟ.୫୦୧/- ତାଙ୍କ ହାତରେ ଧରାଇଦେଇ କହିଲେ, ଏହାହିଁ ମୋର ଏକମାତ୍ର ସମ୍ବଳ ଏବଂ ଏହାଠାରୁ ମୁଁ ଅଧିକ କିଛି ଦେଇପାରିବି ନାହିଁ । ଏତିକି କହି ସେ କାନ୍ଦି ପକାଇଲେ । ଏପରି ଦାତା କ'ଣ କେହି ଦେଖିଛନ୍ତି, ଯେକି ଅଧିକ ଦାନ କରି ନପାରି କାନ୍ଦି ପକାଉଛନ୍ତି । ଆଶ୍ଚର୍ଯ୍ୟ ତାଙ୍କର ଦାନଶୀଳତା ।

(୧୧) ମଧୁବାବୁଙ୍କ ଉତ୍କଳ ଟେନେରୀ ଯେତେବେଳେ ଚାଲୁ ନ ଥିଲା, ସେହି ସମୟରେ କଲିକତା ହାଇକୋର୍ଟର ଓକିଲ ପରମାନନ୍ଦ ଦତ୍ତ ଯେ କି ଅମୃତ ବଜାର ପତ୍ରିକାର Joint Editor, ତାଙ୍କ ସମ୍ବନ୍ଧରେ ଏକ ଘଟଣା । ଦିନେ, ଯେତେବେଳେ ପରମାନନ୍ଦଙ୍କ ପିତାମହ ମୋତିଲାଲ୍ ଅମୃତ ବଜାର ପତ୍ରିକା ଅଫିସରେ ମଧୁବାବୁଙ୍କ ସଙ୍ଗେ କଥାବାର୍ତ୍ତା ହେଉଥିଲେ, ସେଇ ସମୟରେ ପରମାନନ୍ଦ ବାରଣ୍ଡା ଦେଇ ଯାଉଥିଲେ । ତାଙ୍କର ସାଥୀନ୍ତ

Digitized by srujanika@gmail.com

ବାପା ମୋତିବାବୁ ହଠାତ୍ ନାତିକୁ ଡାକି କହିଲେ, ତୁମେ କେଉଁଠାରୁ ଏ ଯୋତା କିଣିଛ ? ପରମାନନ୍ଦ ଉତ୍ତର ଦେଲେ National Tannery । ସେ ପୁଣି ତାଙ୍କୁ ପଚାରିଲେ, କେତେ ଟଙ୍କାରେ କିଣିଲ ? ନାତି ଉତ୍ତର ଦେଲେ, ତିନି ଟଙ୍କା । ମୋତିବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ, ଏତେ ଟଙ୍କା ? ମୋର ଯୋତା ଦୁଇ ଟଙ୍କା ଚାରି ଅଣାରେ କିଣିଛି । ତୁମେ ଏତେ କମ୍ ଦାମ୍‌ରେ କିଣିପାରିଲ ନାହିଁ । ନାତି କହିଲେ, ତୁମର ତ କନା ଯୋତା, ଯାହା ବୃଦ୍ଧମାନଙ୍କ ପାଇଁ; କିନ୍ତୁ ସେ ଯାଗାରେ ମୋ ଯୋତା ଦୁଇ ବର୍ଷ ଯିବ । ମୋତିବାବୁ ଭୟଙ୍କର ଚିତ୍କାର କରି କହିଲେ, ତୁମେ ବହୁତ ତର୍କ କରୁଛ । ମଧୁବାବୁ ତାଙ୍କୁ ସେତେବେଳେ ନୀରବ ରହିବାକୁ କହିଲେ, ନନ୍ଦୁ, ତୁମେ କ'ଣ ଭୁଲିଗଲ ଯେ ତାଙ୍କ ବାଳ ଆମ ପରି ଏ ପର୍ଯ୍ୟନ୍ତ ଧଳା ହୋଇ ନାହିଁ । ମୋତିବାବୁ ଚୁପ୍ ରହିଲେ । ମଧୁବାବୁ ତାଙ୍କ କାରଖାନାର ଚମଡ଼ା ନରମ ଯୋତା ହଳେ ଦାନ କରି କହିଲେ, ଦେଖ ଚମଡ଼ା ଯୋତା ବି ନରମ ହୋଇପାରେ ।

(୧୨) ଥରେ ମିସ୍ ଦାସଙ୍କର ସୁନାର ଅଳଙ୍କାର ଓ ଗହଣା ବାକ୍ସ ଭୁଲବଶତଃ ମାଲ୍ ଡବାରେ (Brake Van) ବମ୍ବେ ଷ୍ଟେସନକୁ ଚାଲିଯାଇଥିଲା । ବହୁତ ଖୋଜାଖୋଜି ପରେ ତାହା ମିଳିଗଲା ।

ସେହି ସମୟରେ ସରକାର ଠିକ୍ କଲେ ପି.ଡବ୍ଲୁ.ଡି. ହେଡ୍ ଆସିଷ୍ଟାଣ୍ଟ, ଗୋଟିଏ ଆସିଷ୍ଟାଣ୍ଟ ସେକ୍ରେଟାରୀ ପଦପାଇଁ ତାଙ୍କରି ଡିପାର୍ଟମେଣ୍ଟରୁ ଉପଯୁକ୍ତ ଲୋକ ନିଆହେଉ । କିନ୍ତୁ ବାହାର ଲୋକ ନୁହେଁ । ସେଥିପାଇଁ ଜଣେ ବଙ୍ଗାଳୀ, ଜଣେ ଓଡ଼ିଆ ସେହି ପୋଷ୍ଟ ପାଇଁ ଦରଖାସ୍ତ ପଠାଇଥିଲେ । ଓଡ଼ିଆ କିରାଣୀଟି ଠିକ୍ ଭାବରେ ଭାବି ନେଇଥିଲେ ମଧୁବାବୁ ଯେତେବେଳେ ଓଡ଼ିଆ ଏଇ ପୋଷ୍ଟଟି ସେ ନିଶ୍ଚିତ ପାଇପାରିବେ । ସେତେବେଳେ ସେ ଭଦ୍ରଲୋକ ମିସ୍ ଦାସଙ୍କ ପାଖରେ ଯାଇ ତା' ଗୁହାରି ପେଶ୍ କଲା । ତେଣୁ ମିସ୍ ଦାସ୍ ରାଜିହୋଇ ମଧୁବାବୁଙ୍କ ପାଖରେ ସୁପାରିଶ କଲେ । ମିଷ୍ଟର ଦାସ୍ କିଛି ଜବାବ ନ ଦେଇ ଦୁଇଟି ଫାଇଲ ଶୈଳବାଳାଙ୍କୁ ଦେଇ ଭଲକରି ଦେଖି ତାଙ୍କର ମନ୍ତବ୍ୟ ଜଣାଇବାକୁ କହିଲେ । ସେ ଭଲକରି ଫାଇଲ୍ ଦୁଇଟା ଦେଖି ବୁଝିପାରିଲେ ଯେ, ଓଡ଼ିଆ କିରାଣୀଟି ସବୁଦିନ ଠିକ୍ ସମୟରେ ହାଜରା ଦିଏ; କିନ୍ତୁ କାର୍ଯ୍ୟରେ ବହୁତ ଶିଥିଳ । ଅନ୍ୟ ବଙ୍ଗାଳୀ କିରାଣୀଟି ଯଦିଓ ହାଜିରା ପ୍ରତିଦିନ ନିର୍ଦ୍ଦିଷ୍ଟଭାବେ ଦିଏନା; କିନ୍ତୁ ଉପଯୁକ୍ତଭାବେ କାର୍ଯ୍ୟ କରେ । ଏମିତି କି ଦୁଇଗୁଣ କାର୍ଯ୍ୟ କରେ । ସେଥିପାଇଁ ମିସ୍ ଦାସ୍ ସ୍ୱଭାବତଃ ବଙ୍ଗାଳୀ କିରାଣୀକୁ ମନସ୍ଥ କଲେ । ମଧୁବାବୁ କହିଲେ ତୁମେ ଉପଯୁକ୍ତଭାବେ ମନୋନୟନ କରିଛ । ବହୁ ସମୟ ମଧୁବାବୁ ଏପରି କାର୍ଯ୍ୟରେ କନ୍ୟାଙ୍କର ପରାମର୍ଶ ନେଉଥାନ୍ତି ।

Digitized by srujanika@gmail.com

(୧୩) ଥରେ ସରକାରୀ ମହଲରେ ଗୋଟିଏ ଦରବାରରେ ମଧୁବାବୁଙ୍କ ସାଥିରେ ଶୈଳବାଳା ନିମନ୍ତ୍ରିତ ହୋଇଥିଲେ । ମନ୍ତ୍ରୀଙ୍କ ଗାଡ଼ି ପ୍ରଧାନ ଗେଟ୍ ଭିତରେ ପ୍ରବେଶ କଲା, ଯେଉଁଠି ବଡ଼ ବଡ଼ ପ୍ରଧାନ ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନେ ପ୍ରବେଶ କରୁଥିଲେ । ମଧୁବାବୁ କନ୍ୟାଙ୍କୁ ପ୍ରାଇଭେଟ୍ ସେକ୍ରେଟାରୀ ହାତରେ ସମର୍ପଣ କରିଦେଲେ, ତାଙ୍କର ନିର୍ଦ୍ଦିଷ୍ଟ ଜାଗାରେ ବସାଇଦେବା ପାଇଁ । ସେହି କର୍ମଚାରୀ ମାର୍ବଲ ପଥରର ସିଡ଼ି ଦେଇ ମିସ୍ ଦାସ୍‌ଙ୍କୁ ବାଲ୍‌କୋନିରେ ପହଞ୍ଚାଇଦେଲେ । କମିଶନରଙ୍କ ସ୍ତ୍ରୀ ଏବଂ ଅନ୍ୟାନ୍ୟ ମହିଳାମାନେ ତାଙ୍କର ଚାରିପାଖରେ ବସିଥିଲେ । କିଛି ଦୂରରେ Governor wife ମଧ ତାଙ୍କର ବନ୍ଧୁମାନଙ୍କୁ ନେଇ ବସିଲେ । ସେହି ଅନୁଷ୍ଠାନ ସରିଲା ପରେ ମିସ୍ ଦାସ୍ ଓ ଅନ୍ୟାନ୍ୟ ମହିଳାମାନେ ସେହି ଗୋଟିଏ ସିଡ଼ି ଦେଇ ଯିବାକୁ ଚାହୁଁଥିଲେ । ମାତ୍ର ସେତିକିବେଳେ କମିଶନରଙ୍କ ସ୍ତ୍ରୀ କହିଲେ, ଗଭର୍ଣ୍ଣରଙ୍କ ସ୍ତ୍ରୀ ଆସୁଛନ୍ତି ସେମାନଙ୍କ ଆଡ଼କୁ । ସେମାନେ ଛିଡ଼ା ହୋଇଗଲେ ତାଙ୍କର ଆସିବାର ଅପେକ୍ଷାରେ । ମିସ୍ ଦାସ୍ ତାଙ୍କୁ ଦେଖି ହସିକରି ଅଭ୍ୟର୍ଥନା କଲେ । ସେ ତାହା ଅଗ୍ରାହ୍ୟ କରି ସମସ୍ତ ମହିଳାମାନଙ୍କର ସାମନାରେ ବଡ଼ ପାଟିକରି କହିଲେ ସିଆଡ଼କୁ ନୁହେଁ, ସିଆଡ଼କୁ ନୁହେଁ । ପଛ ବାଟ ସିଡ଼ି ଦେଇ ଓହ୍ଲାଇଯାଅ । ଗଭର୍ଣ୍ଣର ସ୍ତ୍ରୀଙ୍କ ଏପରି ଅଭଦ୍ର ବ୍ୟବହାରରେ, ଆଉ ପ୍ରଧାନତଃ ଚିତ୍କାରରେ ସେମାନେ ଆଚମ୍ବିତ ହୋଇଗଲେ । ଆଉ ପଛ ବାଟରେ ସିଡ଼ି ଦେଇ ଧୀରେ ଧୀରେ ଓହ୍ଲାଇଗଲେ । ତାଙ୍କର ଗର୍ବିତ ଆଚରଣରୁ ବୁଝାଗଲା ମାର୍ବଲ ପଥର ସିଡ଼ି କେବଳ ମାତ୍ର ଗଭର୍ଣ୍ଣର ସ୍ତ୍ରୀଙ୍କର ନିଜସ୍ୱ ବ୍ୟବହାରପାଇଁ । ଅନ୍ୟାନ୍ୟ ଅଫିସରମାନଙ୍କ ସ୍ତ୍ରୀମାନେ ଭାବିଲେ, ମିସ୍ ଦାସ୍ ଏବଂ ଅନ୍ୟାନ୍ୟ ମହିଳାମାନେ ଯେପରି ଅପମାନିତ ହେଲେ, ସେପରି ଅପମାନିତ ଗଭର୍ଣ୍ଣରଙ୍କ ସ୍ତ୍ରୀ ତାଙ୍କର ଚପରାଶିଦ୍ୱାରା ଯେ ନହେବେ ତା'ର କ'ଣ ସ୍ଥିରତା ଅଛି ?

ମିସ୍ ଦାସ୍ ଏ ଅପମାନର କଥା କାହାକୁ, ଏମିତିକି ତାଙ୍କ ପିତାକୁ ମଧ ଜଣାଇ ଯେତେବେଳେ ତାଙ୍କ ପିତା ଏ ଘଟଣା ଜାଣିପାରିଲେ ମିସ୍ ଦାସ୍‌ଙ୍କୁ ପଚାରିଲେ, କ'ଣ ହୋଇଥିଲା ? ମିସ୍ ଦାସ୍ ସବୁ ସତ ଘଟଣା ଜଣାଇଦେଇ କହିଲେ, ଯେହେତୁ ମଧୁବାବୁ ମନ୍ତ୍ରୀ ଅଛନ୍ତି ସେଥିପାଇଁ ସେ ଗଭର୍ଣ୍ଣମେଣ୍ଟ ହାଉସ୍‌ରେ ସବୁ ନିମନ୍ତ୍ରଣ ରକ୍ଷା କରିବେ । କିନ୍ତୁ ତାଙ୍କର କନ୍ୟା ଗଭର୍ଣ୍ଣମେଣ୍ଟ ଚାକିରିଆ ନୁହନ୍ତି, ସେ ନିଜ ଇଚ୍ଛାମତେ ଯାହା କରିପାରେ । ମଧୁବାବୁ ରାଜି ହେଲେ ।

ପାଟଣା ଭାଇସ୍‌ରାୟ ଯେତେବେଳେ ଓଡ଼ିଶା ପର୍ଯ୍ୟଟନ କରିବାକୁ ଆସିଲେ, ସେତେବେଳେ ଗଭର୍ଣ୍ଣମେଣ୍ଟ ହାଉସ୍‌ର ସମସ୍ତ ନିମନ୍ତ୍ରଣରେ ଯୋଗ ନ ଦେଇ ସେ

Digitized by srujanika@gmail.com

ଫେରାଇଦେଲେ; କିନ୍ତୁ ଅନ୍ୟାନ୍ୟ ବେସରକାରୀ ନିମନ୍ତ୍ରଣଗୁଡ଼ିକରେ ଯୋଗ ଦେଲେ ମିସ୍ ଦାସ୍ । ଯେତେବେଳେ ସବୁ ସରକାରୀ ବେସରକାରୀ କର୍ମଚାରୀ ବନ୍ଧୁମାନେ ତାଙ୍କୁ ପଚାରିଲେ, କାହିଁକି ସେ ଏପରି ଭାବରେ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରୁଛନ୍ତି, ସେତେବେଳେ ମିସ୍ ଦାସ୍ ବନ୍ଧୁମାନଙ୍କୁ ସବୁ କଥା ଖୋଲି କହିଦେଲେ । ସେମାନେ ଶୁଣି ସହାନୁଭୂତି ଜଣାଇଲେ । ସେମାନଙ୍କର ସ୍ୱାମୀମାନେ ବି ଅପମାନିତ ହେଉଥିଲେ । କିନ୍ତୁ ସେମାନେ ସରକାରୀ ଚାକିରିଆ ହୋଇଥିବାରୁ ଚୁପ୍‌ଚାପ୍ ରହୁଥିଲେ । ଏହି ସମୟରେ ମିସ୍ ଦାସ୍ ଗୋଟିଏ ସୁଯୋଗ ପାଇଗଲେ, କି ପ୍ରକାରରେ ତାଙ୍କରି ଘରେ ଗଭର୍ଣ୍ଣରଙ୍କ ସ୍ତ୍ରୀଙ୍କୁ ଆଘାତ ଦେଇ ହେବ । ଏହି ପ୍ରଥମ ଗଭର୍ଣ୍ଣରଙ୍କ ସ୍ତ୍ରୀ ପର୍ଦ୍ଦା ପାର୍ଟି ଆରମ୍ଭ କଲେ ଏବଂ ୧୫୦ ଜଣ ଭାରତୀୟ ମହିଳାମାନଙ୍କ ସହ କିଛି ଇଂରେଜ ମହିଳାମାନଙ୍କୁ ମଧ୍ୟ ନିମନ୍ତ୍ରଣ କଲେ । ଏହି ପର୍ଦ୍ଦାପାର୍ଟିର ଉଦ୍ଦେଶ୍ୟ ଥିଲା ଇଂରାଜୀ କର୍ମଚାରୀମାନଙ୍କ ସ୍ତ୍ରୀମାନଙ୍କ ସହ ଭାରତୀୟ କର୍ମଚାରୀମାନଙ୍କ ସ୍ତ୍ରୀମାନେ ମିଳିତ ହୋଇ ପରିଚିତ ହେବା ।ଜଣେ ଦୁଇଜଣ ଇଂରେଜ ମହିଳା ସେ ଭାରତୀୟ ମହିଳା ବ୍ୟତୀତ ଆଉ କେହି ସେହି ପର୍ଦ୍ଦାପାର୍ଟିରେ ଯୋଗଦେଲେ ନାହିଁ, କି ନିମନ୍ତ୍ରଣ ଗ୍ରହଣ କଲେ ନାହିଁ । ଯଦିଓ ସେହି ସବୁ ମହିଳାମାନଙ୍କର ସ୍ୱାମୀମାନେ ଚାକିରି କରୁଥିଲେ । ତାଙ୍କର ଧାରଣା ହେଲା ଯେ ଅତୀତରେ ଯଦି ଜଣେ ମନ୍ତ୍ରୀ କନ୍ୟା ଏପରି ଅପମାନିତ ହେଲେ, ତାହାହେଲେ ସେମାନଙ୍କର ଅଶିକ୍ଷିତା ସ୍ତ୍ରୀମାନେ ଆହୁରି କେତେ ଅପମାନିତ ନ ହେବେ । କେବଳ ଇଂରେଜ ମହିଳାମାନଙ୍କୁ ନେଇ ପର୍ଦ୍ଦା ପାର୍ଟି ସମ୍ଭବ ହେବନି ଜାଣି ସେହି ପାର୍ଟି ଦେବା କିଛି ଦିନ ପୂର୍ବରୁ ସେହି ସବୁ ନିମନ୍ତ୍ରିତ ମହିଳାମାନଙ୍କ ପାଖକୁ ବିଜ୍ଞାପନ ପଠାଇ ପର୍ଦ୍ଦା ପାର୍ଟି ବନ୍ଦ କରିଦେଲେ । ତା' ପରଠାରୁ ଆଉ କୌଣସି ପର୍ଦ୍ଦା ପାର୍ଟି ହୋଇ ପାରିଲା ନାହିଁ । ଯେତେଦିନ ମିସ୍ ଦାସ୍ ସେଠି ଥିଲେ, ଗଭର୍ଣ୍ଣର ଅବସର ପ୍ରାପ୍ତ ହେଲେ ମଧ୍ୟ ତାଙ୍କ ସ୍ତ୍ରୀଙ୍କୁ କେହି ବିଦାୟ ଅଭିନନ୍ଦନ ଦେଲେନି । ମିସ୍ ଦାସ୍ ମଧ୍ୟ ସେଥି ପାଇଁ କୌଣସି ବ୍ୟବସ୍ଥା କଲେନି ।

(୧୪) ଗୋଟିଏ ଘଟଣା : ମୋ' ପିତୃବ୍ୟ ଚନ୍ଦ୍ରକୁମାର ହାଜରା ଜାଣୁଥିଲେ ଯେ ବୁଢ଼ାବାପା କାହାର ଅନୁଗ୍ରହର ବଶବର୍ତ୍ତୀ ହେବାକୁ ଚାହାନ୍ତି ନାହିଁ । ଦିନେ ଅପରାହ୍ନ ସମୟରେ ତାଙ୍କର କନ୍ୟା ମିସ୍ ଦାସ୍‌ଙ୍କର କମିଶନର ସ୍ତ୍ରୀଙ୍କ ଘରକୁ ଜଳଖିଆ ଖାଇବାର ନିମନ୍ତ୍ରଣ ଥିଲା । ସେହି କାଳରେ ସରକାରୀ ଓ ବେସରକାରୀ ସ୍ତ୍ରୀଲୋକ ମଧ୍ୟରେ ବେଶ୍ ଘନିଷ୍ଠ ସମ୍ପର୍କ ଥିଲା । ଗାଡ଼ିର ଚାଳକ ଠିକ୍ ସମୟରେ ନ ଆସିବା ଯୋଗୁଁ ମିସ୍ ଦାସ୍ ଯାଇ ପିତାଙ୍କୁ ଅନୁରୋଧ କଲେ, ତାଙ୍କର କୌଣସି ଜଣେ ବନ୍ଧୁଙ୍କୁ ପତ୍ର ଲେଖି ଗୋଟିଏ ଗାଡ଼ି ବନ୍ଦୋବସ୍ତ

Digitized by srujanika@gmail.com

କରିବାକୁ । ମଧୁବାବୁ କହିଲେ ନା, ମୁଁ କାହାର ଅନୁଗ୍ରହର ଅଧୀନ ହେବାକୁ ଚାହେଁନା । ତୁମେ ଭଡ଼ା ଗାଡ଼ି ବ୍ୟବସ୍ଥା କରି ପାର୍ଟିକୁ ଯାଅ । ଯଦି ସେହି ଗୃହକର୍ତ୍ତ୍ରୀ ଭଡ଼ା ଗାଡ଼ିରେ ଚଢ଼ି ଆସିଛ ବୋଲି ସମ୍ମାନରେ ଗ୍ରହଣ ନ କରେ ସେତେବେଳେ ତାଙ୍କୁ ସାଙ୍ଗେ ସାଙ୍ଗେ କହିବ- ଏଥର ଯେତେବେଳେ ନିମନ୍ତ୍ରଣ କରିବ, ତୁମେ ତୁମର ଗାଡ଼ି ମୋତେ ପଠାଇଦେବ । ଏକଥା କହି ତୁମେ ଚାଲି ଆସିବ । ମିସ୍ ଦାସ୍ ଭଡ଼ା ଗାଡ଼ି କରି ଯିବାକୁ କୌଣସିମତେ ରାଜି ହେଉ ନଥିଲେ । ଆଉ କୌଣସି ଉପାୟ ନ ଦେଖି ଭଡ଼ା ଗାଡ଼ିରେ ସେ ବାଧ ହୋଇ ଯାଇ ଲାଲବାଗରେ ନିମନ୍ତ୍ରଣ ରକ୍ଷା କଲେ । ଟିପାର୍ଟି ଶେଷ ହୋଇଗଲା ପରେ କମିଶନରଙ୍କ ସ୍ତ୍ରୀ ମିସ୍ ଦାସ୍‌ଙ୍କୁ ଅନୁରୋଧ କଲେ, କଟକ କ୍ଲବ୍‌ରେ ତାଙ୍କୁ ତାଙ୍କ ଗାଡ଼ିରେ ପହଞ୍ଚାଇଦେବାକୁ । ମିସ୍ ଦାସ୍ କହିଲେ, ସେ ତାଙ୍କ ଘୋଡ଼ାଗାଡ଼ିରେ ଆସିନାହାନ୍ତି, ଗୋଟିଏ ବାଚେ ଭଡ଼ା ଗାଡ଼ିରେ ଆସିଛନ୍ତି । ତମେ ଯେତେବେଳେ ଭଡ଼ା ଗାଡ଼ିରେ ଆସିପାରୁଛ, ମୁଁ କାହିଁକି ପାରିବି ନାହିଁ -କମିଶନରଙ୍କର ସ୍ତ୍ରୀ କହି ଉଠିଲେ, ମୁଁ ଖୁବ୍ ଖୁସି ହେବି ତମ ସାଙ୍ଗରେ ଭଡ଼ା ଗାଡ଼ିରେ କଟକ କ୍ଲବ୍ ଯିବାକୁ । ମିସ୍ ଦାସ୍ ଘରକୁ ଫେରି ସିଧା ମଧୁବାବୁଙ୍କୁ ସବୁକଥା ଜଣାଇଲେ । ମଧୁବାବୁ ଖୁବ୍ ଖୁସି ହେଲେ, ତାଙ୍କର ଶିକ୍ଷା ଯଥାର୍ଥରେ ଫଳପ୍ରଦ ହୋଇଛି ବୋଲି ।

(୧୫) ଶୈଳବାଳା ଦାସ Teacher's Training ସମାପ୍ତ କରି Englandରୁ ଭାରତ ଫେରିବା ପୂର୍ବେ ତାଙ୍କର ଇଂଲଣ୍ଡର ମୁରବୀ Ladispicer ତାଙ୍କୁ King Edward ଏବଂ Queen Allnanderଙ୍କର କୋର୍ଟରେ ଉପସ୍ଥିତ କରେଇବାକୁ ଚାହିଁଥିଲେ । ସେତେବେଳେ Englandର ରାଜା ରାଣୀଙ୍କ ସମ୍ମୁଖରେ ଉପସ୍ଥିତ ହେବାକୁ ହେଲେ ଗାଉନ୍ ପିନ୍ଧି ହାତରେ ଫୁଲ ତୋଡ଼ା ନେଇ ନମ୍ରହୋଇ ତାଙ୍କୁ ସମ୍ଭାଷଣ କରିବାକୁ ହୁଏ । କିନ୍ତୁ ଶୈଳବାଳା ଏଇ ସର୍ତ୍ତରେ ରାଜି ହେଲେ ନାହିଁ । ସେ ଭାରତୀୟ ପୋଷାକ, ଶାଢ଼ି ପିନ୍ଧି ରାଜାରାଣୀଙ୍କୁ ଭାରତୀୟ ପ୍ରଥା ଅନୁସାରେ ପ୍ରଣାମକରି ତାଙ୍କର କୋର୍ଟରେ ଉପସ୍ଥିତ ହେବାକୁ ରାଜିହେଲେ । ଶେଷ ପର୍ଯ୍ୟନ୍ତ ତାଙ୍କର ଜିଦ୍ ବଜାୟ ରହିଲା । ରାଜାରାଣୀଙ୍କ କୋର୍ଟରେ ବଡ଼ ବଡ଼ ବିଖ୍ୟାତ lord lady ମାନେ ଉପସ୍ଥିତ ଥିଲେ । କେବଳ ତାଙ୍କର ମୁରବୀଙ୍କୁ ଖୁସି କରିବାକୁ ସେ ସେଇ କୋର୍ଟରେ ଉପସ୍ଥିତ ହେବାକୁ ସମ୍ମତ ହେଲେ । ଯାହାହେଉ ସେ ଇଂଲଣ୍ଡରେ ରାଜାରାଣୀ କୋର୍ଟରେ ଭାରତୀୟ ପୋଷାକ ଏବଂ ଭାରତୀୟ ପ୍ରଥାନୁସାରେ ସମ୍ଭାଷଣ ଜଣେଇଲେ । ରାଜାରାଣୀଙ୍କ ସମେତ ସମସ୍ତେ ଖୁସି ହେଲେ ।

Digitized by srujanika@gmail.com

(୧୬) ୧୯୦୬ ସାଲ୍‌ରେ ମିସ୍ ଦାସ ଯେତେବେଳେ କଲିକତା Church Girls Schoolରେ ପଢୁଥିଲେ, ଜଣେ ଓଡ଼ିଆ ଝିଅ ମଧ ତାଙ୍କ ସଙ୍ଗେ ପଢୁଥିଲେ । ମଧୁବାବୁ ଯେତେବେଳେ ଜାଣିଲେ ଯେ ଗୋଟିଏ ଓଡ଼ିଆ ଝିଅ ଉଚ୍ଚ ଶିକ୍ଷା ଲାଭପାଇଁ ଏତେ ଦୂର କଲିକତା ଭଳି ସହରକୁ ଆସିଛି, ସେତେବେଳେ ତାଙ୍କୁ ଦେଖିବାପାଇଁ ସେ ଅତିଶୟ ବ୍ୟଗ୍ର ହେଲେ । ମିସ୍ ଦାସଙ୍କୁ ତାଙ୍କୁ ଆଣିବାପାଇଁ ବାରମ୍ବାର ଅନୁରୋଧ କରିଥିଲେ । ସେଇ ଓଡ଼ିଆ ଝିଅର ଉତ୍ସାହ ଉଦ୍‌ଯୋଗ ଦେଖି ତାଙ୍କୁ ପରେ ସେ ସାହାଯ୍ୟ କରିଥିଲେ ।

Baptist Missionର Mrs. Young ଯେତେବେଳେ କଟକରେ ଥିଲେ, ସେତେବେଳେ ସେ ମଧୁବାବୁଙ୍କୁ ଅନୁରୋଧ କରିଥିଲେ ଗୋଟିଏ ଝିଅକୁ ଉଚ୍ଚ ଶିକ୍ଷା ଲାଭ କରିବାରେ ସାହାଯ୍ୟ କରିବାକୁ । ମଧୁବାବୁ ସେହି ଝିଅଟିକୁ ଖୁବ୍ ଆନନ୍ଦ ସହକାରେ କଲିକତାରେ ବେଥୁନ୍ କଲେଜରେ ଭର୍ତ୍ତିକରି ସମସ୍ତ ବ୍ୟୟ ଭାର ବହନ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ଦାସ ୧୯୧୧ ସାଲ୍‌ରେ M.A. Degree ପାଇବା ପରେ ସତ୍ୟବାଦୀ ସ୍କୁଲ୍ ନାମରେ ଗୋଟିଏ ସ୍କୁଲ ଖୋଲିଥିଲେ । ମଧୁବାବୁ ଖୁବ୍ ଆନନ୍ଦିତ ହୋଇ ଏକ ଉତ୍ସାହପୂର୍ଣ୍ଣ ଚିଠି ଲେଖି ତାଙ୍କୁ ଅଭିନନ୍ଦନ ଜଣେଇଥିଲେ । ଏହି ପ୍ରକାରେ ସ୍ୱାର୍ଥଶୂନ୍ୟ ହୋଇ ଦେଶର ଶିକ୍ଷା କେନ୍ଦ୍ରକୁ ସାହାଯ୍ୟ କରିବା ଉଚିତ ବୋଲି ମଧୁବାବୁ କହିଥିଲେ ।

୬. କାବ୍ୟପ୍ରୀତି :

(୧) (ସାମ୍ବାଦିକତା) – ମଧୁବାବୁ ଜଣେ ବିଚକ୍ଷଣ ସାମ୍ବାଦିକ ଥିଲେ । ତ୍ରୈମାସିକ ପତ୍ରିକା Star of Utkalର ମାଲିକ ସ୍ୱର୍ଗୀୟ କ୍ଷୀରୋଦ ଚନ୍ଦ୍ର ରାଏଚୌଧୁରୀ ମଧୁବାବୁଙ୍କ ପାଖରୁ ସମ୍ପାଦକୀୟ ଲେଖା ମଝିରେ ମଝିରେ ସଂଗ୍ରହ କରୁଥିଲେ । ସେଇ ପତ୍ରିକା ପ୍ରକାଶକଙ୍କ ନାମରେ ସେ ନିଜେ "The Oriya" ନାମରେ ଗୋଟିଏ ପତ୍ରିକା ବାହାର କରିଥିଲେ ।

(୨) ଏପ୍ରିଲ୍ ୧୯୧୭ରେ ରେଡ୍‌କ୍ରସ୍ ଫଣ୍ଡ୍ ପାଇଁ ଟଙ୍କା ଉଠାଇବାକୁ ସୁଧାଂଶୁବାଳା ଲାଗିପଡ଼ିଥିଲେ । ମଧୁବାବୁ ସେତେବେଳେ ବାଳକବାଳିକାମାନଙ୍କ ପାଇଁ ଗୋଟିଏ ଗୀତିନାଟ୍ୟ ରଚନାକରି ଶିଖାଇବାକୁ ଲାଗିପଡ଼ିଲେ । ନାଟକର ମୁଖ୍ୟ ଥିଲେ ଉତ୍କଳମାତା ଓ ତା'ର ସନ୍ତାନ । ଗୋଟିଏ ଦେଶପ୍ରେମୀ ସନ୍ତାନ ତା'ର ଦେଶମାତାଙ୍କୁ ସର୍ବତ୍ର ଖୋଜି ଚାଲୁଥିଲା । ସେ ବ୍ୟାକୁଳ ହୋଇ କହୁଥିଲା, ଯେଉଁମାନଙ୍କୁ ମୁଁ ନିଜ ଭାଇ ଭାବରେ

Digitized by srujanika@gmail.com

ଡାକୁଥିଲି, ସେହିମାନେ ମୋ' ସହିତ ସବୁ ସମ୍ପର୍କ ଛିନ୍ନ କଲେ । ମୁଁ କିନ୍ତୁ ମୋ' ଦେଶମାତାକୁ ଖୋଜି ଚାଲିଛି । ହୋଇପାରେ ସେ ସତୀ ସୀତାଙ୍କ ପରି ଭୂଗର୍ଭରେ ବର୍ତ୍ତମାନ ଆଶ୍ରୟ ନେଇଛନ୍ତି । ଯଦି ତାଙ୍କର ହଜାର ହଜାର ସନ୍ତାନମାନେ ନିଜ ନିଜ ସ୍ୱାର୍ଥ ତ୍ୟାଗକରି ଏକତ୍ର ମିଳିତ ହୋଇ ଶକ୍ତିଶାଳୀ ହୋଇ ଉଠିବେ, ତେବେ ସେମାନେ ଦେଶମାତାକୁ ଫେରି ପାଇବେ । ଉତ୍କଳ ମାତାର ଉକ୍ତି — '' ମୁଁ ବହୁଦିନଠାରୁ ତାଙ୍କର ଡାକ ଶୁଣିଛି ? କେଉଁଠାରେ ମୋର ଲକ୍ଷ ଲକ୍ଷ ବୀର ସନ୍ତାନ ? ମୋର ଗୋଟିଏ ସନ୍ତାନ ଜଗନ୍ନାଥ ମନ୍ଦିରର ଜାତିଭେଦ ଦୂର କରିଛି । ଇତିହାସ ତାହା ପ୍ରମାଣ ଦେଖାଏ । ସେମାନେ ଉତ୍କଳବାସୀଙ୍କ ବଂଶଧର । ଯଦିବା ମୁଁ ଆଜି ଧୂଳିଧୂସରିତ ତଥାପି ମୁଁ ବୀର ସନ୍ତାନମାନଙ୍କୁ ଜନ୍ମ ଦେଇଛି । ମୋର ନା ଅଛି ଧନ ସମ୍ପତ୍ତି, ନା ଅଛି ଯଶ; ତଥାପି ମୁଁ ତୁମମାନଙ୍କର ଶିରାପ୍ରଶିରାରେ ଏହି ରକ୍ତ ପ୍ରବାହିତ କରିଦେବି । ତେବେ କାହିଁକି ଆଶଙ୍କା କରୁଛ; କାପୁରୁଷ ହେଉଛ ? ଏହି ତରବାରୀ ପୁନରାୟ ଗ୍ରହଣ କରି ଯାଅ, ହିମାଳୟ ପାର ହୋଇ ମେସୋପଟାମିଆ ଜର୍ମାନୀ ଯାତ୍ରା କରି ନାମ ଯଶ ଅର୍ଜନ କର । ସମଗ୍ର ଜଗତରେ ତୁମମାନଙ୍କର କୀର୍ତ୍ତି ପ୍ରକାଶ ପାଉ । ମୋର ଆଶୀର୍ବାଦ ତୁମମାନଙ୍କ ସାଙ୍ଗରେ ରହିଲା'' । ଏହି କାବ୍ୟରୁ ମଧୁବାବୁଙ୍କର ମର୍ମ ବେଦନା ଓ ଦେଶପ୍ରୀତି ଜଣାପଡ଼େ । ତାଙ୍କର ସାରା ମନ, ପ୍ରାଣ, ଧନଜ୍ଞାନ, ବୁଦ୍ଧିଚିନ୍ତା, ଅଥ ସାମର୍ଥ୍ୟ ସବୁ କିଛି ଉତ୍କଳମାତାର ପଦ ପ୍ରାନ୍ତରେ ଢାଳିଦେଇ ଅଦୃଶ୍ୟରେ ସେ ତାଙ୍କୁ ମୁକ୍ତ କରିପାରିଥିଲେ ।

(୩) ମଧୁବାବୁ ନିଜେ ଜଣେ ଦେଶପ୍ରେମୀ କବି ଥିଲେ । ତାଙ୍କର ଇଂରାଜୀ, ବଙ୍ଗଳା ଏବଂ ସଂସ୍କୃତ ଭାଷାରେ ବେଶ୍ ଦକ୍ଷତା ଥିଲା । ସେ ଇଂରାଜୀ ଭାଷାରେ ଗୋଟିଏ ଉଦ୍ଦୀପକ କବିତା ଲେଖି ଓଡ଼ିଶାବାସୀମାନଙ୍କୁ ଉତ୍ସାହିତ କରିଥିଲେ । କବିତାଟି ହେଉଛି ଉତ୍କଳମାତାର ଓଠରେ ଯଦି ମଧୁର ହସ ଫୁଟାଇବାକୁ ଚାହଁ, ତେବେ ଉତ୍କଳବାସୀ ସମସ୍ତ ଅକୃତକାର୍ଯ୍ୟତା ଦୂର କର । କେତେକାଳ ଆଉ ନିଦ୍ରା ଯିବ ! ଜାଗରଣ ସମୟ ହେଲା; ପୂର୍ବ ଗୌରବ ଫେରାଇ ଆଣିବାର ସମୟ ହେଲା । ତୁମେ ଜାତିପାଇଁ ଜୀବନ ଦେଲେ ଜାତି ତୁମର ହେବ । ଏହା ତୁମରି ଲକ୍ଷ୍ୟ ହେଉ । ଜାତି ସଙ୍ଗେ ମିଳିବାକୁ ହେଲେ ମୃତ୍ୟୁକୁ କାହିଁକି ଭୟ କରୁଛ ?

ଥରେ ମଧୁବାବୁ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସାଙ୍ଗରେ କଥାବାର୍ତ୍ତା କରୁଥିଲାବେଳେ ଆକାଶରେ ଗୋଟିଏ ଦଳ ବଗ ଉଡ଼ିଯିବା ଦେଖିଲେ । ସାଙ୍ଗେ ସାଙ୍ଗେ ମଧୁବାବୁ କବି

Digitized by srujanika@gmail.com

ଉପେନ୍ଦ୍ର ଭଞ୍ଜଙ୍କର କବିତା ଛାନ୍ଦ ପ୍ରଥମରୁ ଶେଷଯାଏ କହିଗଲେ । ଆଶ୍ଚର୍ଯ୍ୟ ହୋଇ ଗୋପାଳଚନ୍ଦ୍ର ପ୍ରଶ୍ନ କଲେ -ଏ କବିତାକୁ ପଢ଼ି ମନେ ରଖିଲେ କେବେ? ତା'ର ଉତ୍ତରରେ ମଧୁବାବୁ କହିଲେ, ବାଲ୍ୟକାଳରେ ପାଠଶାଳାରେ ସେ ସେହି କବିତାଟି ଶିଖିଥିଲେ। ଗୋପାଳବାବୁ ତାଙ୍କ ସ୍ମରଣଶକ୍ତି ଦେଖି ଆଚମ୍ବିତ ହେଲେ ।

ବୁଢ଼ାଦାଦା ନିଜେ ସ୍ୱଳ୍ପାହାରୀ ଥିଲେ; କିନ୍ତୁ ଲୋକମାନଙ୍କୁ ଆତିଥ୍ୟ ଦେଇ ଖୁଆଇବାକୁ ଭଲପାଉଥିଲେ । ସେହି ବିଷୟରେ ବହୁତ ଘଟଣା ମନେ ଅଛି । ଗୋଟିଏ ଯୋଡ଼ିଏ ବୃତ୍ତାନ୍ତ ଜଣାଉଛି । ଆମମାନଙ୍କର ବଡ଼ ପୋଖରୀର ଚାରିଆଡ଼େ ନଡ଼ିଆ ଗଛ ଥିଲା । ପୋଖରୀ ତୁଠ ଦେଇ ପାଖରେ ହିଡ଼ିମିଚା ଶାଗ ଥିଲା । ବୁଢ଼ାଦାଦାଙ୍କୁ ପ୍ରାୟ ସେହି ଶାଗ ପଥ୍ୟରୂପେ ଖାଇବାକୁ ପଡୁଥିଲା । କାରଣ ସେ ପେଟ ରୋଗୀ ଥିଲେ । ଆଉ ତାଙ୍କର ଲିଭର୍ ଦୋଷ ଥିଲା । ବହୁତ ସମୟରେ ଲିଭର୍ ଯନ୍ତ୍ରଣାରେ ଗରମ ପାଣି ବ୍ୟାଗ୍ ସାଙ୍ଗରେ ନେବାପାଇଁ ପଡ଼ିଥାଏ । ମୋର ମା ପ୍ରାୟ ଆମ୍ଭମାନଙ୍କୁ ହିଡ଼ିମିଚା ଶାଗ ଖାଇବାକୁ ଦେଉଥିଲେ । ଆଉ କହୁଥିଲେ ପେଟ ରୋଗପାଇଁ ଏହା ବହୁତ ଉପକାରୀ; ତୁମ ବୁଢ଼ାଦାଦା ଖାଉଥିଲେ । ଏହା ରକ୍ତ ପରିଷ୍କାର କରେ, ଲିଭର୍‌ର ଦୋଷ ନଷ୍ଟ କରେ । ସେହି ଶାଗ ଆଉ ବାଇଗଣ ସିଝା ସାଙ୍ଗରେ ମୁଠେ ଭାତ ଖାଇ ମୋର ବୁଢ଼ାଦାଦା ଶକ୍ତିଶାଳୀ ହୋଇ ବଞ୍ଚିଥିଲେ । ଘଣ୍ଟା ପରେ ଘଣ୍ଟା ଅଦାଲତରେ ଛିଡ଼ାହୋଇ କେଶ୍ ଲଢୁଥିଲେ । ଅସୁସ୍ଥତା କାରଣରୁ କିମ୍ବା ବୃଦ୍ଧ ବୟସର ସୁଯୋଗ ନେଇ କେବେ ବସିକରି କେଶ୍ ଚଳାଇ ନାହାନ୍ତି । ଯଦିବା ବହୁତ ଯୁବା ଜର୍ଜ ସାହେବ ତାଙ୍କୁ ବସିବାକୁ ଅନୁମତି ଦେଉଥିଲେ । ଛାତ୍ରାବସ୍ଥାରେ ବୁଢ଼ାଦାଦାଙ୍କର ଭଗ୍ନ ସ୍ୱାସ୍ଥ୍ୟ ଥିଲା । ରାତ୍ରିରେ କେବେହେଲେ ଖାଉ ନଥିଲେ । କିନ୍ତୁ ବଡ଼ବାପା ପିଉସୀମାନଙ୍କର ଖାଇବା ସମୟରେ ସବୁ କାମଧାମ ପକାଇ ତାଙ୍କ ଖାଇବା ପାଖରେ ସଙ୍ଗ ଦେଉଥିଲେ । ନାନା ଆଲୋଚନା ମଧ୍ୟରେ ଉତ୍କଳବାସୀ ଓ ଉତ୍କଳ ସମୃଦ୍ଧି ମୁଖ୍ୟ ବିଷୟ ଥିଲା । ସେ କେବେ କାହା ବିରୁଦ୍ଧରେ କୌଣସି ନିନ୍ଦା କରୁ ନଥିଲେ । ଯେତେ ବଡ଼ ଶତ୍ରୁ ହେଉ ନା କାହିଁକି ତାଙ୍କ ସମ୍ବନ୍ଧରେ ନିନ୍ଦା ଶୁଣିବାକୁ ଭଲ ପାଉ ନଥିଲେ । ଥରେ ମୋ ମଝିଆ ପିତୃବ୍ୟ ତାଙ୍କୁ କହିଲେ, ତମ ବିରୁଦ୍ଧରେ ଅମୁକ ଲୋକ ଏହିସବୁ ନିନ୍ଦା କରୁଥିଲେ । ସେ ଉତ୍ତର ଦେଇ କହିଲେ, ମୁଁ ଆଶା କରୁନାହିଁ କେହି ମୋର ପ୍ରଶଂସା କରୁ । ଖ୍ରୀଷ୍ଟ ଦୃଷ୍ଟାନ୍ତ ଦେଖ । ସେ କ୍ରୁଶ ବିଦ୍ଧ ହେଲେ ମଧ୍ୟ କାହା ବିରୁଦ୍ଧରେ କେବେ ନିନ୍ଦା କରି ନାହାଁନ୍ତି । ମୋର ବୁଢ଼ାଦାଦା ସବୁବେଳେ ଖ୍ରୀଷ୍ଟଙ୍କୁ ସାମ୍ନାରେ ରଖି ଚାଲୁଥିଲେ । ସେଥିପାଇଁ ତାଙ୍କ ଜୀବନ ସାଫଲ୍ୟମଣ୍ଡିତ ହୋଇଥିଲା ।

Digitized by srujanika@gmail.com

୭. ଦେଶ ସ୍ୱାସ୍ଥ୍ୟ ବିଭାଗ :

ମଧୁବାବୁ ଯେତେବେଳେ ବିହାର ଓଡ଼ିଶା ସରକାରଙ୍କର ମନ୍ତ୍ରୀ ଥିଲେ, ସେତେବେଳେ ଦେଶବାସୀମାନଙ୍କର ସ୍ୱାସ୍ଥ୍ୟ ରକ୍ଷାପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ । ଯୁବା ଅବସ୍ଥାରେ ସେ ଚିକିତ୍ସା ଶାସ୍ତ୍ର ଅଧ୍ୟୟନକରି ଜ୍ଞାନ ଅର୍ଜନ କରିଥିଲେ । ଗ୍ରୀଷ୍ମ ସମୟରେ ବିଶେଷତଃ ବିହାରର ଗୟା ଜିଲ୍ଲାରେ ପ୍ଲେଗ୍‌ର ପ୍ରକୋପ ଦେଖାଦେଇଥାଏ । କିନ୍ତୁ ଓଡ଼ିଶା ସେହି ରୋଗରୁ ମୁକ୍ତ ଥିଲା । ଏହି ରୋଗର କାରଣ ଜାଣି ପ୍ରତିଶୋଧ କରିବାପାଇଁ ମଧୁବାବୁ ସେହି ଦାରୁଣ ଗ୍ରୀଷ୍ମରେ ପ୍ଲେଗ୍ ଆକ୍ରାନ୍ତ ସ୍ଥାନଗୁଡ଼ିକୁ ପରିଦର୍ଶନ କରି ଉପାୟ ବାହାର କରିଥିଲେ । ତାହା ଫଳରେ ବହୁ ମେଡ଼ିକାଲ ସୃଷ୍ଟି ହେଲା । ଆଉ ଅନଭିଜ୍ଞ ଚିକିତ୍ସକଙ୍କୁ ବଦଳିକରି ବହୁ ବିଜ୍ଞ ବିଶାରଦ ଚିକିତ୍ସକଙ୍କୁ ରଖାଗଲା ।

ମନ୍ତ୍ରୀମାନଙ୍କ ବାସପାଇଁ କୌଣସି ସରକାରଙ୍କ କ୍ୱାଟର୍ସ ନଥିଲା । ତାଙ୍କପାଇଁ ଗୋଟିଏ ଛୋଟିଆ ଗୃହ ବ୍ୟବସ୍ଥା ହେଲା । ମନ୍ତ୍ରୀ ହେଲେ ହେଁ ବୁଢ଼ାଦାଦାଙ୍କର କୌଣସି ଗର୍ବ ନଥିଲା । କିନ୍ତୁ ମୋର ପିଉସୀମା ମିସ୍ ଦାସ୍‌ଙ୍କର ତାହା ଥିଲା । ସେଥିପାଇଁ ବୁଢ଼ାଦାଦାଙ୍କ ଉପଯୁକ୍ତ ବାସପାଇଁ ଯେତେ ଅର୍ଥ ବ୍ୟୟ କରିବା ପ୍ରୟୋଜନ ତାହା ଦେବାକୁ ସରକାର ରାଜି ହେଲେ । P.W.D. ଇଞ୍ଜିନିୟର୍ ପିଉସୀମାକୁ ଜଣାଇଲେ ଯେ ସେ ଏକମାସ ଭିତରେ ୭୫ ହଜାର ଟଙ୍କା ଦେଇ ନୂଆ ଗୃହ ତିଆରି କରିଦେବେ । ପିଉସୀମା ଏ କଥା ବୁଢ଼ାଦାଦାଙ୍କୁ ଜଣାଇଲେ । ସେ କହିଲେ ସାରା ପ୍ରଦେଶର ଲୋକମାନେ ପ୍ଲେଗ୍, କଲେରା ଏବଂ କଳା ଜ୍ୱର ଭୋଗୁଛନ୍ତି । ଏମାନଙ୍କୁ ବଞ୍ଚାଇବାକୁ କେତେ ଅର୍ଥ ପ୍ରୟୋଜନ । ମୁଁ ସେହି ଅର୍ଥ ଯଦି ମୋର ପ୍ରାସାଦ ନିର୍ମାଣପାଇଁ ବ୍ୟୟ କରେ, ତାହାହେଲେ ମୋର ବିବେକ ସବୁବେଳେ ମୋତେ ଗଞ୍ଜଣା ଦେବ । ଯଦି ତୁମେ ସନ୍ତୁଷ୍ଟ ହୋଇପାରୁ ନାହଁ, ତେବେ ତୁମେ କଟକକୁ ଚାଲିଯାଅ । ଏହାପରେ ପିଉସୀମା ଆଉ କୌଣସି ଦିନ ଗୃହପାଇଁ ଅନୁରୋଧ କରି ନାହାଁନ୍ତି । କିନ୍ତୁ ଯେତେଦୂର ସମ୍ଭବ ଗୋଟିଏ ଗୃହ ଭଡ଼ା ନେଇ, ଗୃହ ଉପଯୋଗୀ ସଜାଇ, ଫୁଲ ଚାରା ବଗିଚା ସୁନ୍ଦର କରି ସଜାଇଦେଲେ । ମାତ୍ର ସେ ଗୃହଦ୍ୱାର ସଦାବେଳେ ଉନ୍ମୁକ୍ତ ରଖିବାକୁ ମଧୁବାବୁ ତାଙ୍କର ଜମାଦାରଙ୍କୁ ଆଦେଶ ଦେଇଥିଲେ -ଯେପରି କୌଣସି ପ୍ରାର୍ଥୀ ନିରାଶ ହୋଇ ଫେରିନଯାଏ ।

Digitized by srujanika@gmail.com

୮. ବୁଢ଼ାଦାଦାଙ୍କ ରସିକତା :

ବୁଢ଼ାଦାଦା ବହୁତ ହାସ୍ୟରସିକ ଥିଲେ । ତାଙ୍କର କ୍ରୋଧ ଯେମିତି ହଠାତ୍ ଜଳି ଉଠୁଥିଲା, ସେମିତି ଲିଭି ଯାଉଥିଲା । ସେ ନିଜେ ହାସ ପରିହାସଦ୍ୱାରା କ୍ରୋଧର ମନ୍ଦତାକୁ ଜୟ କରୁଥିଲେ । ତା'ର ଗୋଟିଏ କୌତୁକମୟ ମଜା କାହାଣୀ କହୁଛି । ଥରେ କଟକର କଲେକ୍ଟର ବୁଢ଼ାଦାଦା ଓ ଅନ୍ୟାନ୍ୟ ଅଫିସରମାନଙ୍କୁ ସିନେମା ହଲ୍‌ରେ ଡିନର୍ ଖାଇବାକୁ ଡାକିଥିଲେ । ଖାଇବା ସମୟରେ ବୁଢ଼ାଦାଦା ସାହସ ସହିତ ତାହାଙ୍କୁ ଜଣାଇଲେ ଯେ, ତାଙ୍କ ନିମନ୍ତ୍ରଣ ପତ୍ରରେ ଗୋଟିଏ ଭୁଲ୍ ସେ ବାହାର କରିଛନ୍ତି । ସେଥିରୁ ସେ ପ୍ରମାଣ କରିଛନ୍ତି, ଇଂରେଜମାନେ ଆଉ ଭାରତୀୟମାନଙ୍କୁ ଇଂରାଜୀ ଶିଖାଇ ପାରିବେ ନାହିଁ । କିଛି ଦିନ ପରେ ମିଷ୍ଟର ହ୍ୱାଇଟ୍ ଲକ୍ ବୁଢ଼ାଦାଦାଙ୍କୁ କହିଲେ ଯେ,ଇଂରେଜମାନେ ଭଲଭାବେ ଭାରତବର୍ଷକୁ ଚିହ୍ନି ନେଇଛନ୍ତି, ଯାହାଦ୍ୱାରା ସେମାନେ ସେହି ଦେଶ ଶାସନ କରିପାରୁଛନ୍ତି । ବୁଢ଼ାଦାଦା ସେତେବେଳେ ତାଙ୍କୁ ଗୋଟିଏ ଛବି ଦେଖାଇଲେ । ସେଇ ଛବିରେ ଗୋଟିଏ ନଡ଼ିଆ ଗଛର ମଝିରେ ଜଣେ ମଣିଷ ଝୁଲୁଥିଲା । ସାହେବଙ୍କୁ ସେ ପ୍ରଶ୍ନ କଲେ ଏହାର ମାନେ କ'ଣ ? ମିଷ୍ଟର ହ୍ୱାଇଟ୍ ଲକ୍ ଚମାରକୁ କେବେହେଲେ ଏପରି ଗୋଟିଏ ଦୌଡ଼ି ଭରସାକରି ଗଛ ଉପରକୁ ଉଠିବାର ଦେଖି ନ ଥିଲେ । ସେଥିପାଇଁ ସେ ଉତ୍ତର ଦେଇପାରିଲେ ନାହିଁ । ବୁଢ଼ାଦାଦା ହସି ହସି କହିଲେ, ଏଇ ବୁଦ୍ଧି ନେଇ ପନ୍ଦର ବର୍ଷ ଓଡ଼ିଶା ଦେଶ ଶାସନ କଲ ଯେ, ଏତେ ଟିକେ ବିଷୟ କହିପାରିଲ ନାହିଁ । ଆଉ ଥରେ ବୁଢ଼ାଦାଦା ୧୯୦୭ ସାଲରେ ମିସ୍ ଦାସ୍‌ଙ୍କୁ ଆଣିବାକୁ ଲଣ୍ଡନ ଯାଇଥିଲେ । ସାଙ୍ଗରେ ଜଣେ ମୁସଲମାନ ଚାକରକୁ ନେଇଥିଲେ । ପିଉସୀମାଙ୍କର ଅନୁରୋଧରେ ବୁଢ଼ାଦାଦା ସାଦରଲାଣ୍ଡ ଏଭିନ୍ୟୁରେ ଗୋଟିଏ ଘର ଅଧ ଡର୍ଜନ ଚାକରବାକର ସାଙ୍ଗରେ ଜଣେ ହାଉସ୍‌କିପର୍ ରଖିଥିଲେ । ବୁଢ଼ାଦାଦାଙ୍କ ମୁସଲମାନ ଚାକରଟି ଇଂରାଜୀ ଜାଣି ନଥିଲା । ସେ ହାତଗୋଡ଼ ହଲାଇ ଚାକରବାକର ସାଙ୍ଗରେ କଥା ବୁଝାଇବାକୁ ଚେଷ୍ଟା କରୁଥିଲେ । ଆଉ ବଡ଼ ବଡ଼ ଆଖିରେ ସେମାନଙ୍କୁ ଦେଖୁଥିଲେ । ସମୟ ସମୟରେ ମାଟିରେ ବସି ପଡୁଥିଲେ । ଏହିସବୁ ବ୍ୟବହାରରେ ସେହି ସବୁ ଚାକରବାକରମାନେ ହାଉସ୍‌କିପର୍ ସଙ୍ଗେ ଯାଇ ଦରମା ମାଗିଲେ । ପିଉସୀମା ପାଖରୁ ଚାଲିଯିବାକୁ ଲାଗିଲେ । ପିଉସୀମା କିନ୍ତୁ ସେତେବେଳେ ତାଙ୍କର ବିଶିଷ୍ଟ ବନ୍ଧୁମାନଙ୍କୁ ଏବଂ ଏମ୍.ପି.ମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେ ସେଥିପାଇଁ ହାଉସ୍‌କିପର୍‌କୁ କହିଲେ, ମୁଁ ଇଂଲଣ୍ଡର ବାହାରକୁ ଯାଉଛି । ଆସନ୍ତାକାଲି ଏସବୁର ବ୍ୟବସ୍ଥା କରିବି । ତୁମେମାନେ କାମ

Digitized by srujanika@gmail.com

କର । କିନ୍ତୁ ସେ ସନ୍ଧ୍ୟାବେଳେ ଗୃହକୁ ଲେଉଟି ଦେଖିଲେ ଘରେ ଆଉ କୌଣସି ଚାକର ନାହିଁ । କେବଳ ବାଟଲାର ଅଛି । ଲଣ୍ଡନରେ ଚାକର ଶୂନ୍ୟ ଗୃହ ଭାବିବା କଷ୍ଟକର । ବୁଢ଼ାଦାଦା ଗେଷ୍ଟମାନଙ୍କୁ ଭଲ ଅଭିଜାତ ହୋଟେଲରେ ଖୁଆଇବାପାଇଁ ପିଉସୀମାଙ୍କୁ ପରାମର୍ଶ ଦେଲେ । କିନ୍ତୁ ପିଉସୀମା କହିଲେ ନିଜ ଗୃହରେ ମୁଁ ସେମାନଙ୍କୁ ନିମନ୍ତ୍ରଣ କରି ଖୁଆଇବି । ସେ ଗୋଟିଏ ଭଲ ରାନ୍ଧୁଣିଆ ଏବଂ ଆଉ ଦୁଇ ଜଣ Waiter ହୋଟେଲରୁ ଭଡ଼ା କରିଆଣି ସୁନ୍ଦରରୂପେ ଖାଇବା ବ୍ୟବସ୍ଥା କଲେ । ଅତିଥିମାନେ ଖାଇବା ପରେ ବହୁତ ପ୍ରଶଂସା କଲେ । ଏହି ସୁନ୍ଦର ପରିପାଟି, ଖାଇବାର ବ୍ୟବସ୍ଥା, ଭଲ ଚାକର ନଥିଲେ ହେଁ ହୋଇପାରେ ନା ବୋଲି ଅତିଥିମାନେ ମନ୍ତବ୍ୟ କଲେ; କିନ୍ତୁ ଯେତେବେଳେ ସେମାନେ ସବୁ ଘଟଣା ଶୁଣିଲେ, ସେମାନେ ଆଶ୍ଚର୍ଯ୍ୟ ହୋଇ ପିଉସୀମାର ବହୁତ ପ୍ରଶଂସା କଲେ । ସେହି ଚାକରଟି ଯେତେ ଦିନ ସେମାନେ ଇଂଲଣ୍ଡରେ ଥିଲେ କାମ କରୁଥିଲା । ଯେତେବେଳେ ସେମାନେ ଇଂଲଣ୍ଡ ଛାଡ଼ିଲେ ସେତେବେଳେ ସେ ବୁଢ଼ାଦାଦା ହୁକାଟିକୁ ମାଗିନେଲେ । ଭଲଭାବେ କାର୍ଯ୍ୟ କରିବା ପୁରସ୍କାର ସ୍ୱରୂପ ଯେତେବେଳେ ଅନ୍ୟ ଭାରତୀୟ ତାଙ୍କୁ କାର୍ଯ୍ୟରେ ନିଯୁକ୍ତ କରିବେ, ସେ ଯେମିତି ତା'ର କାର୍ଯ୍ୟରେ କୃତିତ୍ୱ ସ୍ୱରୂପ ହୁକାଟି ଦେଖାଇପାରିବ ।

୯. ଆତିଥ୍ୟ :

ମଧୁବାବୁ ଯେତେବେଳେ ମଫସଲ ଯାଉଥିଲେ, କଚେରି କାମପାଇଁ ଜୁନିୟର ଓକିଲ ତାଙ୍କ ସାଙ୍ଗରେ ଯାଇଥିଲେ । ସବୁବେଳେ ସେ ଜୁନିୟର ଓକିଲମାନଙ୍କର ସୁଖ ସୁବିଧା ଉପରେ ଦୃଷ୍ଟି ରଖୁଥିଲେ । ଏକା ସଙ୍ଗରେ ଗୋଟିଏ ଲଜ୍‌ରେ ଜୁନିୟର ଓକିଲଙ୍କ ସାଙ୍ଗରେ ରହୁଥିଲାବେଳେ ତାଙ୍କର ଟିକିନିଖି ସୁବିଧାପାଇଁ ଦୃଷ୍ଟି ରଖିପାରୁଥିଲେ । ଯେପର୍ଯ୍ୟନ୍ତ ଜୁନିୟର ଓକିଲଙ୍କର ଖାଇବା ପିଇବା ନ ହେଉଥିଲା, ସେ ଖାଉ ନଥିଲେ । ସେ ତାଙ୍କ ସହକର୍ମୀମାନଙ୍କର ପ୍ରତି ଏତେ ଦୂର ଯତ୍ନଶୀଳ ଥିଲେ ।

ଥରେ ଶୈଳବାଳା ଦାସଙ୍କର ବନ୍ଧୁ ସରଳାବାଳା ମିତ୍ର ମଧୁବାବୁଙ୍କୁ ଦେଖିବାକୁ ତାଙ୍କ ଗୃହକୁ ଆସିଲେ । ସେ ତାଙ୍କର ଦେଖା ନ ପାଇ ଚାକରମାନଙ୍କ ପାଖରେ ତାଙ୍କ ନିଜ କାର୍ଡ଼ ରଖି ବନ୍ଧୁ ଗୃହକୁ ଫେରିଗଲେ । ଅତି ପ୍ରତ୍ୟୁଷରୁ ତାଙ୍କର ବନ୍ଧୁ ତାଙ୍କୁ ନିଦ୍ରାରୁ ଉଠାଇଦେଇ କହିଲେ- ମଧୁବାବୁ ତୁମକୁ ଡାକୁଛନ୍ତି । ସେ ନିଜେ ଆସି ତୁମପାଇଁ ଅପେକ୍ଷା କରିଛନ୍ତି । ମଧୁବାବୁ ତାଙ୍କୁ ଦେଖି କହିଲେ, ମୁଁ ଚାକରମାନଙ୍କ ପାଖରୁ ତୁମ କାର୍ଡ଼ ପାଇ ସିଧା ଷ୍ଟେସନ ବୁଲିକରି ଆସୁଛି । ମୋ ଗୃହକୁ ଆସି ଜଳଯୋଗ କର । ତାଙ୍କର ଗୃହକର୍ତ୍ତୀ ତାହା ଶୁଣି

Digitized by srujanika@gmail.com

ସରଳା ଦେବୀଙ୍କୁ ଅନୁମତି ଦେଲେ ତାଙ୍କ ସଙ୍ଗରେ ଯିବାକୁ । ଜଳଯୋଗ ସମୟରେ ସରଳା ଦେବୀ ମଧୁବାବୁଙ୍କୁ କହିଲେ, ଆପଣ ତ କିଛି ଖାଉ ନାହାଁନ୍ତି ? ମୋତେ ସବୁ ଖାଇବାକୁ କହୁଛନ୍ତି । ଏତେ ରକମ ଫଳ, ମିଠା ଓ ନାନାପ୍ରକାର ଖାଦ୍ୟ ସାମଗ୍ରୀ ମୁଁ କ'ଣ ଏକା ସାଙ୍ଗରେ ଖାଇପାରିବି ? ମଧୁବାବୁ କହିଲେ, ଏଇମାତ୍ର କଲିକତାରୁ ଟ୍ରେନ୍‌ରେ ଆସିଥିବା ତଟକା ଖାଦ୍ୟ । କିଛି ଚିନ୍ତା କରିବାର ନାହିଁ । ଏହା ସାଧାରଣ ଜଳଖିଆ । ସରଳାବାଳା କହିଲେ, ଏତେ ପ୍ରକାର କ'ଣ ଖାଇ ହେଉଛି । ସେ ହସି ହସି କହିଲେ, ବହୁତ ଲୋକ ଅଛନ୍ତି ଯେଉଁମାନଙ୍କ ପାଖରେ ଏହା କିଛି ବଡ଼ କଥା ନୁହେଁ । ଅଧ ଡଜନ ଆମ୍ବ ଓ ଗୋଟିଏ ପଣସ, ଆଉ ସବୁ ମିଠା ଖାଇବା କିଛି ନୁହେଁ । ତାଙ୍କର ଏହି ପ୍ରକାର ଆତିଥ୍ୟ-ପରାୟଣତା ଏବଂ ହାସ ପରିହାସ ବହୁ ଜଣକୁ ଆପ୍ୟାୟିତ କରିବାର ଜଣାଯାଏ । ତାଙ୍କର ଏପରି ଶିଶୁପରି ସରଳ ହୃଦୟର ପରିଚୟ କିଏ ନ ପାଇଛି ? ସେ ଅତ୍ୟନ୍ତ ଶୃଙ୍ଖଳିତ ଥିଲେ । ସେ ଧୀରଚିତ୍ତ ଥିଲେ । ତାଙ୍କର ଭଦ୍ରତା, କ୍ଷମାଶୀଳତା ଓ ମନର ନିର୍ମଳ ଭାବ ତାଙ୍କୁ ସମ୍ମାନ ଆଣିଦେଇଥିଲା ।

୧୦. ମଧୁବାବୁଙ୍କ ବଙ୍ଗ ପ୍ରୀତି :

ମଧୁବାବୁ ଜାତିରେ ଓଡ଼ିଆ ଥିଲେ; କିନ୍ତୁ ତାଙ୍କର ପ୍ରକୃତ ଶିକ୍ଷାଦୀକ୍ଷା ବଙ୍ଗଳାରେ ହୋଇଥିଲା । ସେ କିଶୋର ଅବସ୍ଥାରୁ ବୃଦ୍ଧ ପର୍ଯ୍ୟନ୍ତ ବହୁ ବିଖ୍ୟାତ ବଙ୍ଗବାସୀଙ୍କ ସମ୍ପର୍କରେ ଆସିଥିଲେ । ବଙ୍ଗାଳି ଆଚାର, ବ୍ୟବହାର, ରୀତିନୀତି, ଆଦବ କାଇଦା, ପୋଷାକ ପରିଚ୍ଛଦ ଉନ୍ନତ ଥିଲା । ସେମାନଙ୍କର ବିଚକ୍ଷଣତା ଓ ଅମାୟିକତା ମଧୁବାବୁଙ୍କୁ ମୁଗ୍ଧ କରୁଥିଲା । ଗୋଟିଏ ସମୟ ଥିଲା ଯେତେବେଳେ ବଙ୍ଗଦେଶ ଗୌରବ ଶୀର୍ଷରେ ଥିଲା । ସେତେବେଳେ ପ୍ରାୟ ସମସ୍ତେ ସ୍ୱୀକାର କରିଥିଲେ-ଯାହା ବଙ୍ଗ ଦେଶର ବର୍ତ୍ତମାନ ଚିନ୍ତାଧାରା, ତାହା ଭାରତବର୍ଷର ପରବର୍ତ୍ତୀ କାଳର ଚିନ୍ତା । ସେହି ସମୟରେ ଓଡ଼ିଶା ଭାରତବର୍ଷର ସବୁ ଦେଶ ପାଖରେ ନ୍ୟୂନ ଥିଲା । ସାମାଜିକ, ରାଜନୈତିକ, ଶିଳ୍ପ ଇତ୍ୟାଦି ବିଷୟରେ ଅଜ୍ଞ ଥିଲା । ପୋଷାକ ପରିଚ୍ଛଦ ଅଳ୍ପ ମାର୍ଜିତ ଥିଲା । ବଙ୍ଗଦେଶ ସାଙ୍ଗରେ ଓଡ଼ିଶାର ପାର୍ଥକ୍ୟ ଦେଖି ମଧୁବାବୁ ମନରେ ଦୁଃଖ ପାଉଥିଲେ । ସେଥିପାଇଁ ଓଡ଼ିଶାକୁ ଭାରତର ସର୍ବ ଦେଶ, ସର୍ବ ଜାତି ସମ ଉନ୍ନତ କରିବାକୁ ଚାହିଁଥିଲେ । ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କୁ ଏକତ୍ରକରି ସେ ବିଶାଳ ଉତ୍କଳ ପ୍ରଦେଶ ଗଠନ କରିବାକୁ ଚେଷ୍ଟିତ ଥିଲେ । ଶିଳ୍ପ କାର୍ଯ୍ୟ, ଶିକ୍ଷାର ପ୍ରସାର ଦ୍ୱାରା ଓଡ଼ିଶା ବାସୀମାନଙ୍କର ଅଜ୍ଞତା ଦୂର କରିବାପାଇଁ ସେ ବିପୁଳ ଅର୍ଥ ବ୍ୟୟ

Digitized by srujanika@gmail.com

କରୁଥିଲେ । ଅକ୍ଳାନ୍ତ ଚେଷ୍ଟାରେ ଦେଶର ଯୁବ ସମ୍ପ୍ରଦାୟକୁ ଶିକ୍ଷିତ କରି ତୋଳିଥିଲେ । ତାଙ୍କର ଜୀବନର ବେଶି ସମୟ କଟୁଥିଲା ବଙ୍ଗାଳିମାନଙ୍କ ସହ ମିଳାମିଶାରେ, ଖିଆପିଆରେ, କଥାବାର୍ତ୍ତାରେ । ସେମାନଙ୍କ ସାଙ୍ଗରେ ସେଥିପାଇଁ ସେ ବଙ୍ଗଳାରେ କଥାବାର୍ତ୍ତା କରିବାକୁ ଭଲ ପାଉଥିଲେ । ଏମିତିକି ସଭା ସମିତି ମଧ୍ୟରେ ବଙ୍ଗଳାରେ ଭାଷଣ ଦେଉଥିଲେ । ଥରେ ଉତ୍କଳ ସମ୍ମିଳନୀରେ ମଧୁବାବୁ ବଙ୍ଗଳାରେ ଭାଷଣ ଦେଉଥିଲେ । ସେତେବେଳେ ମୋତିଲାଲ ଘୋଷ, ଯେ ପୂର୍ବତନ ଅମୃତ ବଜାର ପତ୍ରିକାର ସମ୍ପାଦକ ଥିଲେ ସେ ଖୁବ୍ ଖୁସି ହୋଇ ମଧୁବାବୁଙ୍କୁ କହିଲେ, ତୁମେ ଯେ ସ୍ୱଦେଶୀ ଭାଷାରେ ଭାଷଣ ଦେଲ ତାହା ଜନତା ବୁଝିପାରୁଥିଲେ । ଏଥର ଆମେ ବି ଇଂରାଜୀରେ ଭାଷଣ ନଦେଇ ସ୍ୱଦେଶୀ ଭାଷାରେ ଭାଷଣ ଦେବା । ଯେ ଯେଉଁ ଭାଷାରେ କଥା କୁହେ, ସେ ଯଦି ସେହି ଭାଷାରେ ନିଜର ମନର ଭାବ ପ୍ରକାଶ କରେ, ସେଥିରେ ଦୋଷ କ'ଣ ଅଛି ? ଦୋଷ ସେହିମାନେ ଧରନ୍ତି, ଯେଉଁମାନେ ଛିଦ୍ର ଅନ୍ୱେଷଣ କରି ବୁଲନ୍ତି । ମଧୁବାବୁ ଯେ ଓଡ଼ିଆ ଜାଣୁ ନଥିଲେ ତାହା ନୁହେଁ । ତେବେ ବଙ୍ଗଳାରେ କଥାବାର୍ତ୍ତା କରିପାରୁଥିଲେ ।

୧୧. ଦେଶପ୍ରୀତି :

୧୯୦୦ ମସିହାରେ ଆଜିର ଓଡ଼ିଶା ପ୍ରଦେଶର ମାନଚିତ୍ର ନ ଥିଲା; କାରଣ ସେତେବେଳେ Lt. Governor ଓଡ଼ିଶାକୁ ଚଳାଉଥିଲେ ଏବଂ ସେ ସୁଦୂର କଲିକତାରେ ରହୁଥିଲେ । ଓଡ଼ିଶାବାସୀଙ୍କ ସମ୍ବନ୍ଧରେ ତାଙ୍କର ଅଦ୍ଭୁତ ଧାରଣା ଥିଲା । ଅନେକଙ୍କର ଧାରଣା ଥିଲା ଯେ ଓଡ଼ିଶାବାସୀମାନେ କୌଣସି Executive Serviceରେ ଉପଯୁକ୍ତ ନୁହଁନ୍ତି । କେବଳ ମାତ୍ର Mr. M.S.Dasଙ୍କ ତଦ୍‌ବିର ଏବଂ ତଦାରଖ ପୁଣି ତାଙ୍କ ସୁପାରିଶରେ ଗୋଟିଏ Batch Graduateଙ୍କ ଭାଗ୍ୟ ଖୋଲିଗଲା । ସେମାନଙ୍କଠାରୁ ଯୋଗ୍ୟ ବଙ୍ଗାଳୀ ଯୁବକମାନଙ୍କ ପାଇଁ ଯେଉଁ କାର୍ଯ୍ୟ ସଂରକ୍ଷିତ ଥିଲା, ତାହା ସେମାନେ ଲାଭ କରିପାରିଲେ । ଓଡ଼ିଆ ଯୁବକମାନେ ଯେପରି ସ୍ଥାୟୀଭାବେ କାର୍ଯ୍ୟ ପାଇବେ, ସେଥିପାଇଁ Mr. M.S. Das ଇଂଲଣ୍ଡ ଯାଇ ଓଡ଼ିଆ ଯୁବକମାନଙ୍କ ପାଇଁ ଓକିଲାତି କରିଥିଲେ । ସେ ପ୍ରତିବର୍ଷ Bengal Government ପାଖରେ ଅର୍ଜି ପେଶ୍ କରୁଥିଲେ । ଓଡ଼ିଆ provincial ଯୁବକମାନଙ୍କୁ Executive Servicesରେ ଭର୍ତ୍ତି କରାଯିବା ପାଇଁ । ସେହି ସମୟର ଗୋପାଳଚନ୍ଦ୍ର ପ୍ରହରାଜ ଏବଂ ଅଭିରାମ ଭଞ୍ଜ ଦୁଇଜଣ ଯୁବକ M.A.B.L. ପାଶ କରିଥିଲେ । ସେମାନଙ୍କୁ Provincial Executive Serviceରେ ପ୍ରବେଶ କରେଇବାକୁ

Digitized by srujanika@gmail.com

ମଧୁବାବୁ ଆପ୍ରାଣ ଆନ୍ତରିକ ଚେଷ୍ଟା କରିଥିଲେ । ଇତିହାସ ପଢ଼ି ମଧୁବାବୁ ଜାଣିଥିଲେ ଯେ, ଓଡ଼ିଶାର ପୁରୀ, ଭୁବନେଶ୍ୱର ଓ କୋଣାର୍କ ମନ୍ଦିରଗୁଡ଼ିକୁ ଅତ୍ୟଧିକ ଖର୍ଚ୍ଚରେ ନିର୍ମିତ ହୋଇଥିଲା ଏବଂ ସେଇ ଅର୍ଥର ସମାଗମ ବାହାରୁ ହୋଇଥିଲା। ସମୁଦ୍ର ସେପାରି ଦେଶଗୁଡ଼ିକ ସହ ବ୍ୟବସାୟ ବାଣିଜ୍ୟଦ୍ୱାରା ସେ ଅର୍ଥ ସମାଗମ ହୋଇଥିଲା । କାରଣ ଓଡ଼ିଶା ବନ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ହୋଇ ଦରିଦ୍ର ଥିଲା । ଅତଏବ ମଧୁବାବୁ ବୁଝିଥିଲେ ଯେ, ବୈଷୟିକ ଉନ୍ନତି ଓ ଦେଶ ଶିଳ୍ପକୈନ୍ଦ୍ରିକ ନ ହୋଇପାରିଲେ ରାଜନୀତି କ୍ଷେତ୍ରରେ ଠିଆ ହେବା ସମ୍ଭବ ନୁହେଁ । ମଧୁବାବୁ ଓଡ଼ିଶାର ଚାଷୀମାନଙ୍କ ଅଧିକାର ପ୍ରତି ଖୁବ୍ ସହାନୁଭୂତିଶୀଳ ଥିଲେ । ସେମାନଙ୍କ ଦଖଲ ଓ ସ୍ୱତ୍ୱ ସପକ୍ଷରେ ଥିଲେ । ମଧୁବାବୁ ଓଡ଼ିଶାର ପ୍ରଧାନ ଜମିଦାର, ରାଜା ମହାରାଜା ଏବଂ ମୋଗଲବନ୍ଦୀ ଦେଶମାନଙ୍କର ଏକ ପରାମର୍ଶଦାତା ଥିଲେ ।

ଶୁଣାଯାଏ ମଧୁବାବୁ ତାଙ୍କର ଜୁନିୟର ଓକିଲମାନଙ୍କୁ ସମୟେ ସମୟେ ରାଗିକରି ଧମକେଇ ଥାଆନ୍ତି । ସେ ଯାହାଙ୍କ ପାଖରୁ ବେଶି ଆଶା କରନ୍ତି, ତାଙ୍କୁ ବେଶି ଧମକେଇ ଥାନ୍ତି । ସେ ରାୟ ସାହେବ ଭିକାରୀଚରଣ ପଟ୍ଟନାୟକଙ୍କୁ ଖୁବ୍ ଭଲ ପାଉଥିଲେ । ଯଦିବା ଉଭୟଙ୍କ କାର୍ଯ୍ୟରେ ତାରତମ୍ୟ ଥିଲା, ତଥାପି ଭିକାରୀବାବୁ ତାଙ୍କୁ ଖୁବ୍ ସମ୍ମାନ କରୁଥିଲେ । ମଧୁବାବୁ ଶେଷ ଅବସ୍ଥାରେ ଅସୁସ୍ଥ ହୋଇ ପଡ଼ିଥିଲେ । ସେତେବେଳେ ସେ ଶୁଣିବାକୁ ପାଇଲେ ଯେ ଭିକାରୀବାବୁ Director of Primary Education of Cottage Industryରେ ଭାଗ ନେଇ ମୟୂରଭଞ୍ଜ ଚାଲିଯାଇଛନ୍ତି । ତାହା ଶୁଣି ସେ ଯାଇ ଶୀଘ୍ର ତାଙ୍କ ଘରେ ପହଞ୍ଚି କହିଲେ - ଭିକାରୀ କ'ଣ ତାଙ୍କ ପୂର୍ବସମ୍ପର୍କ ଭୁଲିଯାଇ ନିଜକୁ ଦାସତ୍ୱ ବନ୍ଧନରେ ବାନ୍ଧିଛନ୍ତି । ପରେ ସେ ଜାଣିପାରିଲେ ଯେ ସେ କେବଳ ଦୁଇ ବର୍ଷପାଇଁ କୁଟୀର ଶିଳ୍ପ, ପ୍ରାଥମିକ ଶିକ୍ଷା, କୃଷିକାର୍ଯ୍ୟ, କୋଅପରେଟିଭ୍‌ର କାର୍ଯ୍ୟ ତଦାରଖ କରିବାପାଇଁ ଯାଇଛନ୍ତି । ତାଙ୍କର କଟକକୁ ଯେତେଥର ଇଚ୍ଛା ଯିବା ଆସିବାର ସ୍ୱାଧୀନତା ରହିଛି ।

// ଥରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ବାପା ମଧୁବାବୁଙ୍କ ପାଖରୁ କିଛି ଟଙ୍କା ଧାର ନେଇଥିଲେ । ସେହି ଧାର ସୁଧ ଅସୁଲ ସମୟରେ ଗୋପାଳବାବୁ ମଧୁବାବୁଙ୍କୁ ରସିଦ ମାଗିଲେ । ମଧୁବାବୁ ସବୁ ଟଙ୍କା ଫେରସ୍ତ ଦେଇ ରସିଦ୍ ଲେଖିଦେଇ କହିଲେ ହାଣ୍ଡନୋଟ୍ କେଉଁଠି ମୁଁ ହଜାଇଦେଇଛି । ଆଉ କହିଲେ ଏଇ ଟଙ୍କା ରଖିଥାଅ । ତମର ନୂଆ କାର୍ଯ୍ୟରେ ଦରକାର ପଡ଼ିବ । ମଧୁବାବୁ ଗୋପାଳବାବୁଙ୍କର ମୁହଁ ଶୁଖିଲା ଦେଖିଲେ । ବେଳେବେଳେ

Digitized by srujanika@gmail.com

ସେ ଟଙ୍କା ଦେଇ ସାହାଯ୍ୟ କରୁଥିଲେ । ସେ ନିଜ ଟଙ୍କାରୁ Post Card ଛପାଇଥିଲେ । ଗଞ୍ଜାମକୁ ଓଡ଼ିଶାରୁ ଅଲଗାକରି ଥାଉ ସେ Post Card ଗୋଟିଏ ଅଣା କରି ବିକ୍ରି କରିଥିଲେ । ସେ ପଇସା Our Day Fundରେ ଜମାକରି ରେଡ଼୍‌କ୍ରସ୍‌ର ଉପକାର କରିଥିଲେ ।

୧୨. ମଧୁବାବୁଙ୍କ ସ୍ୱପ୍ନ :

ମଧୁବାବୁଙ୍କର ସ୍ୱପ୍ନ ଥିଲା କେଉଁ ପ୍ରକାରେ ଭାରତରେ ଅନ୍ୟାନ୍ୟ ପ୍ରଦେଶ ସହ ଓଡ଼ିଶାକୁ ସମକକ୍ଷ କରିହେବ । ତାହାହିଁ ତାଙ୍କର ଧ୍ୟାନ ଏବଂ ଚିନ୍ତା । ତାଙ୍କର ସେହି ଧ୍ୟାନ ଏବଂ ଚିନ୍ତା ମୃତ୍ୟୁ ପର୍ଯ୍ୟନ୍ତ ସେ ଛାଡ଼ିପାରି ନ ଥିଲେ । ଓଡ଼ିଶା ଭାରତର ଅନ୍ୟାନ୍ୟ ଦେଶ ସହିତ ସମପର୍ଯ୍ୟାୟଭୁକ୍ତ ହୋଇପାରିବ ସେଥିପାଇଁ ସେ ଏଇ କେତୋଟି ଉପାୟ ଚିନ୍ତା କରି ବାହାର କରିଥିଲେ ।

(୧) ଦେଶକୁ ଶିକ୍ଷା କେନ୍ଦ୍ର କରିବାକୁ ପଡ଼ିବ । ସେଥିପାଇଁ ପାଳିତା କନ୍ୟା ଶୈଳବାଳା ଏବଂ ସୁଧାଂଶୁବାଳାଙ୍କୁ ଉଚ୍ଚ ଶିକ୍ଷା ଦେଇ ଓଡ଼ିଶାର ବାଳିକା ବିଦ୍ୟାଳୟ ଓ କଲେଜ, ନାରୀଶିକ୍ଷା, ନାରୀସେବା, ମାତୃମଙ୍ଗଳ ଏବଂ ଶିଶୁ ସଦନ ଆଦିକୁ ସାହାଯ୍ୟ କରିବାକୁ ପ୍ରେରଣା ଦେଇଥିଲେ ।

(୨) ମଧୁବାବୁ ତାଙ୍କର ସ୍ୱଉପାର୍ଜିତ ଟଙ୍କା ଦେଇ ଓଡ଼ିଶା ଶିଳ୍ପ କେନ୍ଦ୍ରଗୁଡ଼ିକୁ ଉନ୍ନତ କରିବାର ସଙ୍କଳ୍ପ କରିଥିଲେ । ଯଥା— Utkal Tannery, ସୁନା ଓ ରୂପାର ତାରକସି କାମ, ମଇଁଷି ଶିଙ୍ଘର ଶିଳ୍ପ କାର୍ଯ୍ୟ, ସୂତା, ରେଶମ ତନ୍ତ ଶିଳ୍ପ, କୁଟିର ଶିଳ୍ପ ଇତ୍ୟାଦି ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟଦ୍ୱାରା ଓଡ଼ିଶାକୁ ସମୃଦ୍ଧ କରିବାର ଚିନ୍ତା କରିଥିଲେ ।

(୩) ଖଣ୍ଡବିଖଣ୍ଡିତ ଗଡ଼ଜାତ ରାଜ୍ୟଗୁଡ଼ିକୁ ଏବଂ ଓଡ଼ିଆ ଭାଷା ପ୍ରଚଳିତ ସମସ୍ତ ସ୍ଥାନଗୁଡ଼ିକୁ ଏକତ୍ରକରି ଓଡ଼ିଶାର ଅନ୍ତର୍ଭୁକ୍ତ କରିବା, ପୁଣି ବିହାର ଓ ବେଙ୍ଗଲ ରାଜ୍ୟଠାରୁ ଓଡ଼ିଶାକୁ ପୃଥକକରି ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବା ଏହା ତାଙ୍କର ସଙ୍କଳ୍ପ ଥିଲା । ମଧୁବାବୁ ଉତ୍କଳ ଶବ୍ଦଟିକୁ ବ୍ୟବହାର କରିଥିଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ରିତ କରିବାପାଇଁ ଓଡ଼ିଶାର ଯେଉଁ ଅଞ୍ଚଳରେ ପଡ଼ୋଶୀ ତେଲୁଗୁ, ମହାରାଷ୍ଟ୍ର ଏବଂ ବଙ୍ଗାଳୀମାନେ ଆସି ବସବାସ କରିଥିଲେ ମଧ୍ୟ ଯେଉଁଠି ଅଧିକାଂଶ ଅଧିବାସୀ ଓଡ଼ିଆ ଭାଷାରେ କଥୋପକଥନ କରୁଥିଲେ ସେ ସମସ୍ତ ଅଞ୍ଚଳକୁ ନେଇ ସେ ଉତ୍କଳ ନାମ ଦେଇଥିଲେ ।

Digitized by srujanika@gmail.com

୧୩. ମନ୍ତ୍ରୀତ୍ୱ ତ୍ୟାଗ :

ମୋର ବୁଢ଼ାଦାଦା ମନ୍ତ୍ରୀତ୍ୱ ପରିତ୍ୟାଗର ଘଟଣାରେ ପିଉସୀମା, ମିସ୍ ଦାସ୍‌ଙ୍କର ହାତ ଥିଲା । ଏହି କଥା ମିସ୍ ଦାସ୍ ବହୁଜଣଙ୍କ ଆଗରେ ସ୍ୱୀକାର କରିଥିଲେ । Winter Council Sesson 1923 ଖ୍ରୀଷ୍ଟାବ୍ଦରେ Resolution ପ୍ରେଶ୍ କରାହେଲା ଯେ ମିନିଷ୍ଟରମାନଙ୍କର ବେତନ ଟ.୫,୦୦୦/-ରୁ ଟ.୪,୦୦୦/- ହେବ । ସାଙ୍ଗେ ସାଙ୍ଗେ ମନ୍ତ୍ରୀମାନେ ବେତନ ହ୍ରାସ ହେବା ପ୍ରସ୍ତାବରେ ରାଜି ହେଲେ ନାହିଁ । ମଧୁବାବୁ ତାଙ୍କର ମତ ଜଣାଇଲେ, ସେ ବିନା ବେତନରେ କାମ କରିବାକୁ ରାଜି ଅଛନ୍ତି; କିନ୍ତୁ ବେତନ ହ୍ରାସରେ ରାଜି ହେଉ ନାହାଁନ୍ତି । ମଧୁବାବୁ **ସହ ମନ୍ତ୍ରୀ** ସାର୍ ଫକିରୁଦ୍ଦିନ୍ କଥା ଦେଇଥିଲେ ବେତନ ହ୍ରାସ ସହିତ ସେ ରାଜି ନୁହଁନ୍ତି; କିନ୍ତୁ ବକ୍ତବ୍ୟ ଦେବା ସମୟରେ ସେ ବେତନ ହ୍ରାସରେ ରାଜି ହୋଇଗଲେ । ମନ୍ତ୍ରଣା ସଭା ଗୋଟିଏ ଘଣ୍ଟାପାଇଁ ମନ୍ତ୍ରୀମାନଙ୍କୁ ପରାମର୍ଶ କରିବାକୁ ସମୟ ଦେଲେ । ମିସ୍ ଦାସ୍ ମଧୁବାବୁଙ୍କ ଚେମ୍ବରକୁ ଯାଇ ତାଙ୍କୁ ପଦତ୍ୟାଗ କରିବାକୁ ପରାମର୍ଶ ଦେଲେ ଏବଂ ମଧୁବାବୁ ମନ୍ତ୍ରୀତ୍ୱ ତ୍ୟାଗ କଲେ ।

୧୪. ନାରୀ ଶିକ୍ଷା :

ମଧୁବାବୁଙ୍କର ଗୋଟିଏ ମସ୍ତବଡ଼ ଚିନ୍ତା ଥିଲା ଯେ, କି ପ୍ରକାରେ ଓଡ଼ିଶାର ନାରୀମାନଙ୍କୁ ଅନ୍ୟାନ୍ୟ ଦେଶର ନାରୀମାନଙ୍କ ପରି ଉଚ୍ଚ ଶିକ୍ଷିତା କରାଯାଇପାରିବ । ସେଥିପାଇଁ ସେ ଶୈଳବାଳା ଦାସଙ୍କୁ ଇଂଲଣ୍ଡରୁ ଉଚ୍ଚ ଶିକ୍ଷା ଦେଇ ଆଣିଥିଲେ ଏବଂ ତାଙ୍କ ଉପରେ ଏ ବିଷୟରେ ଚିନ୍ତା କରିବାକୁ ଭାର ଦେଇଥିଲେ ।

ଫେବୃୟାରୀ ୮ ତାରିଖ ୧୯୦୮ ସାଲ । ମଧୁବାବୁଙ୍କର ଅନୁରୋଧରେ ସେତେବେଳେ Lower Primary Schoolକୁ ଯାହାକି - ୧୫ଟି କଲିକତାବାସୀ ବଙ୍ଗୀୟ ଛାତ୍ରୀଙ୍କୁ ନେଇ ଚାଲୁଥିଲା, ତାହାକୁ ଉପଯୁକ୍ତଭାବେ ଗଢ଼ି ତୋଳିବାକୁ ଶୈଳବାଳା ଦାସଙ୍କୁ ଅନୁରୋଧ କରିଥିଲେ । Inspector of Schoolsଙ୍କ ଝିଅାରୀ ସେଇ ସ୍କୁଲଟି ତିଆରି କରିଥିଲେ । ସେଇ ସ୍କୁଲଟି ପରେ Ravenshaw Girls Schoolରେ ପରିଣତ ହୋଇଥଲା । Miss Das ବହୁ ପରିଶ୍ରମକରି ସେଇ ସ୍କୁଲଟିକୁ ୧୯୦୯ ସାଲରେ ୩୦୦ ଛାତ୍ରୀର ସ୍କୁଲରେ ପରିଣତ କରିଥିଲେ । Governmentରୁ ଟ.୪୫୦/- ସ୍କୁଲପାଇଁ ଅନୁଦାନ ମଞ୍ଜୁର କରାଇଥିଲେ । Miss Das ସେଇ ସ୍କୁଲରେ Principal ଏବଂ

Digitized by srujanika@gmail.com

Honorary Secretary ମଧ୍ୟ ଥିଲେ । ୧୯୧୩ ସାଲରେ ସ୍କୁଲଟି ସମ୍ପୂର୍ଣ୍ଣ ସମୃଦ୍ଧହୋଇ ସରକାରଙ୍କ ଦ୍ୱାରା ମଞ୍ଜୁରୀ ପାଇଲା । ୧୯୧୪ ସାଲରେ ନାରୀ ଶିକ୍ଷା ସମ୍ମିଳନୀ ରାଞ୍ଚିରେ ଅନୁଷ୍ଠିତ ହେଲା । ସେତେବେଳେ Miss Dasଙ୍କ ଅଧିନାୟକତ୍ୱରେ ପ୍ରଥମେ ରାଜ୍ୟସ୍ତରୀୟ ମେଧାବୀ ବୃତ୍ତି ଆରମ୍ଭ ହେଲା । ନିର୍ମଳା ନାୟକ ପ୍ରଥମେ ବୃତ୍ତି ପାଇଥିଲେ । ସେ ଇଂଲଣ୍ଡରୁ ପାଶ୍ କରି ପ୍ରଥମେ ସେଇ ସ୍କୁଲର ପ୍ରଥମ Lady Principal ହେଲେ । ସେତେବେଳେ D.P.I. ସରକାରଙ୍କୁ ଲେଖି ଜଣାଇଲେ ଯେ, ଏହା ଓଡ଼ିଶାର ପ୍ରଥମ ନାରୀ ଶିକ୍ଷାୟତନ ଯାହା ଅତି ଶୀଘ୍ର କୃତିତ୍ୱ ସହ ଗଢ଼ି ଉଠିବ । ଶୈଳବାଳାଙ୍କର ପ୍ରଚେଷ୍ଟାରେ Ravenshaw Girls Schoolରେ I.A. Class ଆରମ୍ଭ ହେଲା । ୨୮ ଏପ୍ରିଲ୍ ୧୯୫୨ ସାଲରେ ମଧୁସ୍ମୃତି ଦାନ କରିବା ପରେ ଏହି କଲେଜ ଆରମ୍ଭ ହେଲା । ମଧୁବାବୁ ଓ ଶୈଳବାଳାଙ୍କର ୧୯୦୯ ସାଲର ସ୍ୱପ୍ନ ଏହିପରି ସଫଳ ହେଲା । ଏହାପରେ ଶୈଳବାଳା ବହୁ ସଂଗ୍ରାମ କରି ହିନ୍ଦୁ ବିଧବା ଟ୍ରେନିଂ ସ୍କୁଲ Sir. Eldward Gate Das D.P I.ଙ୍କୁ ସମ୍ମତ କରାଇଥିଲେ ଏବଂ ତାହା ଗଢ଼ିଉଠିଥିଲା । ତାହାପରେ ଶୈଳବାଳା ମାତୃ ମଙ୍ଗଳ ଏବଂ ଶିଶୁମଙ୍ଗଳ କେନ୍ଦ୍ର ଗଢ଼ିବାପାଇଁ ଚେଷ୍ଟା ଚଳାଇଲେ । ମଧୁବାବୁଙ୍କର ଆଇନର ପୁସ୍ତକଗୁଡ଼ିକ ଏକ Law Libraryରେ ରଖି Madhusudan Law Library ସ୍ଥାପନ କରାହେଲା । ସେଠିକାର କାନ୍ଥରେ ମଧୁବାବୁ ଏବଂ ସୁଧାଂଶୁବାଳାଙ୍କର ଫଟୋଚିତ୍ର ଟଙ୍ଗା ହେଲା । ସେଠିକାର ଗୋଟିଏ ପଥରରେ Libraryର ଇତିହାସ ଲେଖାଅଛି । ଏହିରୂପେ ତାଙ୍କର ପାଳିତା କନ୍ୟାମାନେ ଓଡ଼ିଶାର ସେବାରେ ନିଯୁକ୍ତ ହେଲେ । ଏହାପରେ Civil Surgeonଙ୍କ ଅନୁରୋଧରେ Miss Das ନିଜ ହାତରେ କାର୍ଯ୍ୟଭାର ନେଇ ସରକାରଙ୍କଠାରୁ ଖଣ୍ଡିଏ ଜମି ନେଇ Maternity Child Welfare Centre ୧୯୪୨ ସାଲରେ ସ୍ଥାପନ କଲେ ।

କଟକରେ Governorଙ୍କ ଏବଂ କେତେକ ସମ୍ଭ୍ରାନ୍ତ ମହିଳାଙ୍କ ଦ୍ୱାରା ନାରୀ ସେବା ସଂଘ ଗଢ଼ିଉଠିଲା । ସେଇ ନାରୀ ସଂଘକୁ ସୁନ୍ଦର ରୂପେ ଗଢ଼ିବାପାଇଁ Miss Das ୧୯୪୧ ସାଲରେ ଗ୍ରାମ ସେବାରେ ଟ.୨,୦୦୦/- ସଂଗ୍ରହକରି ନାରୀ ସେବା ସଂଘରେ ଗଚ୍ଛିତ ରଖିଥିଲେ । ସେତେବେଳର ଚିଫ୍ ମିନିଷ୍ଟର ହରେକୃଷ୍ଣ ମହତାବଙ୍କୁ ଧରି ସେଇ ନାରୀ ସଂଘରେ ଟ.୪,୦୦୦/- ଖର୍ଚ୍ଚକରି ଖୁବ୍ ଭଲଭାବେ ବିଜୁଳିବତୀ ବ୍ୟବସ୍ଥା କଲେ ।

Miss ସୁଧାଂଶୁବାଳା ହାଜରା Law ପାଶ୍‌କରି ପାଟଣା ହାଇକୋର୍ଟରେ ଓକିଲାତି କରିବାକୁ ଅନୁମତି ପାଇ ନଥିଲେ । Miss Dasଙ୍କ ଅତ୍ୟଧିକ ତଦ୍‌ବିର ଏବଂ ତଦାରଖ

Digitized by srujanika@gmail.com

ଦ୍ୱାରା ସରକାର ଶେଷ କାଳରେ Billଟି Legal Practitioner Act ଶେଷ କରିବାକୁ ରାଜି ହେଲେ, ଯେପରି ଭାରତବର୍ଷରେ ମହିଳାମାନେ ଆଇନଜୀବୀ ହିସାବରେ କଚେରୀରେ ଓକିଲାତି କରିପାରିବେ । ସେଇ Billଟି Statute Bookରେ ଅଛି । ମିସ୍ ହାଜରା ପାଟଣା ହାଇକୋର୍ଟରେ ଦୁଇବର୍ଷ ଓକିଲାତି କରିଥିଲେ । ତା'ପରେ Ravenshaw Girls Schoolର Head Mistress ଥିଲେ । ପରେ Inspector of Schools ହେଲେ । ପୁନରାୟ ରେଭେନ୍ସା ଗାର୍ଲସ୍ ସ୍କୁଲର ପ୍ରିନ୍ସିପାଲ୍ ହେଲେ । ୧୯୪୮ ସାଲରେ ଓଡ଼ିଶା ହାଇକୋର୍ଟ ଯେତେବେଳେ ସ୍ଥାପିତ ହେଲା, ସେତେବେଳେ Chief Justice B.K. Royଙ୍କ ପରାମର୍ଶ କ୍ରମେ ଗୋଟିଏ ରୁମ୍‌ରେ ସୁଧାଂଶୁବାଳା ପ୍ରଦତ୍ତ ମଧୁବାବୁଙ୍କର ଆଇନ ପୁସ୍ତକ ଏହି Law Libraryରେ ରଖି ମଧୁସୂଦନ ଲ ଲାଇବ୍ରେରୀ ସ୍ଥାପିତ ହେଲା . ସେଠିକାର କାନ୍ଥରେ ମଧୁବାବୁ ଏବଂ ସୁଧାଂଶୁବାଳାଙ୍କର ଫଟୋଚିତ୍ର ଟଙ୍ଗା ହେଲା । ସେଠିକାର ଗୋଟିଏ ପଥରରେ ଲାଇବ୍ରେରୀର ଇତିହାସ ଲେଖାଅଛି । ଏହିରୂପେ ତାଙ୍କର ପାଳିତା କନ୍ୟାମାନେ ଓଡ଼ିଶାର ସେବାରେ ବ୍ରତୀ ଥିଲେ ।

୧୫. ଦେଶର ଶିଳ୍ପ ଉନ୍ନୟନ :

ମଧୁବାବୁ କଟକ ଷ୍ଟେସନ ପାଖରେ ୪୦ ଏକର ଜମି କିଣି Utkal Tannery ପ୍ରତିଷ୍ଠା କରିଥିଲେ । ଦେଶର ଶିଳ୍ପ ଉନ୍ନୟନପାଇଁ ପ୍ରଚୁର ଟଙ୍କା ଖଟେଇଥିଲେ । ସ୍ଥାନୀୟ ଅଧିବାସୀମାନେ କିନ୍ତୁ କୌଣସି ପ୍ରକାରେ ସାହାଯ୍ୟ କରି ନଥିଲେ । ସେ ଟାନେରୀ କର୍ମୀ ନିଯୁକ୍ତ କରୁଥିଲେ । ସହରର ନୀଚ ସ୍ତରର ଗରିବ ଲୋକ, ଯଥା— ଚମାର ଏବଂ ଜେଲ୍‌ଫେରନ୍ତା ଆସାମୀମାନଙ୍କୁ ନେଇ ପ୍ରାୟ ୧୦୦ ଜଣ କାରିଗର ଥିଲେ । ସେମାନଙ୍କର ଯେପରି ଉନ୍ନତି ହୁଏ, ସେ ସେଥିପ୍ରତି ଦୃଷ୍ଟି ରଖିଥିଲେ । ତାଙ୍କର ଚିନ୍ତା, କିପରି ସେମାନେ ଉନ୍ନତ ହୋଇପାରିବେ । ସେ ଯେତେବେଳେ ଦେଖିଲେ ଯେ ଓଡ଼ିଶାରୁ ଚମଡ଼ା ବିଦେଶକୁ ରପ୍ତାନୀ ହୋଇ ଆମ ଦେଶକୁ ପୁନରାୟ ଚମଡ଼ା ତିଆରି ଜୋତା ଏବଂ ନାନା ପ୍ରକାର ବସ୍ତୁ ତିଆରି ହୋଇ ଆମଦାନୀ ହୋଇ ପ୍ରଚୁର ଟଙ୍କା ମିଳୁଛି, ସେତେବେଳେ ସେ Utkal Tannery କରିବାକୁ ମନସ୍ଥ କଲେ । ଏହାହିଁ Utkal Tannery କରିବାର ମୂଳତତ୍ତ୍ୱ । ଏହି ଟାନେରୀରୁ ବହୁତ ପରିମାଣ ଚମଡ଼ା ତିଆରି ଜିନିଷ ୟୁରୋପ ଓ ଆମେରିକା ଚାଲାଣ ହେଲା । ସେତେବେଳେ Utkal Tannery ନାମ ଯଶ ବ୍ୟାପିଗଲା ।

Digitized by srujanika@gmail.com

୧୬. ଶିଶୁ କଲ୍ୟାଣ :

ପାଟନାରେ ସେହି ସମୟରେ ଚକ୍ଷୁରୋଗରେ ଶିଶୁମାନେ ଆକ୍ରାନ୍ତ ହେଉଥିଲେ । ଲୋଥିପୁରକୁ ମିସ୍ ଦାସ୍ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ସ୍ତ୍ରୀ ମିସେସ୍ ଜନ୍‌ସନ୍‌ଙ୍କୁ ସାଙ୍ଗରେ ନେଇ ଯାଇଥିଲେ । ସେଠିକାର ଶିଶୁମାନଙ୍କୁ ନିଜ ଘରକୁ ଆଣି ନିଜେ ସେବା କରୁଥିଲେ, ଖାଇବାକୁ ଦେଉଥିଲେ ଓ କମ୍ବଳ ଦେଉଥିଲେ । ତାଙ୍କର କାର୍ଯ୍ୟରେ ମଧୁବାବୁ ଖୁସିହୋଇ ମାସିକ ୩୦ ଟଙ୍କା ସାହାଯ୍ୟ ଦେବାକୁ ଆରମ୍ଭ କଲେ । ପରେ ଏହି କାର୍ଯ୍ୟଟି Council of Women (କାଉନ୍‌ସିଲ୍ ଅଫ୍ ଓମେନ୍) ହାତକୁ ନେଲେ । ଏହି କାର୍ଯ୍ୟଟି ଏତେ ପ୍ରସିଦ୍ଧି ଲାଭ କଲା, ଶେଷକାଳରେ Lady Whelier Spencier and Lady Sevenson Child Welfare Centre ନାମରେ ପ୍ରତିଷ୍ଠା କଲେ । ପରେ ତାହା ବହୁତ ପ୍ରସିଦ୍ଧି ଲାଭ କଲା ।

୧୭. ଖଣ୍ଡିତ ଓଡ଼ିଶା :

ସେତେବେଳେ ଗଡ଼ଜାତ ରାଜାମାନଙ୍କର ରାଜ୍ୟ ଛିନ୍ନଭିନ୍ନ ହୋଇ ପଡ଼ିଥିଲା । ଓଡ଼ିଶା ଏ ଭଳି ଖଣ୍ଡ ବିଖଣ୍ଡିତ ହୋଇ ପଡ଼ିଥିଲା ଯେ ମଥା ଟେକି ଛିଡ଼ାହେବାର କ୍ଷମତା ତାହାର ନ ଥିଲା । ଅନ୍ୟାନ୍ୟ ଦେଶର ଲୋକମାନଙ୍କର ଧାରଣା ଥିଲା ଯେ ଓଡ଼ିଶାର ଲୋକମାନେ ସରକାରୀ ଚାକିରୀପାଇଁ ଉପଯୁକ୍ତ ନୁହଁନ୍ତି । କାରଣ ଭାରତର ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ଶିକ୍ଷାଦୀକ୍ଷା, ସଭ୍ୟତା ଏବଂ ରାଜନୀତିରେ ପ୍ରସିଦ୍ଧି ଲାଭ କରି ସାରିଥିଲେ । ସେଥିପାଇଁ ମଧୁବାବୁ ଯେତେବେଳେ ବଙ୍ଗଳାକୁ ପଢ଼ିବାକୁ ଯାଇଥିଲେ, ଓଡ଼ିଶା ସଙ୍ଗେ ବଙ୍ଗଳାର କେତେ ତଫାତ୍ ଦେଖିବାକୁ ପାଇଥିଲେ । ବିଶେଷତଃ ବଙ୍ଗାଳିମାନଙ୍କର ଆଚାର ବ୍ୟବହାର ରୀତିନୀତି ଶିକ୍ଷା ଶିଳ୍ପ ବାଣିଜ୍ୟରେ କେତେ ଅଗ୍ରସର ହୋଇଛି, ତାହା ଦେଖିବାକୁ ପାଇଲେ । ତାଙ୍କର ଦରିଦ୍ର ମାତା ଓଡ଼ିଶାର କ୍ଷୀଣାଙ୍ଗ ଦେଖିପାରିବାରୁ ତାଙ୍କ ମନରେ ବହୁତ କଷ୍ଟ ହେଲା । କିନ୍ତୁ ସେତେବେଳର ଓଡ଼ିଶାବାସୀମାନଙ୍କ ଭଳି ତାଙ୍କର Inferiority Complex ବା ନ୍ୟୂନ ମନୋଭାବ ନଥିଲା । ସେ ଈର୍ଷାପରାୟଣ ମଧ ନଥିଲେ । ଅନ୍ୟାନ୍ୟ ଦେଶ ସହ ନିଜ ଦେଶକୁ ସମକକ୍ଷ କରିପାରିବେ, ତାହାହିଁ ତାଙ୍କର ଦିବା ରାତ୍ର ଚିନ୍ତା ଥିଲା । ସ୍କୁଲ, କଲେଜ ପିଲାଙ୍କର ଓ ଅନ୍ୟାନ୍ୟ ସ୍ଥାନରେ ଦେଶବାସୀଙ୍କର ହୀନ ଅବସ୍ଥା ଦେଖି ତାଙ୍କ ହୃଦୟରେ ସେ ବହୁ କଷ୍ଟ ପାଉଥିଲେ । ତାଙ୍କର ସ୍ୱପ୍ନ ଥିଲା କିପରି ଓଡ଼ିଶାକୁ ବିହାର ଓ ବଙ୍ଗଳାଠାରୁ ଅଲଗାକରି, ଓଡ଼ିଶାର ଖଣ୍ଡବିଖଣ୍ଡିତ ଅଞ୍ଚଳଗୁଡ଼ିକୁ ଏକତ୍ରକରି, ଅଖଣ୍ଡ ଓ ସ୍ୱତନ୍ତ୍ର ରାଜ୍ୟ ଗଢ଼ିବା ।

Digitized by srujanika@gmail.com

୧୯୧୨ ସାଲରେ ଓଡ଼ିଶା, ବିହାର ଓ ବଙ୍ଗଳାଠାରୁ ଯଦିଓ ଆଂଶିକଭାବେ ପୃଥକ ହୋଇଥିଲା ଏବଂ ବିହାର ସଙ୍ଗେ ରହିଥିଲା, ସେଥିରେ ତାଙ୍କର ଆଶା ପୂର୍ଣ୍ଣ ହୋଇ ନଥିଲା । ସେ ଜାଣିପାରିଥିଲେ ଯେ Round Table Conferenceରେ ଓଡ଼ିଶା ପୃଥକୀକରଣ ହେବାକୁ ଯାଉଛି । ସେହି ସମ୍ବାଦରେ ସେ ଅତ୍ୟନ୍ତ ଖୁସି ହୋଇଥିଲେ । ସେ ଶିଳ୍ପକାରମାନଙ୍କୁ ଉତ୍ସାହିତ କରୁଥିଲେ । ଦେଶବାସୀ ତାଙ୍କର Insolvency Case ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ । କିନ୍ତୁ ସାହାଯ୍ୟ କରିବାକୁ କେହି ହାତ ବଢ଼େଇ ନ ଥିଲେ । ସେ Utkal Tanneryର Proprietor ଥିଲେ । ସେ ମୋର ପିତା ଜିତେନ୍ଦ୍ର କୁମାର ହାଜରାଙ୍କୁ ଇଂଲଣ୍ଡର Business Managementରେ ଶିକ୍ଷିତ କରାଇ ଆଣିଥିଲେ, ଯେପରିକି ସେ ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରିପାରିବେ । ସେତେବେଳେ କଟକର ସବ୍‌ଅର୍ଡ଼ିନେଟ୍ ଜଜ୍ ୧୯୨୬ ମସିହାରେ Execution Case No. 172/26 Utkal Tanneryର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ଟ.୨,୫୦,୦୦୦/-; କିନ୍ତୁ ତାହା ପରେ ବିକ୍ରୟ ହେଲା ମାତ୍ର ଟ.୬୫,୦୦୦ ରେ । ଦେଖାଯାଉଛି ଯେ ଟ,୧୮୫,୦୦୦/- ତାଙ୍କର କମ୍ ପଡ଼ିଲା । ଯଦି ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରୟ ହୋଇଥାନ୍ତା, ତେବେ ତାଙ୍କୁ ଆଉ Insolvency Caseରେ ପଡ଼ିବାକୁ ହୋଇ ନଥା'ନ୍ତା । ସେ କାରଖାନା ନଷ୍ଟ ହେଲେ ମଧ କାରିଗରମାନଙ୍କର ସେଇ ଶିଳ୍ପକଳାର ବିଦ୍ୟା ଏବେ ବି ଜୀବିତ ଅଛି, ଯାହାଦ୍ୱାରା ସେମାନେ ତାଙ୍କର ଜୀବିକା ଅର୍ଜନ କରିପାରୁଛନ୍ତି । ମଧୁବାବୁ ଓଡ଼ିଶାର ରେଶମ, ତନ୍ତ ସୂତା ଓ କୁଟୀର ଶିଳ୍ପରେ ବହୁତ ଟଙ୍କା ବ୍ୟୟକରି ଓଡ଼ିଶାରେ ସେ ଶିଳ୍ପମାନଙ୍କର ଉନ୍ନତି ସାଧନ କରିଥିଲେ ଏବଂ ନଡ଼ିଆ ସଢ଼େଇରୁ ମଧ ଅନେକ ଶିଳ୍ପକାର୍ଯ୍ୟ ଶିଖାଇଥିଲେ । ୧୯୦୦ ମସିହାରେ ଗୋଟିଏ ଶିଳ୍ପକଳାର ମେଳା ହୋଇଥିଲା । Punga Salt ଏବଂ ମିଲ୍ ତିଆରି ଲୁଗାର ବିଜ୍ଞାପନ ଦେଖି ଗ୍ରାମବାସୀମାନେ ଭାବୁଥିଲେ ଯେ, ସେଗୁଡ଼ିକ ମଧ ମଧୁବାବୁଙ୍କ କାରଖାନାରେ ତିଆରି । ପ୍ରତିବର୍ଷ ଓଡ଼ିଶାରୁ ୭୧,୦୦,୦୦୦/- ଟନ୍ ଚାଉଳ ବିଦେଶକୁ ରପ୍ତାନି ହେଉଥିଲା । କିନ୍ତୁ ଲୋକମାନେ ଜାଣୁ ନ ଥିଲେ କିପରି ଭଲ ଚାଉଳ ପ୍ରସ୍ତୁତ କରିବାକୁ ହୁଏ । ତେଣୁ ସେମାନେ ଟ.୨୦/- କମ୍ ପାଉଥିଲେ । ସେଥିପାଇଁ ମଧୁବାବୁ କେତେ ଜଣଙ୍କୁ ଶିକ୍ଷାଦେଇ ଦେଶର ନାନା ସ୍ଥାନକୁ ପଠାଇଥିଲେ ଯେପରି ଭଲ ଚାଉଳ ପ୍ରସ୍ତୁତକରି ବିହାରକୁ ରପ୍ତାନି କରିବେ । ଏଇ କାରଖାନାକୁ ସାହାଯ୍ୟ କରିବାପାଇଁ ସାରା ଉତ୍କଳ ଦେଶରେ ଜଣେ ହେଲେ ହୃଦୟବାନ୍ ଧନୀ ଲୋକ ନ ଥିଲେ । ଗଡ଼ଜାତ ରାଜାମାନଙ୍କ ମଧରେ ଜଣେ ହେଲେ କେହି ମଧୁବାବୁଙ୍କୁ ଏ ବିଷୟରେ ସାହାଯ୍ୟ କରିବା ଭଳି ନଥିଲେ ।

Digitized by srujanika@gmail.com

୧୮. ଓଡ଼ିଶାର ସ୍ୱତନ୍ତ୍ରତା :

ମଧୁବାବୁ ସର୍ବଜାତି ସମ୍ମୁଖରେ, ବିଲାତ ଗୋଲ ଟେବୁଲ ବୈଠକ ୍‌ରେ ଓଡ଼ିଶାକୁ ପରିଚିତ କରାଇ ସ୍ୱତନ୍ତ୍ର ପ୍ରଦେଶ କରାଇବାପାଇଁ ଚେଷ୍ଟା କରିଥିଲେ । ସେ ବୁଝିଥିଲେ ସୁରେନ୍ଦ୍ରନାଥ ବଙ୍ଗଳାରେ Conference କରିଥିଲେ; ସେହିପରି ଓଡ଼ିଶାର Provincial Conferenceର ଆବଶ୍ୟକତା ରହିଛି । ସେଥିପାଇଁ ସେ ୧୯୦୩ ମସିହାରୁ Utkal Provincial Conferenceର ପ୍ରଥମ ଉଦ୍‌ଘାଟନ କରି ସାରିଥିଲେ । ଲୋକମାନଙ୍କ ଭିତରେ ସେହି ସଂସ୍ଥା ନବୀନ ଉଦ୍ଦୀପନା ଓ ଉତ୍ସାହ ସୃଷ୍ଟିକରି ନବଜାଗରଣ ସେମାନଙ୍କ ମଧ୍ୟରେ ଆଣିଦେଇଥିଲା । ଏହି ପ୍ରକାରରେ ନବ ଓଡ଼ିଶାର ସୂଚନା ମିଳିଥିଲା । ଲୋକମାନଙ୍କର ତାଙ୍କ ଉପରେ ଏତେ ବିଶ୍ୱାସ ଥିଲା ଯେ, ସେ ଯେଉଁ ଆଡ଼କୁ ଚାହୁଁଥିଲେ ସେ ଆଡ଼କୁ ଲୋକମାନେ ଯାଉଥିଲେ । ସେହି ସମ୍ମିଳନୀ ହେବା ପୂର୍ବରୁ ସାମୟିକ ରାଜକର୍ମୀ ଏବଂ ଚାଷୀମାନେ ଆସି ଯୋଗଦେଇ ପରାମର୍ଶ ନେଉଥିଲେ ।

କିନ୍ତୁ Divisional Commissioner Circular ପଠାଇ ନିଷେଧ କରିଥିଲେ ସଭା ସମିତି କରିବାକୁ ଏବଂ Bengal Governmentକୁ ନିଷେଧ ଆଜ୍ଞା ଜାରି କରିବାକୁ ଟେଲିଗ୍ରାମ୍ ଯୋଗେ Governorଙ୍କୁ ଜଣେଇଥିଲେ । ସେହି ସମ୍ମିଳନୀରେ ସରକାରୀ ବେସରକାରୀ ଲୋକମାନେ, ହରିଜନମାନେ, ଦେଶର ବହୁ ଗଣ୍ୟମାନ୍ୟ ଲୋକମାନେ, ସମସ୍ତେ ମଧୁବାବୁଙ୍କ ନିର୍ଦ୍ଦେଶରେ ଗୋଲାପି ପଗଡ଼ି ପିନ୍ଧି ଯୋଗ ଦେଲେ । ପ୍ରଥମକରି ଗୋଲାପି ପଗଡ଼ି ପିନ୍ଧି ସମ୍ମିଳନୀରେ ଯୋଗଦାନ ସେହିଠାରୁ ଚାଲୁ ହେଲା । ମୟୂରଭଞ୍ଜ ରାଜା ସେଇ ସମ୍ମିଳନୀରେ ସଭାପତି ଥିଲେ । ମଧୁବାବୁ Bengal Legislative Assembly Councilରେ ଏକାଦିକ୍ରମେ ଚାରିଥର ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ । ଓଡ଼ିଶାର ସ୍ୱତନ୍ତ୍ର Legislative Council ଗଠିତ ହେଲା । ତା' ପରେ Delhi Legislative Council ଗଠିତ ହେଲା । Lord Sachidananda ପ୍ରଥମ Finance Minister ଓ ମଧୁବାବୁ Local Self Governmentର ମନ୍ତ୍ରୀ ହେଲେ । ପ୍ରକୃତ ଓଡ଼ିଶା ପ୍ରଦେଶ ତାଙ୍କ ଚେଷ୍ଟାରେ ଗଠିତ ହେଲା । ଆଉ ଦେଶବାସୀଙ୍କ ହୃଦୟରେ ଜାତୀୟତାବୋଧ ଜାତହେଲା । ସେ Utkal Union Conference ଉଦ୍‌ଘାଟନ କର୍ତ୍ତା ଓ ସଂରକ୍ଷକ ଥିଲେ । Conferenceର ସମସ୍ତ ବ୍ୟୟ ଭାର ଅନ୍ତତଃ ଟ.୧,୦୦୦/- ସେ ବହନ କରିଥିଲେ ।

Digitized by srujanika@gmail.com

୧୯୧୩ ସାଲରେ ବିହାର ଓଡ଼ିଶା ଛୋଟନାଗପୁର ସଙ୍ଗେ ସଂଯୁକ୍ତ ହେଲା ଓ ନୂଆକରି Legislative Council ଗଠନ କରାଗଲା । ସେଇ ସମୟରେ ପାଟନା Ex-Vice Chancellor Justice Sir Khaja Mahamud Noor, Legislative Council ପାଇଁ ଚେଷ୍ଟା କରୁଥିଲେ । ବିହାର, ଓଡ଼ିଶା Legislative Council ପଦରୁ ମଧୁବାବୁ ଠିଆ ହୋଇଥିଲେ । Khaja Noorଙ୍କୁ ମଧୁବାବୁ ବୁଝାଇଥିଲେ ଯେ ସେ Imperial Councilକୁ ଯିବାର ଉଦ୍ଦେଶ୍ୟ । ଓଡ଼ିଶା ୩ଟି ଶାସନ କେନ୍ଦ୍ର ଭିତରେ ଅଛି । ତାକୁ ଜବରଦସ୍ତି ତା'ଭିତରୁ ଅଲଗାକରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ପରିଣତ କରିବାକୁ ଚାହୁଁଛନ୍ତି । ନୂର ସାହେବ ଦେଖିଲେ ମଧୁବାବୁଙ୍କ ଚେଷ୍ଟା କେବଳ ଅଖଣ୍ଡ ଓଡ଼ିଶା ପ୍ରଦେଶ ଗଠନ କରିବା । ସେ ଜାତି ଧର୍ମ ନିରପେକ୍ଷ ଥିଲେ । ମଧୁବାବୁଙ୍କ ଆଗ୍ରହ, ଏଇ ସଭାର ଚାଲୁ ଅବସ୍ଥାରେ ଏକ Liberation Act ପାସ୍ କରେଇ ୩ଟି ପ୍ରଦେଶରୁ ମୁକ୍ତକରି ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବା । ବିଲ୍ ପାସ୍‌ଦ୍ୱାରା India Reform Council ହୋଇପାରିଥିଲା ।

ମଧୁବାବୁ ୧୯୦୭ ମସିହାରେ Montford Dispensation ଅଧୀନରେ ବିହାର, ଓଡ଼ିଶାର ମନ୍ତ୍ରୀ ନିଯୁକ୍ତ ହୋଇଥିଲେ । ମଧୁବାବୁଙ୍କର ଉତ୍କଳ ୟୁନିୟନ୍ କରିବାର ଉଦ୍ଦେଶ୍ୟ ଥିଲା, ଓଡ଼ିଶା ଚାରୋଟି ଛିନ୍ନଭିନ୍ନ ଖଣ୍ଡବିଖଣ୍ଡିତ ପ୍ରଦେଶଠାରୁ ଯେପରି ଉନ୍ନତ ଏକ ପ୍ରଦେଶ ହୋଇପାରିବ ।

ସେଥିପାଇଁ ସେ ସେମାନଙ୍କୁ ଏକାଠିକରି ଜାଗ୍ରତ କରିବାକୁ ଚାହୁଁଥିଲେ । ଏଇ ସମ୍ମିଳନୀର ସବୁ ବ୍ୟୟ ଭାର ସେ ନିଜେ ଏକା ବହନ କରିଥିଲେ । ଏହା କେହି କଳ୍ପନା କରିପାରିବ ନାହିଁ । ଏ ବିଷୟରେ ମାନ୍ଦ୍ରାସ୍ ସରକାର ଓଡ଼ିଶାକୁ ଯେପରି ସାହାଯ୍ୟ କରିଥିଲେ, ତାହା କୁହାଯାଇ ପାରେନା । ସୁଦୀର୍ଘ ୫୦ ବର୍ଷ ସଂଗ୍ରାମରେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ସମ୍ବାଦ ପାଇ ମଧୁବାବୁ ଏତେ ବର୍ଷର ଆଶାକୁ ଫଳପ୍ରଦ ହେବାକୁ ଯାଉଥିବା ଶୁଣି ସେ ସେଥିରେ ଆନନ୍ଦିତ ହୋଇଥିଲେ । ଯା ହେଉ, ବ୍ରିଟିଶ ସରକାର ଏତେବର୍ଷ ପରେ ମାନିନେଲେ ଯେ ଭାରତ ସାମ୍ରାଜ୍ୟରେ ଓଡ଼ିଶା ରାଜ୍ୟର ରୀତିନୀତି, ସଭ୍ୟତା, ଐତିହାସିକତାର ସ୍ୱାତନ୍ତ୍ର୍ୟ ରହିଛି । ତାହା ମାନି କାର୍ଯ୍ୟରେ ପରିଣତ କରିବାକୁ ପ୍ରସ୍ତୁତ ହେଲେ । ମଧୁବାବୁ ପ୍ରଜା ପ୍ରତିନିଧି ସଭାର (Representative Tenants Association) ପ୍ରତିଷ୍ଠା ପରେ ସେ ନିଜେ ସଭାର ସଭାପତି ଥିଲେ । ଗୋପବନ୍ଧୁ ସେକ୍ରେଟାରୀ ଥିଲେ ।

Digitized by srujanika@gmail.com

୧୯. ତାଙ୍କର କାର୍ଯ୍ୟ ଓ ଚେଷ୍ଟା :

ମଧୁବାବୁ ଶିକ୍ଷା ସମ୍ବନ୍ଧରେ ଅତି ମନୋଯୋଗୀ ଥିଲେ । ଓଡ଼ିଶାର ଅଧିକାଂଶ ଆଇନଜୀବୀ ଛାତ୍ରମାନେ ଅକୃତକାର୍ଯ୍ୟ ହୋଇଥିଲେ । ସେତେବେଳେ ସେ ନିଜେ ସେମାନଙ୍କର ଶିକ୍ଷାଦୀକ୍ଷାର ଭାର ନେଲେ । ଏଇ ଛାତ୍ରମାନଙ୍କ ପାଇଁ ତାଙ୍କର ଯେ ଦାୟିତ୍ୱ ଥିଲା, ତାହା କେତେଜଣ ଜାଣୁଥିଲେ ? ସେ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଷୟର ପରୀକ୍ଷକ ଥିଲେ । ସେ କଟକରେ Free Mausion Lodgeର ସେକ୍ରେଟେରୀ ଥିଲେ । ତାଙ୍କର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ଖଣ୍ଡବିଖଣ୍ଡିତ ଅଂଶଗୁଡ଼ିକ ଏକତ୍ରକରି ଅଖଣ୍ଡ ଓଡ଼ିଶା ପ୍ରଦେଶ ସୃଷ୍ଟି କରିବା । ୧୯୧୨ ସାଲରେ ଓଡ଼ିଶା ସାମୟିକଭାବେ ବଙ୍ଗଳାଠାରୁ ପୃଥକ୍ ହୋଇଥିଲା । ତାଙ୍କ ମତରେ ଓଡିଶା ପକ୍ଷେ ଭାରତର ସ୍ୱାଧୀନତା ଓ ରାଜନୈତିକ ଆନ୍ଦୋଳନରେ ଯୋଗଦେବା କୌଣସି ମାନେ ହୁଏନା, ଯଦି ଓଡ଼ିଶାର ଖଣ୍ଡବିଖଣ୍ଡିତ ଅଂଶଗୁଡ଼ିକ ଏକତ୍ରକରି ଏକ ବୃହତ୍ ପ୍ରଦେଶରେ ପରିଣତହୋଇ ଭାରତର ଶାସନାଧୀନ ନ ହୁଏ । ସେଥିପାଇଁ ସେ Indian National Congressରେ ଯୋଗ ଦେଇଥିଲେ । ତାଙ୍କ ଭଳି ବିଚକ୍ଷଣ ରାଜନୀତିଜ୍ଞ, ଦେଶପ୍ରେମୀ, ବାଗ୍ମୀ ବ୍ୟକ୍ତି ଦେଖାଯାଏ ନାହିଁ । ସୁରେନ୍ଦ୍ର ନାଥ ବାନାର୍ଜି ୧୯୦୩ ସାଲରେ କଟକରେ Bengal Provincial Conference କରିବାକୁ ଚାହୁଁଥିଲେ । ଅଥଚ ସେଇ ସଭାରେ ଏକତ୍ରୀକରଣ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ସେ ସମର୍ଥନ କଲେ ନାହିଁ । ସେତେବେଳେ ମଧୁବାବୁ Utkal Union Conference ଆରମ୍ଭ କଲେ । ୧୯୦୪ ମସିହା ଡିସେମ୍ବର ମାସରେ Utkal Union Conferenceର ଦ୍ୱିତୀୟ ଅଧିବେଶନରେ ଓଡ଼ିଶାର କିଛି ଅଂଶ ସମ୍ବଲପୁର ଭିତରେ ଏବଂ ଅନ୍ୟାନ୍ୟ କିଛି ଅଂଶ ବଙ୍ଗଳାଓ ମଧ୍ୟ ପ୍ରଦେଶରେ (Central Province)ରେ ମିଶିବାପାଇଁ ସିଦ୍ଧାନ୍ତ ହେଉଥିଲା । କିନ୍ତୁ ମଧୁବାବୁ ତା'ର ପ୍ରତିକୂଳରେ କାର୍ଯ୍ୟ କରିଥିଲେ । ଏଇ ସମୟରେ ତାଙ୍କର ଜୁନିୟର ଗୋପବନ୍ଧୁ ଦାସଙ୍କୁ ଏଇ Councilରେ ଅଂଶୀଦାର କରାଇଥିଲେ । ତାଙ୍କର ଗୋଟିଏ କାର୍ଯ୍ୟରେ ମଧୁବାବୁ ଭାରି ବିରକ୍ତ ହୋଇଥିଲେ । ସେତେବେଳ ସୁଦ୍ଧା ସେ ତାହା ଧର୍ତ୍ତବ୍ୟ ଭିତରେ ଆଣି ନଥିଲେ । ମଧୁବାବୁ ଦେଖିଲେ ତାଙ୍କ ଭିତରେ ଦେଶାତ୍ମବୋଧ ଅଗ୍ନି ସ୍ଫୁଲିଙ୍ଗ ଅଛି, ଯାହା ଭବିଷ୍ୟତରେ ତାଙ୍କୁ ଊର୍ଦ୍ଧ୍ୱକୁ ଉଠାଇପାରିବ । ସେହି Conferenceରେ ଗୋପବନ୍ଧୁ Delegateମାନଙ୍କୁ ପ୍ରାର୍ଥନା ନାମରେ ଗୋଟିଏ ପୁସ୍ତିକା ବିତରଣ କରିଥିଲେ । ଏହାକୁ ପଢ଼ି ସେମାନେ ଉଦ୍ଦୀପ୍ତ ହୋଇଥିଲେ ।

Digitized by srujanika@gmail.com

ମଧୁବାବୁ ପ୍ରଥମେ Peasant Organisation ଗଠନ କରିଥିଲେ । ପରେ ଭାରତରେ ତାହା ଗୋଟିଏ ଶକ୍ତିଶାଳୀ ସଂଗଠନରେ ପରିଣତ ହେଲା । ତାଙ୍କର ମନ୍ତ୍ରୀତ୍ୱ ସମୟରେ ଦେଶର ଅଧିବାସୀମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ଉପରେ ଲକ୍ଷ୍ୟ ରଖୁଥିଲେ ଏବଂ ତା'ର ଉନ୍ନତିପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ । ଏଇ ପ୍ରକାରେ ସେ Bihar Orissa Municipal Lawର ଉନ୍ନତି ସାଧନ କରିଥିଲେ । ତାହା ଉନ୍ନତ ଧରଣର ଥିଲା ଏବଂ ଅତୁଳନୀୟ ଥିଲା ।

୧୯୧୨ ମସିହାରେ Utkal Tannery Act ସମ୍ବନ୍ଧରେ କାର୍ଯ୍ୟ କରିଥିଲେ । ସେ ସମୟରେ Bihar Orissa Council ବଜାୟ ରଖିବାପାଇଁ ତତ୍ପର ହୋଇଥିଲେ । ସେ ତାଙ୍କର ନିମ୍ନତମ ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ତାହା ଶିକ୍ଷା ଦେଉଥିଲେ । ଏହା ଗୋଟିଏ ସମ୍ମାନଜନକ କାର୍ଯ୍ୟ । ସେ କହୁଥିଲେ, ଆମ୍ଭମାନଙ୍କର ସାଧୁ ଓ ସ୍ୱାଧୀନ ବ୍ୟବସାୟ ଆନ୍ତରିକତା ସହ କାର୍ଯ୍ୟ କରିବା ଉଚିତ । ସେ ଜଣେ ରାଜପୁତ୍ର ପରି ଆୟ କରୁଥିଲେ । ସେ କାହାକୁ ଶୂନ୍ୟ ହସ୍ତରେ ଫେରାଉ ନଥିଲେ । ସେଥିପାଇଁ ତାଙ୍କର ଅର୍ଥର ଥାଳି ଶୂନ୍ୟ ରହୁ ନଥିଲା । ଯେଉଁମାନେ ଶିକ୍ଷା ନିମିତ୍ତ ସାହାଯ୍ୟ ମାଗୁଥିଲେ, ସେ ସେମାନଙ୍କୁ ମୁକ୍ତହସ୍ତରେ ଦାନ କରୁଥିଲେ । ବିନା ଦୋଷରେ ଦଣ୍ଡପ୍ରାପ୍ତ ଦରିଦ୍ର ଲୋକମାନଙ୍କର କେଶ୍ ସେ ହାତକୁ ନେଉଥିଲେ । ମଧୁବାବୁ ଜଣେ କଠୋର ପରିଶ୍ରମୀ, କର୍ମୀ, କାର୍ଯ୍ୟଦକ୍ଷ, ଦୟାଳୁ ଓ ନ୍ୟାୟପରାୟଣ ବ୍ୟକ୍ତି ଥିଲେ ।

ସେ ରାତ୍ରି ଦୁଇଟା ପର୍ଯ୍ୟନ୍ତ କାର୍ଯ୍ୟକରି ପ୍ରାତଃ କାଳରେ ନିର୍ଦ୍ଦିଷ୍ଟ ସମୟରେ ଉଠି ପଡୁଥିଲେ । ମଧୁବାବୁ କହୁଥିଲେ ସ୍ୱଳ୍ପ ଆହାର ମୋତେ ସକ୍ଷମ ଓ ସତେଜ ରଖେ । ତାଙ୍କର ସ୍ମରଣ ଶକ୍ତି ଅତିଶୟ ତୀକ୍ଷ୍ଣ ଥିଲା । ତାଙ୍କ ଆଲମାରୀରେ କେଉଁ ସ୍ଥାନରେ କେଉଁ ଦିଗରେ Law Book ଏବଂ Reference କେଉଁ ଦିଗରେ ଅଛି, ତାହା ସମ୍ବନ୍ଧୀୟ ଅନ୍ୟାନ୍ୟ ବହି କେଉଁ ଆକାରରେ ବା କେଉଁ ପାର୍ଶ୍ୱରେ ଅଛି, ତାହା ସେ ଖୋଜି ବାହାର କରିପାରୁଥିଲେ । Local Barରେ ସେ ଖୁବ୍ ବ୍ୟସ୍ତ ଓକିଲ ଏବଂ ନେତା ଥିଲେ । ଥରେ ଗୋଟିଏ Limitation କେଶ୍‌ର ପ୍ରଶ୍ନରେ ବହୁତ ମୁସ୍କିଲରେ ପଡ଼ିଥିଲେ । ତାଙ୍କର ବାହାର କେଶ୍ ବହୁତ ଭଲ ଥିଲା । ସେ କୃତିତ୍ୱର ସହ ତାହା କରିଯାଉଥିଲେ; କିନ୍ତୁ ପ୍ରତିବାଦୀ Limitationର ପ୍ରଶ୍ନ ଉପରେ ବିବ୍ରତ କରିଦେଇଥିଲେ । ସେ ରାତ୍ରି ଗୋଟାଏ ପର୍ଯ୍ୟନ୍ତ ନିଜର ଜ୍ଞାନ ବୁଦ୍ଧିଦ୍ୱାରା

Digitized by srujanika@gmail.com

ଅନୁସନ୍ଧାନକରି ସେ ଘମନ୍ତରେ ବହି ଖୋଜି ଖୋଜି ହଇରାଣ ହୋଇଗଲେ । କ୍ଳାନ୍ତ ହୋଇ ଆଶ୍ରୋଇ ଈଶ୍ୱରଙ୍କ ନିକଟରେ ସେ ସାହାଯ୍ୟ ପ୍ରାର୍ଥନା କରିଥିଲେ ।

ରାତ୍ରିରେ ସ୍ୱପ୍ନରେ ତାଙ୍କର ସନ୍ଦେହର ଉତ୍ତର ପାଇଗଲେ । ତାଙ୍କର ବ୍ରିଫ୍‌କେସ୍ ସହ ଶୀଘ୍ର ଉଠିସେ Libraryକୁ ଚାଲିଗଲେ । ଲାଇବ୍ରେରୀରେ ତାଙ୍କର ନୋଟ୍ ବୁକ୍ ଖୋଲି ପାଇଲେ ଏବଂ ତହିଁରେ Limitation Caseର ପ୍ରକୃତ ଉତ୍ତର ଥିଲା । ତାଙ୍କର ବିଶ୍ୱାସ ଏହି କାର୍ଯ୍ୟ ଈଶ୍ୱରଙ୍କ ସାହାଯ୍ୟରେ ସାଧିତ ହୋଇଛି । ସେ ଅଧିକ ଅର୍ଥ ବା ବିନା ଅର୍ଥ ହେଉ ଉଭୟ କ୍ଷେତ୍ରରେ ସେ ଅକ୍ଲାନ୍ତ ପରିଶ୍ରମ କରି, ସାଧୁତାର ସହ ଓକିଲାତି କାର୍ଯ୍ୟ ନିର୍ବାହ କରୁଥିଲେ । ସେ ମୁଠାଏ ସୁନାକୁ ଧୂଳି ଜ୍ଞାନରେ ଅବହେଳା କରି ପରିତ୍ୟାଗ କରୁଥିଲେ ।

୨୦. ମନ୍ତ୍ରୀତ୍ୱ ଗ୍ରହଣ :

୧୯୨୧ ସାଲରେ ଯେତେବେଳେ Lord Sachidananda Sinha ଭାରତର ପ୍ରଥମ ଦେଶୀ ଗଭର୍ଣ୍ଣର ହେଲେ, ସେତେବେଳେ ମଧୁବାବୁ ବିହାର ଓଡ଼ିଶାର ପ୍ରଥମ ମନ୍ତ୍ରୀ ଥିଲେ । ସେତେବେଳେ ମନ୍ତ୍ରୀଙ୍କର ନିର୍ଦ୍ଧାରିତ ଦରମା ଟ.୫,୦୦୦/- ଥିଲା । ତାହା କମାଇବା ବେଳେ ମଧୁବାବୁ ପ୍ରତିବାଦକରି କହିଲେ ହୁଏତ ମନ୍ତ୍ରୀତ୍ୱ ପଦ ଅବୈତନିକ କର କିମ୍ବା ପୂରା ଦରମା ଦେଇ ସମ୍ମାନିତ କର । ଶେଷରେ କିନ୍ତୁ ମଧୁବାବଙ୍କୁ ଆଉ ଜଣେ ମନ୍ତ୍ରୀ ଭାଇ ଫକୀରୁଦ୍ଦିନଙ୍କ ସୁବିଧାପାଇଁ ଟ.୫,୦୦୦/-ରୁ ଟ.୪,୦୦୦/- ହେଲା; ସେଥିରେ ସେ ରାଜି ହେଲେ । କିନ୍ତୁ ପରେ ମଧୁବାବୁ ଟ.୪,୦୦୦/- ଦରମା ନେବାକୁ ଅସ୍ୱୀକାରକରି ଅବୈତନିକ ଭାବେ ମନ୍ତ୍ରୀ କାର୍ଯ୍ୟ କଲେ । ସେ ସମୟରେ ମଧୁବାବୁଙ୍କର ଅର୍ଥର ଖୁବ୍ ପ୍ରୟୋଜନ ଥିଲା । Bengal Government ଦ୍ୱାରା ଉତ୍କଳ ଟାନେରୀ ଧାର୍ଯ୍ୟ ହୋଇଥିଲା ୫ ଲକ୍ଷ ଟଙ୍କା; କିନ୍ତୁ ଓଡ଼ିଶା ନିଲାମରେ ତାହା ମାତ୍ର ଟ.୬୫,୦୦୦/- ଉଠିଥିଲା । ସେଇ ଆଘାତ ମଧୁବାବୁଙ୍କ ଆଶାକୁ ଧ୍ୱଂସ କରି ଦେଇଥିଲା । ଓଡ଼ିଶାର ଆର୍ଥିକ ଅବସ୍ଥାର ଉନ୍ନତିପାଇଁ ତାଙ୍କର ଅକ୍ଲାନ୍ତ ପରିଶ୍ରମ ଓ ଅକାତରେ ଅର୍ଥ ବ୍ୟୟ Utkal Tannery ସୁନା ରୂପାର ତାରକସି କାମପାଇଁ ଏବଂ ଓଡ଼ିଶାର ସ୍ୱତନ୍ତ୍ରତା ଲାଭ ନିମନ୍ତେ ସଭା ସମିତିପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ ତାଙ୍କୁ ଦେବାକିଆ କେଶ୍‌ରେ ପକାଇଥିଲା । ତାଙ୍କର ଘର ଯେତେବେଳେ କୋର୍ଟରେ ନିଲାମ ହେବାକୁ ଆଉ ଦୁଇ ଦିନ ବାକି, ସେତେବେଳେ Indian National Congressର ନେତା Sir Surendra Nathଙ୍କ ମୃତ୍ୟୁ ଖବର ପାଇ ଓଡ଼ିଶାର ଜାତୀୟ

Digitized by srujanika@gmail.com

କଂଗ୍ରେସର ନେତା, ମଧୁସୂଦନ ଦାସ କଟକ ଟାଉନ୍ ହଲ୍‌ରେ ଏକ ବିରାଟ ଶୋକସଭାର ଆୟୋଜନ କଲେ । ସହରର ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରାହେଲା । ଏପରିକି ସୁରେନ୍ଦ୍ରନାଥଙ୍କ ପୁତ୍ରଙ୍କୁ ମଧ୍ୟ କଲିକତାରୁ ନିମନ୍ତ୍ରଣ କରାହେଲା । ତାଙ୍କର ସେହି ସଂକଟ ମୁହୂର୍ତ୍ତରେ ସେଇ ସଭାର ସମସ୍ତ ବ୍ୟୟଭାର ନେବାପାଇଁ ଭୟ ବା କାର୍ପଣ୍ୟ କଲେ ନାହିଁ । ମୋର ମଝିଆ ଜ୍ୟେଷ୍ଠ ପିତୃତୁ ଚନ୍ଦ୍ରକୁମାର ହାଜରା ମଧୁବାବୁଙ୍କୁ ପ୍ରଶ୍ନ କଲେ, ଏଇଟା କ'ଣ ବେଙ୍ଗଲରେ ସମ୍ଭବ ହୋଇଥାନ୍ତା ?

ସେ ଉତ୍ତର କଲେ, ବେଙ୍ଗଲରେ ଏବେ ଚାରି Generation ଚାଲୁଛି । ଓଡ଼ିଶାରେ ଏବେ ପ୍ରଥମ Generation ରେ ଯାହା ମୋତେ ଚଳାଇବାକୁ ପଡ଼ିବ । ମଧୁବାବୁ ଆଜୀବନ ଆଳସ୍ୟ, ଅଜ୍ଞତା, ଈର୍ଷାପରାୟଣତା ବିରୁଦ୍ଧରେ ଯୁଦ୍ଧ କରି ଚାଲିଥିଲେ । ସେ ସାହସୀ ଓ ଯୋଦ୍ଧା ଥିଲେ । ବିପକ୍ଷମାନଙ୍କୁ କି ପ୍ରକାରେ ପରାସ୍ତ କରାଯାଇପାରେ ତା'ର ଅଦିସନ୍ଧି ବାହାରକରି ସେଥିରେ କୃତକାର୍ଯ୍ୟ ହୋଇପାରୁଥିଲେ ।

୨୧. ଦେବାଳିଆ ବା Insolvency Case :

ମଧୁବାବୁଙ୍କର ଯେତେ ଆୟ ଥିଲା, ଦେଶର ଉନ୍ନତିପାଇଁ ସବୁ ବ୍ୟୟକରି, ସେ ଶେଷରେ ସର୍ବସ୍ୱାନ୍ତହୋଇ ଦେବାଳିଆ ଅବସ୍ଥାରେ ପହଞ୍ଚିଥିଲେ । ସେଥିପାଇଁ ସେ Insolvency Caseରେ ପଡ଼ିଥିଲେ । ତାଙ୍କର ଘର ପାରଳାଖେମୁଣ୍ଡି ରାଜାଙ୍କ ପାଖରେ ବନ୍ଧକ ଅବସ୍ଥାରେ ପଡ଼ିଗଲା । ଓଡ଼ିଶାର କୌଣସି ଧନୀ ବ୍ୟକ୍ତି ବା ରାଜା ମହାରାଜା ତାଙ୍କର ଘରଟି କ୍ରୟକରି ତାଙ୍କୁ ଋଣମୁକ୍ତ କରିବାକୁ ଆଗେଇ ଆସି ନଥିଲେ । ମୋର ପିଉସୀମାମାନେ ଦେଶର ସମୃଦ୍ଧ ଲୋକମାନଙ୍କୁ ବହୁତ ଅନୁରୋଧ କରିଥିଲେ, ମଧୁସ୍ମୃତି କିଣି ମଧୁବାବୁଙ୍କୁ ସେଠାରେ ଭଡ଼ାଟିଆ ହିସାବରେ ରଖିବାପାଇଁ । ସେଥିରେ ମଧ୍ୟ କେହି ରାଜି ହେଲେ ନାହିଁ । ସେଥିଯୋଗୁଁ ମୋର ପିଉସୀମା ଏବଂ ଆତ୍ମୀୟମାନେ ନିଜ ନିଜର କଲିକତା ଘର ବିକ୍ରି କରି ସ୍ୱ-ଉପାର୍ଜିତ ଅର୍ଥରେ ମଧୁସ୍ମୃତି କିଣି ବୁଢ଼ାଦାଦାଙ୍କୁ ଋଣମୁକ୍ତ କଲେ । ମୋର ବଡ଼ବାପା ମହାଶୟ ଟ.୨୦,୦୦୦/- (ଏବଂ ଆହୁରି ଟ.୨୦,୦୦୦/- ମିଶାଇ ଟ.୪୦,୦୦୦ରେ) ଏଇ ଘରଟି ଋଣମୁକ୍ତ କଲେ । ମଧୁବାବୁଙ୍କ Libraryଟି ସୁଧାଂଶୁବାଳା ହାଜରା ଟ.୨୦,୦୦୦/-ରେ କିଣି ନେଇ High Courtର Law Libraryକୁ ଦାନ କଲେ । ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ, ବୁଢ଼ାଦାଦାଙ୍କର ମୃତ୍ୟୁ ସଙ୍ଗେ ସଙ୍ଗେ କେତେଜଣ

Digitized by srujanika@gmail.com

ଗଣ୍ୟମାନ୍ୟ ବ୍ୟକ୍ତି Government ପାଖରେ ପ୍ରସ୍ତାବ କଲେ ଯେ, ମଧୁସ୍ମୃତିକି Miss Dasଙ୍କ ପାଖରୁ କାଢ଼ିନେଇ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ସେହି ଘରଟି ନିୟୋଜିତ ହେଉ । କାରଣ ସେ ଥିଲେ ଓଡ଼ିଶାର ସିଂହ ।

ଜୀବିତ ଅବସ୍ଥାରେ ସେହି ପୁରୁଷ ସିଂହଙ୍କ ବାସଗୃହର ଅଭାବ ଦେଖାଗଲାବେଳେ କେହି ସିଂହର ବାସସ୍ଥାନ ପ୍ରତି ଦୃଷ୍ଟି ଦେଲେ ନାହିଁ । କିନ୍ତୁ ସେହି ସିଂହର ମୃତ୍ୟୁ ପରେ ପରେ ତାଙ୍କର ଗୁମ୍ଫା ଉପରେ ସମସ୍ତଙ୍କ ନଜର ପଡ଼ିଲା । ଯଦି ତାଙ୍କର ଆତ୍ମୀୟବର୍ଗ ସେହି ସିଂହର ବାସସ୍ଥାନର ବ୍ୟବସ୍ଥା କରି ନଥାନ୍ତେ, ତେବେ ଏହା ନିଲାମହୋଇ ଏହାର ମାଲିକ ଆଉ କିଏ ହୋଇଥାନ୍ତା । ତାଙ୍କର ସେହି ସଙ୍କଟ ମୁହୂର୍ତ୍ତରେ ଓଡ଼ିଶା ଦେଶବାସୀ କିମ୍ବା ରାଜା ମହାରାଜା କେହି ସାହାଯ୍ୟପାଇଁ ହାତ ବଢ଼ାଇ ନଥିଲେ । ଏତେ ଦରିଦ୍ରତା ସତ୍ତ୍ୱେ ତାଙ୍କର ଦାନର ପ୍ରାଚୁର୍ଯ୍ୟ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଶେଷପର୍ଯ୍ୟନ୍ତ ସେ ଅତିଥି ସେବା, ସଭା ସମିତିରେ ଅର୍ଥ ବ୍ୟୟକରି ଚାଲିଥିଲେ । ନିଜର ଦେଶବାସୀ ଜଣେବି ତାଙ୍କର ଏହି ସଙ୍କଟରେ ସାହାଯ୍ୟ କରିବାକୁ ସମର୍ଥ ନଥିଲେ । କିନ୍ତୁ ଆଶ୍ଚର୍ଯ୍ୟ, ଜଣେ ଭିନ୍ନ ଦେଶୀ ଭଦ୍ର ମହିଳା, ଯାହାଙ୍କର ନାମ ଲାବଣ୍ୟ, ସେ ୧୯୨୭ ସାଲରେ Divisional Commissionerଙ୍କ ସ୍ତ୍ରୀ ଥିଲେ; ମଧୁବାବୁଙ୍କ ଅବସ୍ଥା ଦେଖି ତାଙ୍କ ପ୍ରାଣ କାନ୍ଦିଉଠିଥିଲା । ସେ ମଧୁବାବୁଙ୍କୁ ସାକ୍ଷାତକରି ନିଜ ଗୃହ ଲାଲବାଗରେ ଆଶ୍ରା ନେବାପାଇଁ ଅତିଥି ଭାବେ ଆମନ୍ତ୍ରଣ କରିଥିଲେ । ଯେତେଦିନ ପର୍ଯ୍ୟନ୍ତ ସେହି ଦୁର୍ଦ୍ଦିନ କଟି ନଯାଇଛି, ସେ ତାଙ୍କ ଘରେ ରହିବାପାଇଁ ଅନୁରୋଧ କରିଥିଲେ । କିନ୍ତୁ ସେ ଉତ୍ତରରେ କହିଥିଲେ- ଲାବଣ୍ୟ, ତୁମର ଏହି ମହାନୁଭବତା ପାଇଁ ମୁଁ ଅସଂଖ୍ୟ ଧନ୍ୟବାଦ ଦେଉଛି; କିନ୍ତୁ ତୁମେ କହିପାରିବ କି ଯେତେବେଳେ ବିଚାରକ ଦଣ୍ଡ ଦିଏ, ସେତେବେଳେ ସେ ଦଣ୍ଡିତ ବ୍ୟକ୍ତି ଦଣ୍ଡ ଗ୍ରହଣ ନକରି ତାହା ଅଗ୍ରାହ୍ୟ କରି ପାରେକି ? ସେମିତି ଈଶ୍ୱର ଯେତେ ଦଣ୍ଡ ଦେଉଛନ୍ତି, ଦଣ୍ଡ ମଥାପାତି ଗ୍ରହଣ ନକରି ମୁଁ କେଉଁଠାକୁ ଯିବି ।ଶାନ୍ତଭାବେ ଈଶ୍ୱରଙ୍କ ବିଚାରକୁ ଗ୍ରହଣ କରିନେବା ମୋର ଇଚ୍ଛା । ମୁଁ ବରଂ ଭୂମିଶଯ୍ୟା ଗ୍ରହଣ କରିବି, ହେଲେ କୌଣସି ଦୟାଳୁ ବନ୍ଧୁବାନ୍ଧବମାନଙ୍କଠାରୁ ମୁଁ ସୁଖଶଯ୍ୟ ଗ୍ରହଣ କରିବି ନାହିଁ ।

୨୨. ଖ୍ରୀଷ୍ଟିୟାନ୍ ସମ୍ମିଳନୀ (Christian Conference) :

ମଧୁବାବୁ ହିନ୍ଦୁ ଥିବା ସମୟରେ ଖ୍ରୀଷ୍ଟଙ୍କର ତିନୋଟି ବାଣୀ ତାଙ୍କୁ ପ୍ରଭାବିତ କରିଥିଲା । ପ୍ରଥମ ବାଣୀଟି କ୍ରୁଶ ଉପରେ ଯେତେବେଳେ କ୍ରୁଶବିଦ୍ଧ ହୋଇଥିଲେ,

Digitized by srujanika@gmail.com

ସେତେବେଳେ ସେ ଜଗତର ପାପର ପ୍ରାୟଶ୍ଚିତ ମୂଲ୍ୟସ୍ୱରୂପ ନିଜ ଜୀବନକୁ ବିକିଦେଇ ନିଷ୍କଳଙ୍କ ନିର୍ଦ୍ଦୋଷର ରକ୍ତ ବୁହାଇ ପାପର ମୂଲ୍ୟ ସବୁ ଦାନକରି କ୍ଷମା କରିଥିଲେ । ଈଶ୍ୱରଙ୍କୁ ମଧ୍ୟ ମାନବର ଦୋଷ ଲାଗି କ୍ଷମା ଦେବାପାଇଁ ଅନୁରୋଧ କରିଥିଲେ । ପିତା ଏମାନଙ୍କୁ କ୍ଷମାକର, ଏମାନେ କ'ଣ କରୁଛନ୍ତି, ଜାଣିପାରୁ ନାହାନ୍ତି । ଅଜ୍ଞ ମାନବ କ'ଣ ଜାଣୁଛି ଖ୍ରୀଷ୍ଟଙ୍କ ରକ୍ତ ମାନବକୁ ସବୁ ପାପରୁ ମୁକ୍ତି ଦିଏ ? ମୋର ବୁଢ଼ାଦାଦା ତାହା ଜାଣିଥିଲେ ବୋଲି ତାଙ୍କର ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ଦ୍ୱିତୀୟ ବାଣୀ ହେଉଛି- ଖ୍ରୀଷ୍ଟ ତାଙ୍କର ଶିଷ୍ୟମାନଙ୍କୁ କହିଥିଲେ, ତୁମେ ମତେ ପ୍ରଭୁ ବୋଲି ମାନ୍ୟ କରୁଥାଅ, ତାହା ଅବଶ୍ୟ ଠିକ୍ । ମୁଁ ପ୍ରଭୁ ଓ ଗୁରୁ ହୋଇ ଯେତେବେଳେ ତମର ଗୋଡ଼ ଧୋଇଦେଇପାରିଲି, ତେବେ ତୁମମାନଙ୍କର କ'ଣ ଉଚିତ ନୁହେଁ, ପରସ୍ପର ଗୋଡ଼ ଧୋଇଦେବା ? ତାଙ୍କର ଏହି ନମ୍ରତା ସମସ୍ତଙ୍କୁ ମୁଗ୍ଧ କରିଦିଏ । ଜଗତରେ କୌଣସି ଗୁରୁ ତାଙ୍କରି ଭଳି ଏପରି ନମ୍ରତା ଦେଖାଇପାରିଛି କି ? ଖ୍ରୀଷ୍ଟଙ୍କ ଭଳି କିଏ ନମ୍ରତା ଦେଖାଇଛି କି ? ସେହି ନମ୍ରତା ବୁଢ଼ାଦାଦାଙ୍କୁ ମୁଗ୍ଧ କରିଥିଲା । ଆଉ ତାଙ୍କ ଚରିତ୍ର ଗଠନ କରିବାକୁ ସାହାଯ୍ୟ କରିଥିଲା । ଏବେ ଖ୍ରୀଷ୍ଟଙ୍କର ତୃତୀୟ ବାଣୀ ମଧୁବାବୁଙ୍କ ମୃତଶଯ୍ୟାରେ ସବୁବେଳେ ମନେ ପଡୁଥିଲା । ତାହା ହେଉଛି, ଯାହା କିଛି ମନୁଷ୍ୟ ମୁଖରେ ପ୍ରବେଶ କରେ, ତାହା ବହିର୍ଦ୍ଦେଶକୁ ବାହାରିଯାଏ । କିନ୍ତୁ ଯାହା ଅନ୍ତଃକରଣ ଭିତରୁ ବାହାରେ, ତାହାହିଁ ମନୁଷ୍ୟକୁ ଅଶୁଚି କରେ । ଯେପରିକି କୁଚିନ୍ତା, କୁବାକ୍ୟ, କୁସଙ୍କଳ୍ପ, ମିଥ୍ୟା, ଚୋରି ଆଉ ପରନିନ୍ଦା ଇତ୍ୟାଦି ।

୧୯୧୫ ସାଲରେ ମଧୁବାବୁ All India Christian Conference ଦ୍ୱିତୀୟ ଅଧିବେଶନରେ ପ୍ରଚାର କରିଥିଲେ, ଖ୍ରୀଷ୍ଟୀୟ ଜୀବନର ଅସଲ ଉଦ୍ଦେଶ୍ୟ କ'ଣ ? ଖ୍ରୀଷ୍ଟଙ୍କର କ୍ରୁଶୀୟ କ୍ଷମାର ବାଣୀ ମନୁଷ୍ୟ ବିଶ୍ୱାସକରି ଗ୍ରହଣ କଲେ, ସେ ମୁକ୍ତି ଲାଭ କରିପାରେ । ଖ୍ରୀଷ୍ଟଙ୍କର ସେହି କ୍ଷମା ମନୁଷ୍ୟ ସ୍ୱଭାବରେ ଚୂଡ଼ାନ୍ତ ଆଦର୍ଶ । ଏହାହିଁ ହେଲା ମନୁଷ୍ୟ ସ୍ୱଭାବର ମାପକାଠି । ଏହି କ୍ରୁଶୀୟ ବାଣୀ ତୂରୀଧ୍ୱନି ସହକାରେ ଜଗତକୁ କ୍ଷତ କରେ । ମାନବର ମାନସିକ ସ୍ୱଭାବକୁ ସମ୍ପୂର୍ଣ୍ଣ ରୂପେ ଆତ୍ମିକ ସ୍ୱଭାବଦ୍ୱାରା ବଶୀଭୂତ କରେ । ମନୁଷ୍ୟ ଯେତେବେଳେ ମାନବ ସ୍ୱଭାବକୁ ଆତ୍ମିକ ସ୍ୱଭାବଦ୍ୱାରା ବଶୀଭୂତ କରେ, ସେତେବେଳେ ସେ ଖ୍ରୀଷ୍ଟଙ୍କ ସ୍ୱରୂପରେ ରୂପାନ୍ତରିତ ହୁଏ । ଜୀବନର ଶେଷରେ ଯେତେବେଳେ ମୃତ୍ୟୁର ଦ୍ୱାରରେ ଆସି ଜଣେ ଛିଡ଼ାହୁଏ, ସେତେବେଳେ ଜଗତ ସାଙ୍ଗରେ ତାଙ୍କର ସବୁ ଦେଣା ପାଉଣା ତୁଟିଯାଏ; ଅନ୍ତର ସେତେବେଳେ ବିବେକ ଓ ଈଶ୍ୱର ସାଙ୍ଗରେ କଥାବାର୍ତ୍ତା କରେ ।

Digitized by srujanika@gmail.com

ଯେତେବେଳେ ଈଶ୍ୱର କୁହନ୍ତି, ଧାନ୍ୟଧ୍ୟ ସନ୍ତାନ ! ତୁମ କାର୍ଯ୍ୟ ତୁମେ ସୁନ୍ଦର ରୂପେ କରିଛ । ତାହାହିଁ ମୋପାଇଁ ପୁରସ୍କାର । ୧୯୧୬ ମସିହାରେ ମାନ୍ଦ୍ରାଜର All India Christian Conferenceରେ ମଧୁବାବୁ ପୁନର୍ବାର ପ୍ରେସିଡେଣ୍ଟ ହେଲେ । ଏହି ସଭାରେ ତାଙ୍କର ମନ୍ତବ୍ୟ ହେଉଛି- ଯେ କୌଣସି ରାଜତ୍ୱରେ ଆମ୍ଭେମାନେ ବାସକରୁନା କାହିଁକି, ଯେମିତି ସେ ଦେଶକୁ ଓ ରାଜ୍ୟକୁ ଓ ଜାତିକୁ ଗୌରବ ଦେଇପାରିବୁ- ଏହାହିଁ ଆମର କାର୍ଯ୍ୟ ଓ ଉଦ୍ଦେଶ୍ୟ ହେଉ । ଈଶ୍ୱରଙ୍କ ବାଣୀ ଯାହା ଆମକୁ ଅନୁପ୍ରାଣିତ କରେ, ତାହା ଜଗତର ଶାନ୍ତି ଓ ମାନବର ପ୍ରୀତି ଅଟେ ।

ନାଗପୁରରେ ୧୯୧୭ ମସିହାରେ ତୃତୀୟ ଖ୍ରୀଷ୍ଟ ଅଧିବେଶନ ବେଳେ ମଧୁବାବୁଙ୍କୁ ପୁଣି ପ୍ରେସିଡେଣ୍ଟ ପଦରେ ଅଭିଷିକ୍ତ କରାଗଲା । ସେ ପ୍ରଚାର କରୁଥିଲେ ଯେ, ମନୁଷ୍ୟକୁ ଦୁଇ ପ୍ରକାର ଜୀବନ କଟାଇବାକୁ ପଡ଼େ । ଗୋଟିଏ ନିଜସ୍ୱ ଜୀବନ ଆଉ ଅନ୍ୟଟି ପରାର୍ଥ ଜୀବନ । ମନୁଷ୍ୟ ଜୀବନ ଆସେ ପରାର୍ଥେ ଉତ୍ସର୍ଗୀକୃତ ନିଃସ୍ୱାର୍ଥ ଦ୍ୱାରା, ଯେପରି ସେ ସନ୍ତାନକୁ ଜନ୍ମଦେଇ ତିଳତିଳ କରି ନିଜର ଦେହ ଓ ଜୀବନ ଦେଇ ଶିଶୁକୁ ଗଢ଼େ । ଏହିପରି ସ୍ୱାର୍ଥଶୂନ୍ୟ କାର୍ଯ୍ୟଦ୍ୱାରା ଶିଶୁର ଜୀବନ ଗଢ଼ିଉଠେ । ଏହାହିଁ ମୋର ଶରୀର ଯାହା ମୋର ମା'ର ସ୍ୱେଚ୍ଛାକୃତ ଦାନରେ ଗଠିତ । ମା'ର ଶରୀର ମୋର ପ୍ରକୃତ ଅଙ୍କ, ଯାହା ଈଶ୍ୱରଙ୍କ ବିଜ୍ଞାନାଗାରରେ ମନୁଷ୍ୟ ଜୀବନର ଅସ୍ତିତ୍ୱ-ତ୍ୟାଗ ସମନ୍ୱିତ । ମୋ ମାଙ୍କର ସ୍ୱାର୍ଥଶୂନ୍ୟତା ମୋ ଜୀବନର ସର୍ଜନା । ମୁଁ ଯେତେବେଳେ ମୋ ମାଙ୍କର ଗର୍ଭରେ ଥିଲି, ସେଇ ସୁପ୍ତ ବିଜ୍ଞାନଗାରାରେ ଗଢ଼ିଉଠୁଥିଲି, ତାହା ମୋ ମା,ଙ୍କର ଦାନ ଥିଲା । ଯେତେବେଳେ ମୁଁ ଜଗତକୁ ଆସିଲି, ମୋର ସ୍ୱଭାବ ତାଙ୍କର ସ୍ୱାର୍ଥତ୍ୟାଗ, ଚିନ୍ତାଧାରାରେ ପ୍ରଭାବିତ ହେଲା । ଏ ଜଗତରେ ବଞ୍ଚିବା ଏବଂ ଏଠାରୁ ଅନ୍ତିମ ଯାତ୍ରୀ ମୋର ତ୍ରାଣକର୍ତ୍ତା ସ୍ୱାର୍ଥତ୍ୟାଗ ହେତୁ ମୋତେ ସ୍ୱର୍ଗପୁରର ଯାତ୍ରୀ କରିନେବା, ସେଥିପାଇଁ ନିଜକୁ ଅସ୍ୱୀକାର କରିବା ଏବଂ ସ୍ୱାର୍ଥଶୂନ୍ୟ ଜୀବନ ବିତାଇବା ମନୁଷ୍ୟ ଜୀବନର ସ୍ୱାଭାବିକ ଅବସ୍ଥା ।

ମଧୁବାବୁ କଟକରେ ୧୯୧୮ ସାଲରେ All India Christian Conferenceରେ ସଭାପତି ହୋଇ କେବଳ ବକ୍ତୃତା ଦେଇଥିଲେ, ତାହା ନୁହେଁ, ସେ ନିଜ ଉପାର୍ଜିତ ଅର୍ଥ ନିଃସ୍ୱାର୍ଥଭାବେ ଦେଶର ଉନ୍ନତିପାଇଁ, ନାରୀ ଶିକ୍ଷାପାଇଁ, ନିମ୍ନ ଶ୍ରେଣୀର ଲୋକମାନେ ଉନ୍ନତ ଶ୍ରେଣୀର ଜୀବନ ଯାପନ କରିବାପାଇଁ ସେ ଅର୍ଥବ୍ୟୟ କରିବାକୁ କୁଣ୍ଠିତ ହେଉ ନଥିଲେ ।

Digitized by srujanika@gmail.com

୨୩. ତିରୋଧାନ :

୧୯୩୪ ମସିହା ଜାନୁୟାରୀ ମାସରେ ବିହାରର ସାଂଘାତିକ ଭୂମିକମ୍ପ ସମୟରେ ଶୈଳବାଳା ଦାସ୍ ତାର ପାଇଲେ ଯେ, ବୁଢ଼ାବାପା ଖୁବ୍ ଅସୁସ୍ଥ । ତାର ପାଇ ସେ ପାଟନାରୁ ଓଡ଼ିଶାକୁ ଫେରି ଆସିଲେ । ଆସି ଦେଖିଲେ ଦି' ଭାଇ ଚନ୍ଦ୍ର ଓ ଜିତେନ୍ଦ୍ର ବୁଢ଼ାବାବାଙ୍କ ସେବାରେ ଲାଗିଛନ୍ତି । ସେମାନେ ଚାରି ଭାଇ ଭଉଣୀ ବୁଢ଼ାବାପାଙ୍କ ଶଯ୍ୟାର ଚାରିପାଖେ ଘେରି ସେବା ଯତ୍ନ କରୁଥିଲେ । ଦିନକୁଦିନ ସେ ଦୁର୍ବଳରୁ ଦୁର୍ବଳ ହୋଇଯାଉଥିଲେ । ସେ Dr Cornel Palଙ୍କ ଚିକିତ୍ସାଧୀନ ଥିଲେ । ସେ କହିଲେ, ତାଙ୍କର କିଛି ରୋଗ ହୋଇ ନାହିଁ; କେବଳ ପୁଷ୍ଟିକର ଖାଦ୍ୟର ଅଭାବରେ ସେ ଦିନକୁଦିନ ଦୁର୍ବଳ ହୋଇଯାଉଛନ୍ତି । ଅତଏବ ପୁଷ୍ଟିକର ଆହାରରେ ପୁଷ୍ଟ ହେବାପାଇଁ Doctor ତାଙ୍କୁ କହିଲେ । ମଧୁବାବୁ କହିଲେ, ସେପୁରରୁ ଡାକରା ଆସିଲେ କେହି ସେ ଡାକକୁ ରୋକିପାରେ ନାହିଁ; ଏମିତିକି ଡାକ୍ତର ଅଟକାଇ ପାରେ ନାହିଁ ?

ତାଙ୍କ ଶଯ୍ୟା ପାଖରେ ଦିବାରାତ୍ର ଲୋକମାନଙ୍କର ଭିଡ଼ ହେବାକୁ ଲାଗିଲା ଓ ସମସ୍ତେ ଶେଷ ବିଦାୟ ଜଣାଇବାକୁ ଲାଗିଲେ । ସାରା ଓଡ଼ିଶାରେ ମଧୁବାବୁଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା ହେଲା । ପ୍ରତିଦିନ ତାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ବୁଲେଟିନ୍ ଦ୍ୱାରା ଲୋକମାନଙ୍କୁ ଜଣାଇ ଦିଆଯାଉଥିଲା । ତାଙ୍କ ଘର ବାହାରେ ଶତ ଶତ ଲୋକ ତାଙ୍କର ଶାରୀରିକ କୁଶଳତା ଜାଣିବାକୁ ବ୍ୟଗ୍ରତାର ସହ ଚାହିଁ ରହୁଥିଲେ । ଏତେ ଅସୁସ୍ଥତା ମଧ୍ୟରେ ବିହାରର ଭୂମିକମ୍ପ ବିଧ୍ୱସ୍ତ ଲୋକମାନଙ୍କ ସାହାଯ୍ୟପାଇଁ ଚାନ୍ଦା ଉଠାଇବା ଯେ ନିତ୍ୟାନ୍ତ ଆବଶ୍ୟକ, ସେଥିପାଇଁ ରୋଗଶଯ୍ୟାରେ ଥାଇ ମଧ୍ୟ ସେ ବହୁତ ଚିନ୍ତିତ ହେଉଥିଲେ । ମଧୁବାବୁ ମୃତ୍ୟୁର ଗୋଟିଏ ସପ୍ତାହ ପୂର୍ବେ ହଠାତ୍ କିଏ ଜଣେ ଅଜଣା ଲୋକ ଟ.୮୦୦/- (M.O.) କରି ପଠାଇଲେ । ମାଛୁଆ ବଜାରରେ ଯେଉଁଠି ମହାମାରୀ ରୋଗ, ଜଳର ଅଭାବ ବରାବର ଦେଖାଦେଉଥିଲା, ସେଇଠି ଗୋଟିଏ ନଳକୂପ ବସେଇବାକୁ ମଧୁବାବୁଙ୍କର ଇଚ୍ଛା ଥିଲା । ଈଶ୍ୱର ତାଙ୍କର ମୃତ୍ୟୁପଥର ଯାତ୍ରୀ, ଏଇ ସନ୍ତାନର ଶେଷ ଇଚ୍ଛା ଏହିରୂପେ ଆଶ୍ଚର୍ଯ୍ୟଭାବେ ପୂର୍ଣ୍ଣ କଲେ । କାରଣ ସେ ସେତେବେଳେ ଦେବାଳିଆ ହୋଇଯାଇଥିଲେ । ସେ ସେହିକ୍ଷଣି ଟଙ୍କା ନଳକୂପ ପାଇଁ ଦାନ କଲେ । ତାଙ୍କର ଶଯ୍ୟା ପାଖରେ ସ୍ୱାମୀ ବିଚିତ୍ରାନନ୍ଦ ଦାସ ସବୁବେଳେ ଉପସ୍ଥିତ ରହୁଥିଲେ । ମଧୁବାବୁ ପଣ୍ଡିତ ନୀଳକଣ୍ଠ ଦାସ୍‌ଙ୍କୁ ବହୁତ ଖୋଜୁଥିଲେ । ସେ ଆସିବା ପରେ ମଧୁବାବୁଙ୍କୁ କହିଲେ, ଆପଣଙ୍କ ଉପସ୍ଥିତି ଆମର ବିଶେଷ ପ୍ରୟୋଜନ

Digitized by srujanika@gmail.com

ଆପଣ ଏବେ ଚାଲିଗଲେ ହେବନି, ଈଶ୍ୱର ଆପଣଙ୍କୁ ଦୀର୍ଘାୟୁ କରି ଆମ ଭିତରେ ବଞ୍ଚାଇ ରଖନ୍ତୁ । ଆପଣ ଚାଲିଗଲେ କିଏ ପରିଚାଳନା କରିବ ଏ ଦେଶ ? ମଧୁବାବୁ ଉତ୍ତରରେ କହିଲେ, ତୁମେମାନେ କ'ଣ ଏବେବି ମୋର ପ୍ରୟୋଜନ ଅନୁଭବ କରୁଛ (ନୀଳକଣ୍ଠଙ୍କୁ ଦେଖାଇ ମଧୁବାବୁ କହିଥିଲେ)? ତୁମେମାନେ ମୋତେ ପାଇବ ତାହାଙ୍କ ଭିତରେ । ଯେମିତି ମୋତେ ଦେଖୁଥିଲ ସେମିତି ତାଙ୍କୁ ଦେଖିବ । ତା'ପରେ ନୀଳକଣ୍ଠ ବାବୁ ମଧୁବାବୁଙ୍କୁ ପ୍ରଶ୍ନ କଲେ, ଦେଶକୁ ଦେବାପାଇଁ ଆପଣଙ୍କର କି ଉପଦେଶ ? ମଧୁବାବୁ ଉତ୍ତର ଦେଲେ- ସମସ୍ତଙ୍କୁ କହିଦେବ, ପ୍ରତ୍ୟେକ ଯେପରି ଆପଣା ଆତ୍ମା ଚିନ୍ତା ଶୁଦ୍ଧ ରଖନ୍ତି । ସେ ସେମାନଙ୍କ ସଙ୍ଗେ ଆଉ ବୃଥା ବାକ୍ୟ ବ୍ୟୟ କଲେ ନାହିଁ । ମଝିରେ ମଝିରେ ସେ କହିବାକୁ ଲାଗିଲେ, ଯେଉଁମାନେ ମୋର ପରିଚର୍ଯ୍ୟା କରୁଛନ୍ତି ସେମାନେ ମୋର ଭିତର ପରିଷ୍କାର କରୁ ନାହାଁନ୍ତି, କେବଳ ମୋର ବାହାର ପରିଷ୍କାର କରୁଛନ୍ତି । ଏମିତିକି ସେ ପ୍ରଳାପ କରିବାକୁ ଲାଗିଲେ । ସମସ୍ତଙ୍କ ମନେ ହେଲା ସେ ସବୁବେଳେ ନିଜ ଆତ୍ମା ବିଷୟ ଚିନ୍ତା କରୁଛନ୍ତି । ଈଶ୍ୱରଙ୍କ ଆବାସ ଆତ୍ମାର ମନ୍ଦିରକୁ ଯେପରି ସବୁବେଳେ ପରିଷ୍କାର ରଖାଯାଏ ତାହା ଭାବୁଛନ୍ତି । ୩୧ ଜାନୁୟାରୀ ରାତ୍ରିରେ ଏବଂ ତା' ପରଦିନ ପ୍ରାତଃକାଳରେ ମଧୁବାବୁ ସୁଧାଂଶୁବାଳା ହାଜରାଙ୍କୁ କହିଲେ, ସେ ଜଣେ ଶ୍ୱେତବସ୍ତ୍ର ପରିହିତ ସୁନ୍ଦର ବୃଦ୍ଧ ଲୋକଙ୍କୁ ଦେଖିପାରୁଛନ୍ତି । ସେ ତାଙ୍କର ଶଯ୍ୟା ଚାରିଆଡ଼େ ଘୂରି ବୁଲୁଛନ୍ତି । ମିସ୍ ହାଜରା ତାଙ୍କୁ ପଚାରିଲେ, ସତରେ କଣ ତୁମେ ଆମମାନଙ୍କୁ ଛାଡ଼ି ଚାଲିଯାଉଛ ? ଆମେ ତେବେ କାହା ପାଖରେ ରହିବୁ ? ମଧୁବାବୁ କହିଲେ, ଈଶ୍ୱର ତୁମ ସଙ୍ଗେ ଅଛନ୍ତି । ତାଙ୍କର ମୃତ୍ୟୁର ଦୁଇଦିନ ପୂର୍ବରୁ ଖୁବ୍ ଥଣ୍ଡା ପଡ଼ିଥିଲା । ମୋର ବାପା ଜିତେନ୍ଦ୍ର କୁମାର ହାଜରା କଲିକତା ଯାଇ ଗୋଟିଏ Room Heater କିଣି ଆଣିଲେ । ମଧୁବାବୁ ଟିକେ ସୁସ୍ଥ ପାଇଲେ । ଡାକ୍ତରଙ୍କ ପରାମର୍ଶରେ ଅଧଚାମୁଚ ଭାତ ମଧ ଖାଇଲେ । ମଧୁବାବୁ ମୋର ପିଉସୀମାନଙ୍କୁ ସ୍ମରଣ କରାଇଦେଲେ, ଭୂମିକମ୍ପ ପାଇଁ ଚାନ୍ଦା ସଂଗ୍ରହ କରିବାକୁ ପଡ଼ିବ । ସେ ଦୁଇ ଭଉଣୀ ମାତ୍ର ଗୋଟିଏ ଘଣ୍ଟାପାଇଁ ବାହାରକୁ ଗଲେ । ସେମାନେ ଫେରି ଆସିବା ପରେ ଚାକରଟି କହିଲା, ସେ ନିସ୍ତେଜ ହୋଇ ପଡ଼ିଅଛନ୍ତି; ଅତି ଧୀରେ ଧୀରେ ନିଃଶ୍ୱାସ ନେଉଛନ୍ତି । ବଡ଼ ପିଉସୀ ଶୈଳବାଳା ତାଙ୍କଉ ସବୁ ବନ୍ଧୁମାନଙ୍କୁ ଏବଂ ଡାକ୍ତରଙ୍କୁ ଡକାଇ ପଠାଇଲେ । ସେଦିନ 14th Feb, 1934 ୧୦ଟା ସମୟ । ସେହି ଦିନ ସବୁଠୁ ଥଣ୍ଡାଦିନ ଥିଲା । ସେଇ ଥଣ୍ଡାରେ ଡାକ୍ତର ଆସି ସବୁ କବାଟ ଝରକା ଖୋଲିଦେଲେ । ସେଇ ସମୟରେ E.R.Lazarus ଆସି ହାଜର ହେଲେ ଓ ପ୍ରାର୍ଥନା କରିବାକୁ ଅନୁମତି ମାଗିନେଲେ । ବୁଢ଼ାଦାଦା ମୁଣ୍ଡ ହଲେଇ

Digitized by srujanika@gmail.com

ସମ୍ମତି ଦେଲେ । ତା'ପରେ ପିଉସୀ ଓ ତାଙ୍କ ଭାଇମାନେ ତାଙ୍କର ସେହି ପ୍ରିୟ ଗୀତଟି ଗାଇବାକୁ ଲାଗିଲେ (ମୁଁ ଶୁଣିଛି ଯୀଶୁଙ୍କର ରବ । ମୋର ପାଖେ ଆସି ବିଶ୍ରାମ ନିଅ) ।

ଆସ୍ତେ ଆସ୍ତେ ମଧୁବାବୁଙ୍କ ଶ୍ରାନ୍ତ କ୍ଳାନ୍ତ ଶରୀରଟି ମୃତ୍ୟୁ କୋଳରେ ଢଳିପଡ଼ିଲା । ଆତ୍ମା ପରମାତ୍ମାଙ୍କ ପାଖକୁ ଚାଲିଗଲା । ସେଇ ଶାନ୍ତିରାଜ୍ୟକୁ ନିଃଶବ୍ଦରେ ସେ ଚାଲିଗଲେ 14th Feb. 1934 ମସିହା ଦିନ ଗୋଟାଏବେଳେ । ମଧୁବାବୁ ଯୀଶୁଖ୍ରୀଷ୍ଟଙ୍କ କୋଳରେ ଚିରନିଦ୍ରା ପ୍ରାପ୍ତ ହେଲେ । ତାଙ୍କର ଦେହ ଧୀରେ ଧୀରେ ମେଜ (ମାର୍ବଲ ପଥର) ଉପରେ ଶୁଆଇ ରଖାଗଲା । ଶତ ଶତ ଲୋକ ଆସି ତାଙ୍କୁ ଶେଷ ଭକ୍ତି ଶ୍ରଦ୍ଧା ଜଣାଇବାକୁ ଲାଗିଲେ । କଟକବାସୀମାନେ ଓ ତାହାଙ୍କ ବନ୍ଧୁମାନେ ପୁଷ୍ପଦ୍ୱାରା ତାଙ୍କ ଦେହକୁ ଆଚ୍ଛାଦିତ କରି ଏକ ଶୋଭାଯାତ୍ରାରେ ସାରା କଟକ ଟାଉନ୍ ବୁଲାଇ କଫିନ୍ ଟଣା ଗାଡ଼ିରେ ସମାଧିସ୍ଥଳକୁ ନେଇ ଗଲେ । ବନ୍ଧୁ ମହିଳାମାନେ ତାଙ୍କର ଦେହରୁ ଫୁଲ ନେଇ ସ୍ମୃତି ଚିହ୍ନ ସ୍ୱରୂପ ନିଜ ପାଖରେ ରଖିଲେ । ବହୁଲୋକ ଶିଶୁମାନଙ୍କୁ ଆଣି ମଧୁବାବୁଙ୍କ ଗୋଡ଼ରେ ପ୍ରଣାମ କରେଇଲେ, ଯେପରିକି ସ୍ୱର୍ଗରୁ ସେମାନଙ୍କ ଉପରେ ଆଶୀର୍ବାଦ ଢାଳି ହୋଇଗଲା । ପ୍ରାର୍ଥନା ପରେ ମଧୁବାବୁଙ୍କ ଦେହଟି କଫିନ୍ ଭିତରେ ରଖାଗଲା । ଶେଷ ପ୍ରାର୍ଥନାସଭା ତାଙ୍କପାଇଁ ହେଲା । ତା'ପରେ ଧୀରେ ଧୀରେ ସେ କଫିନ୍ ଭରା ଦେହଟି ସମାଧି ଭିତରେ ରଖାହେଲା । ତାଙ୍କର ପରିଜନମାନେ ସେଇ କଫିନ୍ ଉପରେ ମାଟି ପକାଇବାକୁ ଲାଗିଲେ । ସର୍ବଶେଷରେ କଫିନ୍‌ଟି ମାଟିରେ ଢାକିଦେଇ ଭୂଗର୍ଭସ୍ଥ କରାଗଲା । ଏହି ପ୍ରକାରେ ତାଙ୍କର ନଶ୍ୱର ଦେହ ମାଟିରେ ବିଲୀନ ହୋଇଗଲା । କିନ୍ତୁ ଅମର ଆତ୍ମା ସେଇ ଈଶ୍ୱରଙ୍କ ପାଖକୁ ଫେରିଗଲା । ସେଥିପାଇଁ ଶାସ୍ତ୍ର କୁହେ ଯେ-ଯୀଶୁ ଖ୍ରୀଷ୍ଟ ଆମ୍ଭମାନଙ୍କ ପାଇଁ ମୃତ୍ୟୁକୁ ଜୟ କରିଅଛନ୍ତି । ସେଇ ମୃତ୍ୟୁକୁ ଆଉ ଭୟ କାହିଁକି ?

ହେ ମୃତ୍ୟୁ ! ତୁମର ଦଂଶନ କେଉଁଠି, କେଉଁଠି ତମର ଜୟ !! ସେ ମରି ନାହାନ୍ତି, ତାଙ୍କର ତରବାରୀ ଓ କ୍ରୁଶ ପକାଇ ସେ ଯାଇଛନ୍ତି ମୁକୁଟ ନେବାକୁ ।

ଭାରତର ଜ୍ଞାନୀ, ଗୁଣୀ, ସମ୍ଭ୍ରାନ୍ତ ଲୋକ ଏବଂ ଭାରତର ଶାସକବର୍ଗ ତାଙ୍କର ମୃତ୍ୟୁ ପରେ ଯେଉଁସବୁ ଚିଠିପତ୍ର ଦେଇଛନ୍ତି, ସେହିସବୁ ଚିଠି ବିଷୟରେ ଆମର ଆତ୍ମୀୟଙ୍କ ମୁହଁରୁ ଶୁଣି ଏବଂ ମୋର ନିଜର ବାଲ୍ୟକାଳ ଘଟଣା ଏବଂ ଅଭିଜ୍ଞତାରୁ ମଧୁବାବୁଙ୍କ ଜୀବନର କିଛିଅଂଶ ଏକତ୍ର କରିଛି । ଆହୁରି ବହୁତ ବିଷୟ ଅଛି, ଯାହା ଲେଖିଲେ ମସ୍ତବଡ଼ ପୁସ୍ତକ ହେବ । ଅଳ୍ପ କେତେକ ଘଟଣା କେବଳ ଲିପିବଦ୍ଧ କଲି ।

Digitized by srujanika@gmail.com

୨୪. ଝିଅକୁ ଦେଇଥିବା ମଧୁବାବୁଙ୍କର ଚିଠି :

ମଧୁବାବୁଙ୍କ କନ୍ୟା ଆଠ ଖଣ୍ଡ ପତ୍ର ତାଙ୍କଠାରୁ ପାଇଥିଲେ, ଯାହା ମୋ ପାଖରେ ଅଛି । ସେଥିରୁ ମୁଁ କେବଳ ଦୁଇ ତିନିଟା ପ୍ରଧାନ ପତ୍ର ଉଲ୍ଲେଖ କରୁଛି । ୧୯୦୬ ସାଲରେ October କୋଡ଼ିଏରେ ମଧୁବାବୁ ଜାଣିବାକୁ ଚାହିଁଛନ୍ତି ତାଙ୍କର କନ୍ୟା ଇଂଲଣ୍ଡରେ କିପ୍ରକାର ଜୀବନ ଅତିବାହିତ କରୁଛନ୍ତି । ତାଙ୍କର ପଢ଼ାପଢ଼ି କିଭଳି ଭାବରେ ହେଉଛି । ଆଉ ତାଙ୍କର ଜୀବନର ଉଦ୍ଦେଶ୍ୟ କ'ଣ ତାହା ସେ ଜାଣିବାକୁ ଚାହିଁଛନ୍ତି ।

୫ମ ଚିଠି

ପ୍ରିୟ ଶୈଳ, କଟକ

୨୦, ଅକ୍ଟୋବର

ତୁମର ଶିକ୍ଷା ସମ୍ବନ୍ଧେ ଜଣାଉଛି ଯେ ତୁମେ ଯଦି ଶିକ୍ଷକ ଦକ୍ଷତା ଶିଖିବାକୁ ଭାବୁଛ, ତାହାହେଲେ ସବୁଠୁ ଭଲ ହେବ । ଏହା ତୁମ ପକ୍ଷେ ପ୍ରଚୁର ଲାଭ ହେବ ଏବଂ ତୁମର ଜ୍ଞାନର ଭଣ୍ଡାର ମଧ ପୂର୍ଣ୍ଣ ହୋଇପାରିବ । ଆମମାନଙ୍କର ଦେଶର ସବୁ ସ୍ତ୍ରୀଲୋକମାନେ ଜାଣୁଛନ୍ତି ଯେ ତୁମେ ଯାହା ଜାଣୁଛ, ତା'ହେଲେ ଆମମାନଙ୍କର ଜାତି ଭିନ୍ନ ରୂପ ଧାରଣ କରିଥାନ୍ତା । ଆମମାନଙ୍କର ଶିକ୍ଷିତା ସ୍ତ୍ରୀଲୋକମାନେ ସ୍ତ୍ରୀଲୋକମାନଙ୍କୁ ଶିଖାଇପାରୁ ନାହାନ୍ତି । ସେମାନେ ଯାହା ଜାଣୁଛନ୍ତି, ତାହା ଯଦି ଶିକ୍ଷାପ୍ରଣାଳୀ ହିସାବରେ ନଦେଇ ପାରନ୍ତି ତା'ହେଲେ ସେମାନଙ୍କର ଜ୍ଞାନର ପ୍ରକାଶ ଲାଭ କିଛି ଉପକାରରେ ଆସିପାରିବ ନାହିଁ ।

ମୁଁ ଖୁବ୍ ଆନନ୍ଦିତ ହେଉଛି ଏହା ଜାଣି, ଶିକ୍ଷକତା ପ୍ରଣାଳୀ ସେଠି ଅନୁସରଣ କରାଯାଉଛି । ତା'ର ସବୁ ଅବସ୍ଥାର ବର୍ଣ୍ଣନା ତୁମ ପତ୍ରରୁ ଲାଭ କରିପାରିଛି । ଏ ପ୍ରଣାଳୀ ମୂଲ୍ୟ ଯେ ତୁମେ ଦେଖିଲ ଓ ପାଇପାରିଲ । ତୁମେ ଯାହା ମାଗୁଛ ପୁନର୍ବାର ତୁମ ବାଲ୍ୟକାଳ ଫେରି ଆସିବାକୁ- ଏହି ପ୍ରଣାଳୀ ଶିକ୍ଷା ଲାଭ କରିବାକୁ, ତାହା ଜାଣି ଖୁବ୍ ଖୁସି ହେଲି । ତୁମର ଏହି ପ୍ରକାର ଚିନ୍ତା ମୋର ଖୁବ୍ ଆନନ୍ଦଦାୟକ ହୋଇଛି । ଆମ ଦେଶରେ ଏହିଭଳି ଉନ୍ନତ ଧରଣର ଶିକ୍ଷା ପ୍ରଣାଳୀର ଅଭାବ ଯୋଗୁଁ ତୁମକୁ ସେହି ଦେଶକୁ ପଠାଯାଇଛି; ଏହି ବିଷୟରେ ତୁମେ ଯେ ସମ୍ମତ ହେଉଛ ତାହା ଜାଣି ମୁଁ ନିଶ୍ଚିନ୍ତ ହୋଇଛି । ତୁମର ଯେପରି ଏହି ବିଷୟରେ ଆହୁରି ଚିନ୍ତା ବୃଦ୍ଧି ହେବ ।

Digitized by srujanika@gmail.com

ଶେଷରେ ଯେପରି ତୁମେ ସୁନାମ ଅର୍ଜନ କରିବ ସେଥିପାଇଁ ଲକ୍ଷ୍ୟ ରଖିବ । ସେହି ଦେଶରେ ତୁମେ ନିଜକୁ ଦେଖାଇ ହେବନି; କାରଣ ଇଂରେଜମାନେ ଗର୍ବକୁ ବହୁତ ଘୃଣା କରନ୍ତି । ଏମିତିକି ଜଣେ ବ୍ୟକ୍ତି ସେ ସପ୍ତମ ଏଡ୍‌ଓଆଡ଼ ହେଲେ ମଧ ଯଦି ତାଙ୍କର ଶୋଭାରେ ଗର୍ବ ପ୍ରକାଶ ପାଏ, ତେବେ ତାହା ସେମାନେ ସହ୍ୟ କରିବେ ନାହିଁ । କିନ୍ତୁ ଜଣେ ଦୀନହୀନ ନମ୍ର ଲୋକ ପ୍ରତି ସେମାନେ ସବୁ କରିବେ । ତୁମେ ଏହି ବିଷୟରେ ବହୁ ପ୍ରମାଣ ପାଇପାରିବ । ଏହି ପ୍ରକାରେ ସେମାନେ ଖ୍ରୀଷ୍ଟୀୟ ସଭାକୁ ବହୁମୂଲ୍ୟ ଜ୍ଞାନ କରିଥାନ୍ତି । କାରଣ ଖ୍ରୀଷ୍ଟ ତୁମ ମଧ୍ୟରେ ଯେପରି ଆଦର୍ଶ ରୂପେ ପରିଗଣିତ ହେବେ । ସେ ମେଷଶାବକ ଭଳି ନମ୍ର ଦୀନହୀନ । ତୁମେ ମନେ ରଖିବ, ଲୋକମାନଙ୍କ ସାଥିରେ ସର୍ବଦା ଭଲ ବ୍ୟବହାର କରିବ ।

ଗତ ରାତ୍ରିରେ ମୁଁ ଗଭୀର ଭାବରେ ଚିନ୍ତା କରୁଥିଲି, ଇଂଲଣ୍ଡରେ ତୁମେ କେମିତି ବସବାସ କରୁଛ । ମୁଁ ତୁମ ଜାଗାରେ କ'ଣ କରିଥାନ୍ତି, ସେ ବିଷୟ ଚିନ୍ତାକରି ତୁମକୁ ଜଣାଉଛି । ପ୍ରଥମ ପ୍ରଶ୍ନ- ମୁଁ ନିଜକୁ ନିଜେ ପଚାରିଥିଲି, ଏତେ ବର୍ଷ ମୁଁ ନିଜେ ନିଜର ପ୍ରଭୁ ହୋଇ ଏବେ କିପରି ଶୀର୍ଷରେ ଶୃଙ୍ଖଳିତି ଜୀବନ ଅତିବାହିତ କରିପାରିଲି, ଏହା କ'ଣ ମୋ ଦ୍ୱାରା ସମ୍ଭବ ହେବ ? ମୁଁ ମୋର ମନକୁ ଏ ବିଷୟରେ ଛଳନା କରିପାରିଲି ନାହିଁ । ଜଣେ ସ୍ୱାମୀ ତା'ର ସ୍ତ୍ରୀକୁ ଗୃହର ଗୃହିଣୀ ହିସାବରେ ଯେଉଁ କର୍ତ୍ତବ୍ୟ ଭାର ଦାୟିତ୍ୱ ହିସାବରେ ଦେଇଥାଏ, ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ମୁଁ ଏ ବିଷୟରେ ଏକମତ ହୋଇପାରୁ ନାହିଁ । 'କାରଣ ଯେତେବେଳେ ସ୍ୱାମୀ ସ୍ତ୍ରୀକୁ ଦାୟିତ୍ୱ ଦିଏ ସେ ଦାୟିତ୍ୱ ଭାର ସେ ନିଜେ ନମ୍ରତା ସହିତ ଗ୍ରହଣ କରି ଚାଲିପାରେ ନାହିଁ । କିନ୍ତୁ ସେ ଯେତେବେଳେ ସେ ଦାୟିତ୍ୱ ନିଜେ ଗ୍ରହଣ କରେ, ସେ ତା'ର ଗୁରୁତ୍ୱ ବୁଝି ନମ୍ରତା ସହ ଚାଲିପାରେ । ସେତେବେଳେ ସେ ବୁଝିପାରେ ନିହିତ ଶକ୍ତି କେଉଁଠୁ ଆସେ । ଏହିଠାରେ ମୁଁ ମୋର ମନର ତର୍କବିତର୍କ ଅବସାନ ହେବାକୁ ଦେଲି । ଉଦାହରଣ ସ୍ୱରୂପ —

(୧) ଶକ୍ତିର ଉତ୍ସ କେଉଁଠି ? ଦେଖିବାକୁ ଗଲେ, ଗଛର ଶକ୍ତି ଅଲକ୍ଷ୍ୟେ ମାଟିତଳେ ଗଛର ମୂଳ, ଗଛକୁ ଖାଦ୍ୟ ଯୋଗାଏ । ଗଛର ମୂଳ ମଧ ଆକାଶରେ ଶକ୍ତି ଥାଏ ପୃଥିବୀଠାରୁ ବହୁ ଦୂରରେ ତାରି ଉପର ଅଂଶରେ । ସର୍ବଶକ୍ତିମାନ ଶକ୍ତି ଥାଏ ମନୁଷ୍ୟର ଦୃଷ୍ଟିର ବାହାରେ ।

Digitized by srujanika@gmail.com

(୨) ଖ୍ରୀଷ୍ଟଙ୍କର ଶିଷ୍ୟମାନେ ତାଙ୍କର ପଦଦ୍ୱୟ ଧୋଇବାକୁ ମାଗିଥିଲେ । ସେ ସେମାନଙ୍କୁ ତାହା କରିବାକୁ ଦେଲେ ନାହିଁ । ମୋର ନିଜର ଧାରଣା ଯେ ଇଂଲଣ୍ଡ ଏବେଯାଏ ସ୍ତ୍ରୀଲୋକଙ୍କୁ ସେହି ସମ୍ମାନ ଦେବାକୁ ଶିକ୍ଷା କରିନାହିଁ, ଯେଉଁ ସମ୍ମାନ ଖ୍ରୀଷ୍ଟ ତାଙ୍କ ଶିଷ୍ୟମାନଙ୍କୁ ଦେଲେ । ସେ ସମ୍ମାନ ଗୋଟିଏ ଜାତି ଜନନୀକୁ ଦେବାକୁ ପଡ଼େ ।

ଜଣେ ଇଂରେଜକୁ ତାଙ୍କର ମାତା, ଭଗ୍ନୀ ଓ କନ୍ୟାକୁ ଯେ ସମ୍ମାନ ଦେବାକୁ ହୁଏ, ତାହା ସେ ଜାଣେନା; କିନ୍ତୁ ସ୍ତ୍ରୀକୁ ସେହି ସମ୍ମାନ ଦେଇଥାଏ । ଏହା ହୋଇପାରି ନ ଥାନ୍ତା, ଯଦି ପ୍ରକୃତ ପକ୍ଷରେ ନାରୀ ତା'ର ସ୍ଥାନ ଜାଣିଥାନ୍ତା । ଭାରତବର୍ଷରେ ଜନନୀ ସ୍ଥାନ ବହୁ ଉଚ୍ଚରେ । ମୁଁ ଚାହେଁ ଏହି ବିଷୟ ତୁମେ ଚିନ୍ତା କରିବ ।

(୩) ସାଜସଜ୍ଜା ସମ୍ବନ୍ଧରେ ତୁମକୁ ଜଣାଉଛି, ଯାହା ଅପର ଦୃଷ୍ଟିରେ ଗର୍ବିତ ବୋଲି ପ୍ରକାଶ କରେ, ଏଭଳି ସାଜସଜ୍ଜା କରିବା ଉଚିତ ନୁହେଁ । ବିଦେଶରେ ପ୍ରଥମରୁ ଏପରି ସାଜସଜ୍ଜା କରିବ, ଯାହା ତୁମର ସମ୍ମାନଜନକ ହେବ । ସାଧାସିଧା ଭାବରେ ପୋଷାକ ବ୍ୟବହାର କରିବ । ସାଧାସିଧା ପୋଷାକ ତୁମର ବେଶୀ ସମ୍ମାନଜନକ ହେବ । ପୁରାଣର ଯମକାଳଠାରୁ ଭାରତରେ ସତୀ ଅଛି; କିନ୍ତୁ ଜନ୍ ଅଫ୍ ଆର୍କ ଯାହା ବ୍ୟବହାର କରିଥିଲେ, ସେହି ବ୍ୟବହାର ଭାରତର ନାରୀ ପକ୍ଷେ ହୋଇନାହିଁ । ମୁଁ ତୁମକୁ ଖୁବ୍ ବଡ଼ ଚିଠି ଲେଖିଲି । କିନ୍ତୁ ଭାବନା ଯେ ମୁଁ ତୁମକୁ ଲେକ୍‌ଚର ଦେଉଛି । ମୋର ସ୍ନେହ ଆଶୀର୍ବାଦ ନେବ ।

। ଇତି ।

ତୁମର ସ୍ନେହମୟ ପିତା

୮ମ ପତ୍ର — ୧୯୦୭ ସାଲରେ ୧୭ ଏପ୍ରିଲରେ ମଧୁବାବୁ ତାଙ୍କର କନ୍ୟାକୁ ପତ୍ର ଲେଖି ଜଣାଇଥିଲେ ଯେ "War wick duchesh" ବୈଠକ ଘର ସଭାରେ ଭାରତ ସମ୍ବନ୍ଧରେ କି ପ୍ରକାର କଥାବାର୍ତ୍ତା କରିବାକୁ ପଡ଼ିବ ।

ମୋର ପ୍ରିୟତମ କନ୍ୟା,

ଜାଣିଲି ତୁମକୁ ଭାରତବର୍ଷ ବିଷୟରେ କିଛି କହିବାକୁ ହେବ; ଏହା ଏକ ପ୍ରକାଣ୍ଡ ବିଷୟ । ଭାରତବର୍ଷରେ ପ୍ରଧାନତଃ ଖ୍ରୀଷ୍ଟ ତତ୍ତ୍ୱ କି ପ୍ରକାର ପ୍ରଭାବିତ କରୁଛି, ସେହି ସମ୍ବନ୍ଧରେ ତୁମେ ଆଲୋଚନା କରିବ । ରାଜନୀତି ବିଷୟରେ ଆଲୋଚନା କରିବାକୁ ଯିବନି; ଏହା

Digitized by srujanika@gmail.com

ଖୁବ୍ ବିପଦଜନକ ଏବଂ ଖୁବ୍ ଚତୁରତା ସହ କହିବା ପ୍ରୟୋଜନ । ତୁମେ ପ୍ରଥମେ ସୂଚନା କରିବ, ସାଧାରଣ ଇଂରେଜ ଖ୍ରୀଷ୍ଟୀୟାନ୍‌ମାନେ ଭାରତୀୟଙ୍କ ସହ କିପରି ସୁନ୍ଦର ବ୍ୟବହାର କରନ୍ତି ।

ଇଂରେଜମାନେ ବହୁ ଚେଷ୍ଟାରେ କୋଟି କୋଟି ଟଙ୍କା ବ୍ୟୟରେ ଭାରତୀୟମାନଙ୍କ ପାଖରେ ଖ୍ରୀଷ୍ଟଧର୍ମ ପ୍ରଚାର ନିରର୍ଥକ କରିନାହାଁନ୍ତି । କିନ୍ତୁ ବହୁ ନରନାରୀ ଅର୍ଥ ଓ ପରିଶ୍ରମ ଦ୍ୱାରା ଭାରତରେ ବହୁ ସଂଖ୍ୟକ ଲୋକ ଖ୍ରୀଷ୍ଟଧର୍ମ ଗ୍ରହଣ କରନ୍ତି । ଆଜି ପର୍ଯ୍ୟନ୍ତ ସେଇଥିରେ ଟିଷ୍ଟିକି ରହିଛନ୍ତି । ଏହା ସତ୍ୟ ଯେ ଭାରତର ଗୋଟିଏ ବୃହତ ସ୍ଥାନ ଖ୍ରୀଷ୍ଟିୟାନ ସମ୍ପ୍ରଦାୟଭୁକ୍ତ ହୋଇଛି । ଅର୍ଦ୍ଧଶତାବ୍ଦୀରେ ଯେଉଁ ରୂପରେ ସଂଖ୍ୟା ଗଣାଯାଏ, ତାହାଠାରୁ ବହୁତ । କିନ୍ତୁ ଯେତେବେଳେ ଭାରତର ଜନସଂଖ୍ୟା ବୃଦ୍ଧି ପ୍ରାପ୍ତ ହୁଏ; କିନ୍ତୁ ତାହା ଖ୍ରୀଷ୍ଟିୟାନ୍ ଅପେକ୍ଷା ଅଖ୍ରୀଷ୍ଟିୟାନ୍ ଦ୍ୱାରା ହୁଏ । ଆମେମାନେ ଯଦି ଗଂଣନାକରି ଦେଖୁ ଯେ, ଖ୍ରୀଷ୍ଟିୟାନ୍ ଧର୍ମ ବୃଦ୍ଧି ପାଇଛି ଜନ୍ମହାର ହିସାବରେ, କିନ୍ତୁ ପ୍ରଚାର ଭାବରେ ନାହିଁ । ଏଥିରେ କ'ଣ ବାହାଦୁରୀ ଅଛି ? ଆମେ ଦେଖିବା ଯଦି ମୁଣ୍ଡ କିଛି ଗଣନାକରି ବୃଦ୍ଧିପ୍ରାପ୍ତ କିଭଳି ହେଉଛି, ତାହାହେଲେ ମିଶ୍ ନାରୀମାନଙ୍କର କାର୍ଯ୍ୟର ପରିଶ୍ରମ କେଉଁଠି ଦେଖିବାକୁ ମିଳେନି । ଯେଉଁ ବ୍ୟକ୍ତି ହଳ ବୁଲାଇ ବିଲ ପ୍ରସ୍ତୁତ କରେ, ସିଏ ବେଶୀ ଉପଯୁକ୍ତ ନା ଯିଏ ଶସ୍ୟ ସଂଗ୍ରହ କରେ ସିଏ ? ଯେଉଁ ବ୍ୟକ୍ତି ଯୁବ ଛାତ୍ରକୁ ଶିକ୍ଷାଦେଇ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରେ, ସେ ଉପଯୁକ୍ତ ନା ଯେ ସେହି ଛାତ୍ରକୁ ଡିଗ୍ରୀ ପାଇବାପାଇଁ ଛିଡ଼ାକରେ ସେ ? ଯେ ବ୍ୟକ୍ତି ଦୁର୍ଗ ବେଷ୍ଟିତ ସୁରକ୍ଷିତ ସହରକୁ ସମାନ୍ତର କରିଦିଏ ସେହି ବ୍ୟକ୍ତି ବେଶୀ ସମ୍ମାନିତ ନା ଯେ ଧ୍ୱଂସପ୍ରାପ୍ତ ସହର ଉପରେ ସୈନ୍ୟମାନଙ୍କୁ ନେଇ ବିଜୟ ପତାକା ଉତ୍ତୋଳନ କରେ ସେ ବେଶୀ ସମ୍ମାନଯୋଗ୍ୟ ।

ଏ ବିଷୟରେ କୌଣସି ସନ୍ଦେହ ନାହିଁ ଯେ, ଇଂରାଜୀ ସାହିତ୍ୟ ଭିତର ଦେଇ ପାଶ୍ଚାତ୍ୟ ଚିନ୍ତାଧାରା ଏବଂ ସରାସର ବାଇବେଲର ଶିକ୍ଷା ଜାତୀୟ ମନୋଭାବକୁ ଗଢ଼ିତୋଳିଥିଲା, ଭବିଷ୍ୟତରେ ଖ୍ରୀଷ୍ଟଧର୍ମକୁ ଗ୍ରହଣ କରିବାପାଇଁ । ଜଣେ ଭାରତୀୟ ପକ୍ଷେ ଭାବିବା ଅସମ୍ଭବ ଯେ ଇଂରାଜୀ ସାହିତ୍ୟ ଓ ଇତିହାସ ମଧ୍ୟରେ ଯେଉଁ ସୌନ୍ଦର୍ଯ୍ୟ ମହତ୍ତ୍ୱର ଭାବଧାରା ଅଛି, ତାହା ଖ୍ରୀଷ୍ଟିୟାନ୍ ବ୍ୟକ୍ତି ପକ୍ଷେ ହୋଇପାରେନା । ଯଦି ଇଂଲଣ୍ଡରେ ଖ୍ରୀଷ୍ଟଧର୍ମ ଆସି ନଥାନ୍ତା, ତାହାହେଲେ ଆଜି ଏହିଭଳି ଭାବରେ ଖ୍ରୀଷ୍ଟଧର୍ମ ଗଢ଼ି ଉଠିପାରି ନଥାନ୍ତା । ଖ୍ରୀଷ୍ଟ ଧର୍ମ ସେ ଦେଶମାନଙ୍କର ଚରିତ୍ର ଗଢ଼ି ତୋଳିଛି । ଇଂଲଣ୍ଡର ଯାହା କିଛି

Digitized by srujanika@gmail.com

ସୁନ୍ଦର ଓ ମହତ୍ତ୍ୱ ତାହା ଖ୍ରୀଷ୍ଟ ଧର୍ମର ସୃଷ୍ଟି । ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷା କେନ୍ଦ୍ରଗୁଡ଼ିକ ଦେଖ, ଧର୍ମତତ୍ତ୍ୱର ଭିତ୍ତି ପତନ ଦ୍ୱାରା ହୋଇଛି । ସେମାନଙ୍କର ବର୍ତ୍ତମାନ ସମୟ ସଂରକ୍ଷଣ ବିଷୟ ଖୋଜିଲେ ଜଣାଯାଏ ଯେ ଖ୍ରୀଷ୍ଟ ପ୍ରକାଶିତ ତାହାର ମୌଳିକ ବିଷୟ । ଆମ୍ଭେମାନେ ଭାରତବର୍ଷରେ ଦେଖୁ ଇଂରେଜ ଜାତିର ସବୁ ବିଷୟ ଉପରେ ଖ୍ରୀଷ୍ଟ ପ୍ରଧାନତା ପ୍ରକାଶ ପାଉଛି । ଭାରତୀୟ ପକ୍ଷରେ ଖ୍ରୀଷ୍ଟ ବିହୁନେ ଇଂଲଣ୍ଡକୁ ଚିନ୍ତା କରାଯାଏନା । କାରଣ ଖ୍ରୀଷ୍ଟହିଁ ତାଙ୍କର ଗଢ଼ିଉଠିବା ଛାଞ୍ଚ ସ୍ୱରୂପ । ଭାରତୀୟମାନଙ୍କ ସମ୍ପର୍କରେ ଆସିଲେ ତା'ର ଶିକ୍ଷା ଓ ଜୀବନ ଦ୍ୱାରା ଖ୍ରୀଷ୍ଟଙ୍କୁ ପ୍ରକାଶ କରେ ନାହିଁ । ୟୁରୋପୀୟ ସରକାରୀ ଚାକିରି ଜୀବୀମାନେ ସେମାନଙ୍କର ଶାସନ କେନ୍ଦ୍ରରେ ସେମିତି ଖ୍ରୀଷ୍ଟଙ୍କର ବିଷୟ ଅପେକ୍ଷା କରନ୍ତି । ସେମାନେ କେବଳ ଖ୍ରୀଷ୍ଟଧର୍ମକୁ ବିଶ୍ୱାସ କରନ୍ତି । କିନ୍ତୁ ସେମାନଙ୍କର ସରକାରୀ କାର୍ଯ୍ୟରେ, ଅନ୍ୟାନ୍ୟ କାର୍ଯ୍ୟରେ ସେମାନେ ଖ୍ରୀଷ୍ଟିୟାନଭାବେ ପ୍ରକାଶ ଲାଭ କରନ୍ତି । ସେମାନଙ୍କର ସାହସର ଅଭାବ ଯୋଗୁଁ ଏହା ଜଣାପଡ଼େ । ମୁଁ କିନ୍ତୁ ଇଚ୍ଛା କରେ ନାହିଁ ଯେ, ଅନ୍ୟାନ୍ୟ ଜାତିମାନଙ୍କର କିମ୍ବା ତା'ର ନୀଚସ୍ଥ କର୍ମଚାରୀମାନଙ୍କୁ ଖ୍ରୀଷ୍ଟିୟାନ୍‌ମାନେ ସେମାନଙ୍କ ଉପରେ ଖ୍ରୀଷ୍ଟଧର୍ମ ପ୍ରୟୋଗ କରନ୍ତୁ ।

ଭାରତବର୍ଷ ବାହାରେ ମିଶନାରୀମାନେ ଜାଣିଛନ୍ତି ଯେ ସରକାରୀ କର୍ମଚାରୀ ଉପରେ ତାଙ୍କର କିଛି କର୍ତ୍ତବ୍ୟ ନାହିଁ । ଦୁଇ ସମ୍ପ୍ରଦାୟ (ସରକାରୀ ଓ ମିଶନାରୀ)ର ପରସ୍ପର ମଧ୍ୟରେ ପୃଥକ୍ ରହିଯାଇଛି । ଯେମିତି ଆଦିବାସୀମାନଙ୍କ ଇଂରେଜଙ୍କ ସହିତ ଦୂରତ୍ୱ । ସେଥିପାଇଁ ସରକାରୀ କର୍ମଚାରୀମାନଙ୍କ ଉପରେ ପ୍ରଭାବ ପକାଇପାରନ୍ତି ନାହିଁ । ମିଶନାରୀମାନେ ଓ ସରକାରୀ କର୍ମଚାରୀମାନେ ଭାରତବର୍ଷକୁ ସଭ୍ୟ ଦେଶରେ ପରିଣତ କରିବାପାଇଁ ଚାହିଁଛନ୍ତି । ଖ୍ରୀଷ୍ଟଙ୍କର ଆଦର୍ଶରେ ବିଶ୍ୱାସ କରି ଚାଲିବା ଏବଂ କାର୍ଯ୍ୟରେ ପରିଣତ କରିବା କୌଣସି ପ୍ରଦେଶରେ ସମ୍ଭବ ହୋଇ ନାହିଁ । କେବଳ ଖ୍ରୀଷ୍ଟିୟାନ୍ ବୋଲି ଏବଂ ଖ୍ରୀଷ୍ଟରେ ନ ଚଳିବା ଖ୍ରୀଷ୍ଟିୟାନ୍‌ର ଆଦର୍ଶ ନାହିଁ । ଅନ୍ୟ ପାଖରେ ଦେଖାଯାଏ ଯେଉଁ ବ୍ୟକ୍ତି ବିଶ୍ୱାସ କରି ଡୁବନ ଗ୍ରହଣ କରେ, ଅଥଚ ଖ୍ରୀଷ୍ଟ ଆଦେଶରେ ଚାଲେ । ଖ୍ରୀଷ୍ଟଙ୍କର ପ୍ରଧାନ ଦୁଇ ସତ୍‌ଗୁଣ ହେଉଛି ନମ୍ରତା, ସତ୍ ଓ କ୍ଷମା କରିବା । ପ୍ରଭୁ ଖ୍ରୀଷ୍ଟ ଯେ ନମ୍ରତା ସହ ଶିଷ୍ୟମାନଙ୍କର ପାଦ ଧୁଅନ୍ତି ଏବଂ ଯେଉଁମାନେ ତାଙ୍କୁ କ୍ରୁଶରେ ବିଦ୍ଧ କରିଥିଲେ, ସେମାନଙ୍କୁ କ୍ଷମା ଦେବା ଏହି ଦୁଇ ଆଦର୍ଶ ଖ୍ରୀଷ୍ଟଙ୍କର ଜୀବନରୁ ପ୍ରକାଶିତ ହୋଇ ପୂର୍ବ ଦେଶର ଲୋକମାନଙ୍କର ମନକୁ ଅଭିଭୂତ କରେ । ଏହି ଦୁଇ ଘଟଣା ତାଙ୍କ ସ୍ୱାର୍ଥ ଶୂନ୍ୟତା

Digitized by srujanika@gmail.com

ଦେଖାଏ । ଭାରତୀୟମାନେ ଅସଂଖ୍ୟ ଅବତାରକୁ ଦେବତା ପର୍ଯ୍ୟାୟରେ ପକାଇବାକୁ ଅଭ୍ୟସ୍ତ । ରାମ, କୃଷ୍ଣ, ଚୈତନ୍ୟ ଇତ୍ୟାଦି ଏଭଳି ବହୁ ଅବତାର ଅବତାରମାନଙ୍କୁ ଈଶ୍ୱରଙ୍କର ଗୋଟିଏ ଅଂଶ ବୋଲି ଧରାଯାଏ । ଯେତେବେଳେ ଈଶ୍ୱର ସ୍ୱର୍ଗରେ ରହନ୍ତି, ସେତେବେଳେ ତାଙ୍କୁ ଭକ୍ତି ଓ ଭୟରେ ପୂଜା ଆରାଧନା ହୁଏ । ଯେତେବେଳେ ସେ ମର୍ତ୍ତ୍ୟରେ ଅଛନ୍ତି, ସେତେବେଳେ ଲୋକେ ତାଙ୍କୁ ଭଲ ପାଆନ୍ତି ଏବଂ ପ୍ରେମ ସେତେବେଳେ ଭକ୍ତିରେ ପରିଣତ ହୁଏ । ମନୁଷ୍ୟର ପ୍ରେମ ଭକ୍ତିରେ ପରିଣତ ହୁଏ । ମନୁଷ୍ୟର ପ୍ରେମ ଯେତେବେଳେ ଆମେ ଦେଖୁ, ସେତେବେଳେ ଆମର ଭକ୍ତି ଆଉ ଶ୍ରଦ୍ଧା ଆସେ । ଯେମିତି ଦୃଷ୍ଟାନ୍ତ ସ୍ୱରୂପ ଭୂତପୂର୍ବ ମହାରାଣୀ ଭିକ୍ଟୋରିଆଙ୍କୁ ଖୁବ୍ ଭଲ ଲାଗେ । ଯେତେବେଳେ ଆମ୍ଭେ ଶୁଣୁ ଯେ ସେ ଦୀନହୀନ ଲୋକଙ୍କୁ ଗରିବ ଗୃହରେ ଯାଇ ଦେଖାଶୁଣା କରନ୍ତି ।

ସ୍ନେହ ଏବଂ ଶୁଭେଚ୍ଛା ସହ

ତୁମର ପ୍ରେମମୟ 'ପିତା'

ବହୁ ବିଖ୍ୟାତ ବ୍ୟକ୍ତିଙ୍କର ଦୃଷ୍ଟିରେ ମଧୁବାବୁ ..... ଯେଉଁ ବିଖ୍ୟାତ ବ୍ୟକ୍ତିମାନେ ମଧୁବାବୁଙ୍କର ସମ୍ପର୍କରେ ଆସିଥିଲେ, ମଧୁବାବୁଙ୍କ ତିରୋଧାନରେ, ସେମାନେ ଯେ ତାଙ୍କ ସମ୍ପର୍କରେ ପତ୍ର ଲେଖିଛନ୍ତି ଏବଂ ତାଙ୍କର ଦୁଃଖ ପ୍ରକାଶ କରିଛନ୍ତି । ତାଙ୍କ ଲେଖାରେ ମଧୁବାବୁଙ୍କ ବିଷୟ ଅଙ୍କନ କରିଛନ୍ତି । ଏ ବିଖ୍ୟାତ ବ୍ୟକ୍ତିମାନେ ମଧୁବାବୁଙ୍କ ବିଷୟରେ ଯେଉଁସବୁ ପତ୍ର ଲେଖିଛନ୍ତି, ସେଥିରୁ ଦୁଇ ତିନିଟା ଏହି ପୁସ୍ତକରେ ଯୋଡ଼ାଗଲା । ବହୁ ଗୁଣୀ, ଜ୍ଞାନୀ ଲୋକମାନେ- ପ୍ରାୟ ୫୦ ଜଣ ବିଖ୍ୟାତ ବ୍ୟକ୍ତି ଲେଖିଛନ୍ତି । ସେଥିରୁ ଦୁଇ ତିନିଟା ଉଦାହରଣ ସ୍ୱରୂପ ଲେଖୁଛି :-

ମଧୁବାବୁଙ୍କ ସମ୍ପର୍କରେ ମହାତ୍ମାଗାନ୍ଧୀ କହନ୍ତି —

ମୋର ମଧୁବାବୁଙ୍କ ସାଥିରେ ସାକ୍ଷାତ ହେବାର ସୌଭାଗ୍ୟ ଘଟିଥିଲା । ସେ ହେଉଛନ୍ତି ବିଖ୍ୟାତ ଦେଶପ୍ରେମୀ । ଧର୍ମ ସମ୍ବନ୍ଧରେ ତାଙ୍କର ମତାମତ ଉଦାରବାଦୀ ଥିଲା । ଯଦିଓ ସେ ଖ୍ରୀଷ୍ଟଙ୍କର ମତ ଅବଲମ୍ବୀ ଥିଲେ, ତଥାପି ହିନ୍ଦୁଧର୍ମ ପ୍ରତି ତାଙ୍କର ପ୍ରଗାଢ଼ ଶ୍ରଦ୍ଧା ଥିଲା । ଯେମିତି ତାଙ୍କର ନିଜ ଧର୍ମପ୍ରତି ଥିଲା । ସେ ଯେମିତି ଶିକ୍ଷା ପାଇଥିଲେ, ସେମିତି ଦେଶର ଯୁବକମାନଙ୍କୁ ଶିଖାଇଥିଲେ । ପରିଶ୍ରମର ସାର୍ଥକତା ସେ ପ୍ରକୃତ ଭାବରେ ଦେଖାଇଥିଲେ । ନିଜ ପରିଶ୍ରମ ଦ୍ୱାରା କଟକରେ ଚମଡ଼ା କାରଖାନା ଖୋଲିଥିଲେ ।

Digitized by srujanika@gmail.com

ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ତଥା ... ବାବୁ ରାଜେନ୍ଦ୍ର ପ୍ରସାଦଙ୍କର 'ମଧୁବାବୁ' ପ୍ରତି ପ୍ରେମ ଶ୍ରଦ୍ଧାଞ୍ଜଳି .....

ମୋତିହାରରେ ଯେତେବେଳେ ବିହାର ଯୁବ ସଂଘର ସଭାରେ ମଧୁବାବୁ ବକ୍ତୃତା ଦେବାକୁ ଆସିଥିଲେ, ସେତେବେଳେ ତାଙ୍କ ସାଙ୍ଗରେ ମୋର ଦେଖାହୁଏ । ଆମେ ଦୁହେଁ ଟ୍ରେନ୍ ଆଉ ଷ୍ଟିମର୍‌ରେ ଚମ୍ପାରଣ ଯାତ୍ରା କରିବା ସମୟରେ ଅନେକ ବିଷୟ କଥାବାର୍ତ୍ତା ହୋଇଥିଲୁ, ଯାହାଦ୍ୱାରା ମୋ ମନରେ ତାଙ୍କ ପ୍ରତି ଏକ ଶ୍ରଦ୍ଧା ଭାବ ଜନ୍ମିଲା । ତାଙ୍କର ବ୍ୟକ୍ତିତ୍ୱ, ଜ୍ଞାନର ଗଭୀରତା, ସ୍ୱଦେଶ ପ୍ରେମିକତା, ନିର୍ଭୀକତା ଏବଂ ଦେଶପ୍ରେମ ମତେ ବହୁତ ଉତ୍ସାହିତ କରିଥିଲା । ଦେଶପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ । ତାଙ୍କ ସୁଦୀର୍ଘ ଜୀବନରେ ସେ ନାନା ଭାବରେ ଦେଶ କାର୍ଯ୍ୟରେ ରତ ଥିଲେ- ଆଉ ଦେଶବାସୀଙ୍କୁ ବହୁ ପ୍ରକାରେ ସାହାଯ୍ୟ କରିଥିଲେ । ସେ ମତେ କହିଥିଲେ, ଯଦିଓ ସେ ଅର୍ଥ ସଙ୍କଟରେ ଭାଙ୍ଗିପଡ଼ିଥିଲେ, କେବେହେଲେ ସେ କାହା ପାଖରେ ହାତ ପତାଇ ନାହାନ୍ତି । ଏହା ଖୁବ୍ ଦୁଃଖର ବିଷୟ ଯେ, ସେ ଉତ୍କଳ ଟେନେରୀ ପାଇଁ ଏତେ ଅର୍ଥ ବ୍ୟୟ କରିଥିଲେ; ତାହା ଯେମିତି ଶିଶୁ ଗଢ଼ା ଖେଳଣା, ଯେମିତି ଭଙ୍ଗୁର- ପ୍ରସ୍ତୁତ ହେବା ପୂର୍ବରୁ ଭୂମିସାତ୍ ହୋଇଥାଏ, ସେମିତି ତାଙ୍କର ଗଢ଼ା ଟେନେରୀ ଅର୍ଥର ଅଭାବରୁ ବୃଦ୍ଧି ନପାଇ ଭାଙ୍ଗିଗଲା ।

ମୋର ମନେଅଛି, ଯେତେବେଳେ ସେ ମନ୍ତ୍ରୀ ଥିଲେ, ସେ ଚାଷବ ଜିଲ୍ଲା ବୁଲିବାକୁ ଆସିଥିଲେ । ମୁଁ ଅସୁସ୍ଥ ଥିବା ଶୁଣି ମତେ ଦେଖିବାକୁ ଆସି ମୋର ଗୋଡ଼, ମୁଣ୍ଡ, ଦେହରେ ହାତ ବୁଲାଇ ଦେଉଥିଲେ । ତାଙ୍କର ହାତ ସ୍ପର୍ଶରେ ମୁଁ ବହୁତ ଆରାମ ପାଇଥିଲି ।

ସମସ୍ତେ ଜାଣିଥିଲେ ତାଙ୍କର ଜୀବନ ସନ୍ଧ୍ୟାର ମୁହୂର୍ତ୍ତରେ କି ଭୟଙ୍କର ଅବସ୍ଥା ଭିତର ଦେଇ ତାଙ୍କୁ ଗତି କରିବାକୁ ହୋଇଥିଲା । ଏହି ଦେଶରେ ମନୁଷ୍ୟର ବିଶ୍ରାମ କରିବା ପ୍ରୟୋଜନ । ତାହାଙ୍କୁ ଶେଷ ବୟସରେ ବାହାର କାମ କରିବାକୁ ପଡ଼ିଥିଲା । ତେବେ ବି ସେ ସାହସର ସହିତ ସେ କାର୍ଯ୍ୟର ସମ୍ମୁଖୀନ ହେଲେ । ବିଶ୍ରାମ ପାଉ ନଥିଲେ ।

ପାଟନାର ଅନରେବ୍‌ଲ୍ ଚିଫ୍ ଜଷ୍ଟିସ୍ କ୍ୟାଟନି ... ଟେରାଲି କେଟୀ, ମଧୁବାବୁ ସମ୍ୱନ୍ଧେ ପ୍ରଶଂସନୀୟ ମନ୍ତବ୍ୟ .....

ଭାରତବର୍ଷର ସାମାଜିକ ଜୀବନରେ ମଧୁବାବୁ ଜଣେ ଅମୂଲ୍ୟ ରତ୍ନ । କାରଣ ସେ ତାଙ୍କର ସହକର୍ମୀମାନଙ୍କୁ ପ୍ରେମ କରୁଥିଲେ ଏବଂ ପ୍ରେମର ସହିତ କାର୍ଯ୍ୟ କରୁଥିଲେ ।

Digitized by srujanika@gmail.com

ତାଙ୍କ ନୈତିକତା, ବିଚକ୍ଷଣତା ଭରା ଜୀବନ ସବୁ ଦେଶବାସୀଙ୍କଠୁ ଉଚ୍ଚତର ମାନଦଣ୍ଡର ଥିଲା । ତାଙ୍କର ଜୀବନ ଦେଶପାଇଁ ଉତ୍ସର୍ଗୀକୃତ ଥିଲା । ଦେଶ ସମୃଦ୍ଧିଶାଳୀ ନ ହେଲେ କେବେ ଉନ୍ନତ ସ୍ତରକୁ ଉଠିପାରିବନି - ଏ ଦୂରଦୃଷ୍ଟି ତାଙ୍କର ଥିଲା । ତାଙ୍କର ବାସ୍ତବତା ସମ୍ବନ୍ଧେ ପୂର୍ଣ୍ଣ ଜ୍ଞାନ ଥିଲା ସେଥିପାଇଁ ସେ ଦେଶବାସୀଙ୍କ ସହ ଯୁଦ୍ଧ କରିପାରିଥିଲେ । ସେ ବୁଝିଥିଲେ ଲୋକମାନଙ୍କ ମନ କୁସଂସ୍କାରରେ ଅନ୍ଧକାରମୟ ଥିଲା । ସେ ବୁଝିଥିଲେ ଓଡ଼ିଶାବାସୀମାନଙ୍କର ଅଶେଷ ଗୁଣ ଅଛି; କିନ୍ତୁ ସେମାନଙ୍କର ଯଦି ହସ୍ତ ପଦ ବନ୍ଧନମୁକ୍ତ କରାଯାଏ, ତାହାହେଲେ ସେମାନେ ଉନ୍ନତ ସୁଖମୟ ଜୀବନ ଯାପନ କରିପାରିବେ । ସେଥିପାଇଁ ମଧୁବାବୁ ଆଳସ୍ୟ ଓ ଭୟରୂପୀ ରାକ୍ଷସମାନଙ୍କ ସହିତ ଯୁଦ୍ଧ କରି ଚାଲିଥିଲେ । ସେ ଅତି ସାହସୀ ବୀର ଥିଲେ । ବିପକ୍ଷ ଶକ୍ତି ତାଙ୍କୁ ଜଣାଥିଲା; ତେବେ ବି ସେ ଯୁଦ୍ଧକରି ଚାଲିଥିଲେ । ଯାହାଙ୍କୁ ସେ ଭଲ ପାଉଥିଲେ, ସେ ତାହାଙ୍କୁ ଆନ୍ତରିକତା ସହ ପରାମର୍ଶ ଦେଉଥିଲେ । ଯେମିତି ତା'ର ଜୀବନ କୃତକାର୍ଯ୍ୟ ଓ ଉନ୍ନତ ହୋଇ ସୁଖୀ ଜୀବନ ଯାପନ କରିବାକୁ ହେବ । ସେ ଜାଣୁଥିଲେ କି ପ୍ରକାର ବୈଷୟିକ ଐଶ୍ୱର୍ଯ୍ୟ ଆସିପାରିବ । କେବଳ ମାତ୍ର ଶିଳ୍ପ ଓ କଳକାରଖାନା ମାର୍ଫତ୍‌ରେ ହୋଇପାରିବ; ଆଉ କୌଣସି ଉପାୟ ରାଜନୈତିକ କ୍ଷେତ୍ରରେ ପହଞ୍ଚାଇପାରିବ ନାହିଁ । ସେକଥା ଦେଶବାସୀଙ୍କଠାରୁ ସେ ଜାଣିପାରିଥିଲେ । ମଧୁବାବୁ ନିରୁତ୍ସାହ ଅନାବିଳ ସହକର୍ମୀଙ୍କୁ ନେଇ ଆଉ ନିଜର ଶିଳ୍ପକର୍ମର ଅଭିଜ୍ଞତାକୁ ନେଇ ସେ କାର୍ଯ୍ୟରେ ଲାଗିଥିଲେ । ଶିଳ୍ପକର୍ମର ଉନ୍ନତି ଚେଷ୍ଟାରେ ବିରକ୍ତ ସାଙ୍ଗରେ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଥିଲେ ।

ତାଙ୍କର ନିଷ୍ଠାପରତା ଭବିଷ୍ୟତର କାର୍ଯ୍ୟ କରିବା ସୂଚନା ଦେଉଥିଲା ।

ସେ ମୋର ଜଣେ ନିର୍ଦ୍ଦିଷ୍ଟ ବନ୍ଧୁ ସତ୍ୟ, କିନ୍ତୁ ସେ ମୋର ଅନ୍ତରରେ ଜାଜ୍ୱଲ୍ୟମାନ ଆଶା ଯୋଗାଇଦେଇଛନ୍ତି । କିପ୍ରକାରର ଜଣେ ବ୍ୟକ୍ତି ବାହାରେ କିମ୍ବା ଭିତରେ କିଛି ସାହାଯ୍ୟ ନପାଇ ଉତ୍କଳବାସୀଙ୍କୁ ସାହାଯ୍ୟକରି ଉନ୍ନତ ସ୍ତରରେ ଆଣିପାରେ, ସେ ବିଷୟ ମୋର ମନ ଭିତରେ ଦୋଳାୟମାନ ଥିଲା । ତାଙ୍କର ସ୍ମରଣାର୍ଥେ ଓଡ଼ିଶାବାସୀ ସର୍ବୋଚ୍ଚକୁ ଉଠିବାର ପ୍ରୟାସ ଯଦି କରନ୍ତି , ତାହାହେଲେ ସେମାନେ ଉନ୍ନତରୁ ଉନ୍ନତ ସ୍ତରରେ ପହଂଚି ପାରିବେ ।

—ସମାପ୍ତ—

Digitized by srujanika@gmail.com



କଟକର ମଧୁସ୍ମୃତି ଭବନ, **ବର୍ତ୍ତମାନର** ଶୈଳବାଳା ମହିଳା କଲେଜ ।

Digitized by srujanika@gmail.com

ଜିତେନ୍ଦ୍ର କୁମାର ହାଜରା

Digitized by srujanika@gmail.com

ମିସ୍ ସୁଧାଂଶୁବାଳା ହାଜରା
ବି.ଏ., ବିଏଲ
(ଭାରତର ପ୍ରଥମ ମହିଳା ଆଡ୍‌ଭୋକେଟ୍)

Digitized by srujanika@gmail.com

ଉତ୍କଳ ଗୌରବ ମଧୁସୂଦନ ଦାସ
(୧୯୨୭ ମସିହା)

Digitized by srujanika@gmail.com

ଓଡିଶାର ସିଂହ ମଧୁସୂଦନ ଦାସ
(ସି.ଆଇ.ଇ. ସମ୍ମାନ ଗ୍ରହଣ ବେଳେ)

Digitized by srujanika@gmail.com

ଶ୍ରୀ ଚନ୍ଦ୍ର କୁମାର ହାଜରା
ବାର୍-ଆଟ୍-ଲ

Digitized by srujanika@gmail.com

ମିସ୍ ଶୈଳବାଳା ଦାସ
(ବ୍ରିଟିଶ ମହାରାଣୀଙ୍କୁ ସେଣ୍ଟ ଜେମସ୍ ପାଲେସ୍‌ରେ ୧୯୦୬ ମସିହାରେ
ଲଣ୍ଡନଠାରେ ସାକ୍ଷାତ କରିବା ବେଳେ)

Digitized by srujanika@gmail.com

ମଧୁବାବୁ

Digitized by srujanika@gmail.com

The Grave of the
Late MADHU SUDAN DAS
in the European Cemetry Cuttack.

Digitized by srujanika@gmail.com



Digitized by srujanika@gmail.com